


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୫ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 05 JULY 2025
Vol.No. 36 ■ No.176 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ତାମିଲନାଡୁ ରାଜନୀତିରେ ଚର୍ଚ୍ଚା: ମେଣ୍ଟ ନୁହେଁ ଏକାକୀ ଲଢ଼ିବ ଥାଲାପତି ବିଜୟଙ୍କ ପାର୍ଟି ଟିଭିକେ

ନୂଆଦିଲ୍ଲୀ,୦୪/୭ : ଟିଭିକେର ଏଭଳି ଘୋଷଣା ତାମିଲନାଡୁ ବିଧାନସଭା ନିର୍ବାଚନକୁ ରୋଚକ ମୋଡରେ ପହଁଚାଇଛି । ସବୁବେଳେ ରାଜ୍ୟରେ ଦୁଇଟି ମେଣ୍ଟ ଡିଏମକେ ଓ ଏଆଇଡିଏମକେ ମଧ୍ୟରେ ଲଢ଼େଇ ହୁଏ । କେବଳ ୨୦୨୪ ଲୋକସଭା ନିର୍ବାଚନକୁ ଛାଡିଦେଲେ ଆଉ ପ୍ରାୟ ସମସ୍ତ ନିର୍ବାଚନରେ ଜାତୀୟ ଓ ଆଞ୍ଚଳିକ ଦଳ ଗୁଡ଼ିକ ଏହି ଦୁଇ ମେଣ୍ଟରେ ସାମିଲ ହୋଇଛନ୍ତି । ଏବେ ଟିଭିକେର ଘୋଷଣା ପରେ ରାଜ୍ୟରେ ଆଉ ଏକ ମେଣ୍ଟ ଗଠନ ହେବା ନିଶ୍ଚିତ ହୋଇଛି । ଏଥିରେ ଅନ୍ୟ ଦୁଇଟି ମେଣ୍ଟରେ ସାମିଲ ହୋଇନଥିବା ପିଏମକେ ତଥା ଅନ୍ୟ ଦଳ ମିଶି ପାରନ୍ତି । ଗତବର୍ଷ ପ୍ରଥମାର୍ଦ୍ଧରେ ଲୋକପ୍ରିୟ



ଅଭିନେତା ବିଜୟ ଟିଭିକେ ଦଳ ଗଠନ କରିଥିଲେ । ସମଗ୍ର ରାଜ୍ୟରେ ଥିବା ତାଙ୍କ ପ୍ରଶଂସକମାନଙ୍କ ଆଧାରରେ ବିଜୟ ରାଜନୀତିରେ ମଧ୍ୟ ଅନ୍ୟ ଦୁଇ ମେଣ୍ଟକୁ ଟକ୍କର ଦେବେ ବୋଲି ଆଶା ରଖିଛନ୍ତି । ସେଥିପାଇଁ ବିଜୟଙ୍କ ଟିଭିକେକୁ ଏଆଇଏଡିଏମକେ ମେଣ୍ଟରେ ସାମିଲ ପାଇଁ ବିଜେପି ବହୁ ଉଦ୍ୟମ କରିଛି ମାତ୍ର ଆଜିର ଘୋଷଣା ପରେ ବିଜୟଙ୍କ ନେତୃତ୍ୱରେ ଟିଭିକେ ନିଜର ଏକ ମେଣ୍ଟ କରିବା ସ୍ପଷ୍ଟ ହୋଇଛି । ଜନ ନାୟଗଣକୁ ନିଜ ଜୀବନର ଶେଷ ଚଳଚ୍ଚିତ୍ର ଭାବେ ଅବିହିତ କରି ବିଜୟ ଏବେ ରାଜନୀତରେ ପୂରା ସମୟ ଦେଉଛନ୍ତି । ଏହା ସତ ଯେ ତାମିଲନାଡୁ ରାଜନୀତିରେ ଲୋକପ୍ରିୟ ଚଳଚ୍ଚିତ୍ର ତାରକାମାନେ ଖୁବ ସଫଳ ହୋଇଛନ୍ତି । ଯେପରି କି ଏମଜି ରାଘବେନ୍ଦ୍ରେନ ଓ ଜୟ ଲଳୀତା । ଏହା ସହ ତାଳ ଦେଇ ବହୁ ଚଳଚ୍ଚିତ୍ର ତାରକା ତଥା କମଲ ହାସନ, ରଜନୀକାନ୍ତ ରାଜନୀତିରେ ଏତେଟା ସଫଳ ହୋଇନାହାଁନ୍ତି । ତେବେ ବିଜୟଙ୍କ ରାଜନୀତି ଯାତ୍ରାର ସଫଳତା ଆଗାମୀ ଦିନର ବିଧାନସଭା ନିର୍ବାଚନ ଫଳାଫଳ ଉପରେ ନିର୍ଭର କରୁଛି । ତାରକା ରାଜନୀତି କରିବେ ନା ପୁଣି ଫିଲ୍ମ ଦୁନିଆକୁ ଫେରିବେ ସମୟ ହିଁ କହିବ ।

## ଆଜି ଶ୍ରୀଜିଉଙ୍କ ବାହୁଡ଼ା ଯାତ୍ରା

ପୁରୀ, ୦୪/୭ (ନି.ପ୍ର): ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରିଥିବା ମହାପ୍ରଭୁଙ୍କ ଜନ୍ମବେଦିରେ ଶୁକ୍ରବାର ଶ୍ରଦ୍ଧାଳୁମାନେ ଶେଷ ଦର୍ଶନ କରିଛନ୍ତି । ଶ୍ରୀଜିଉମାନେ ଆସନ୍ତାକାଲି (ଶନିବାର) ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ଫେରିଆସିବେ। ଜନ୍ମବେଦୀରୁ ବାହାରି ଧାଡ଼ି ପହଣ୍ଡିରେ ଆସି ଶରଧାବାଲିରେ ପ୍ରସ୍ତୁତ ଥିବା ରଥ ଉପରେ ବିରାଜିବେ। ବଡ଼ଦାଣ୍ଡ ପୁଣି ଥରେ ଜନସମୁଦ୍ର ପାଲଟିବ। ଲକ୍ଷଲକ୍ଷ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ଆଧାତ୍ମିକ ପରିବେଶ ସୃଷ୍ଟି ହେବ। ବଡ଼ଦାଣ୍ଡରେ ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ହେବ। ଏହା ପୂର୍ବରୁ ଆଜି ଆଡ଼ପ ମଣ୍ଡପରେ ନବମୀ ଅବସରରେ ଶ୍ରୀଜିଉମାନଙ୍କୁ ଲକ୍ଷାଧିକ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି।



▶▶ପୃଷ୍ଠା ୭

## ଉଚ୍ଚଶିକ୍ଷା ବିଭାଗର ବଡ଼ ନିଷ୍ପତ୍ତି: ପିଲା ଭଲ ନ ପଢ଼ିଲେ କଲେଜରେ ପଡ଼ିବ ତାଲା

ଭୁବନେଶ୍ୱର, ୦୪/୭ (ନି.ପ୍ର): ନୂଆ ଶିକ୍ଷାବର୍ଷ ଆରମ୍ଭରୁ ସରକାରଙ୍କ ବଡ଼ ନିଷ୍ପତ୍ତି । ଖରାପ ପ୍ରଦର୍ଶନ କରୁଥିବା କିମ୍ବା ପିଲା ହେଉ ନ ଥିବା ଡିଗ୍ରି କଲେଜଗୁଡ଼ିକ ବନ୍ଦ କରାଯିବ । ସରକାରୀ ଅନୁଦାନପ୍ରାପ୍ତ ଘରୋଇ, ବୃତ୍ତିଗତ ପାଠ୍ୟକ୍ରମରେ ଶିକ୍ଷା ପ୍ରଦାନ କରୁଥିବା କୌଣସି ବି କଲେଜରେ ଯଦି ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ୍ ରହୁଛି କିମ୍ବା ଲଗାତାର ଖରାପ ପ୍ରଦର୍ଶନ ହେଉଛି, ସେହି ଅନୁଷ୍ଠାନରେ ତାଲା ପକାଇବ ଉଚ୍ଚଶିକ୍ଷା ବିଭାଗ । ଉଚ୍ଚଶିକ୍ଷା ବିଭାଗର ଉଚ୍ଚ କ୍ଷମତାସମ୍ପନ୍ନ କମିଟିରେ ଏଭଳି ନିଷ୍ପତ୍ତି ହୋଇଛି ।

## ୭ ଯାଏଁ ପ୍ରବଳ ବର୍ଷା: ଚେତାବନୀ ଜାରି କଲା ପାଣିପାଗ ବିଭାଗ



ଭୁବନେଶ୍ୱର, ୦୩/୭ (ନି.ପ୍ର): ଗାଙ୍ଗେୟ ପଶ୍ଚିମବଙ୍ଗ ଓ ସଂଲଗ୍ନ ଉତ୍ତର ଓଡିଶା ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିବା ଫଳରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆଇଏମଡିର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୬ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗର, ପାର୍ଶ୍ୱବର୍ତ୍ତୀ ଉପକୂଳ ପଶ୍ଚିମବଙ୍ଗ ଓ ବାଂଲାଦେଶ ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା: ମହାନଗର ନିଗମ ହେବ ଜଗନ୍ନାଥ ଧାମ ପୁରୀ

ପୁରୀ, ୦୪/୭ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା । ପୁରୀ ଆଉ ପୌରାଞ୍ଚଳ ମାନ୍ୟତାରେ ରହିବ ନାହିଁ । ଏଣିକି ମହାନଗର ନିଗମ ହେବ ଜଗନ୍ନାଥ ଧାମ ପୁରୀ । ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ଏହି ବଡ଼ ଘୋଷଣା କରିଛନ୍ତି । ତା' ସହିତ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ, ଗ୍ରନ୍ଥାଗାର ଏବଂ ଗବେଷଣା କେନ୍ଦ୍ର ହେବ ପ୍ରତିଷ୍ଠା । ଶ୍ରୀ ଜଗନ୍ନାଥ ସଂସ୍କୃତି, କିମ୍ବଦନ୍ତୀ ଓ ଇତିହାସର ହେବ ପ୍ରଚାର ପ୍ରସାର । ଓଡ଼ିଆ ଅସ୍ମିତାକୁ ଦିଆଯିବ ଗୁରୁତ୍ୱ । ନାଗରିକମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ସାଙ୍ଗକୁ, ବହୁବିଧ ସେବା, ପର୍ଯ୍ୟଟକଙ୍କ ଚର୍ଚ୍ଚା ଦ୍ୱାରା ଏକ ବିରାଟ ସକାରାତ୍ମକ ପରିବର୍ତ୍ତନ ନେଇ ଲକ୍ଷ୍ୟ ରଖିଛନ୍ତି ସରକାର । ଏନେଇ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିବା ବେଳେ ତାଙ୍କ ସହ ରହିଛନ୍ତି ପୁରୀ ସାଂସଦ ସମ୍ବିତ ପାତ୍ର । ୨୦୩୬ ସୁଦ୍ଧା ପୁରୀ ହେବ ସୁନ୍ଦର, ସବୁଜ ଓ ବିକଶିତ ପୁରୀ । ସମୃଦ୍ଧ ପୁରୀ ବିନା ବିକଶିତ ଓଡ଼ିଶ ସମ୍ଭବ ନୁହେଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଏବେ ପବିତ୍ର ପୁରୀ ସହରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଜାରି ରହିଛି । ବାହୁଡ଼ା ଯାତ୍ରା ପାଇଁ ମହାପ୍ରଭୁ ଆଜ୍ଞା ଦେଇସାରିଛନ୍ତି । ଏହି ଯାତ୍ରାକୁ ସୂଚାରୁ ରୂପେ ଏବଂ ସୁରକ୍ଷିତ ଢଙ୍ଗରେ ସଂପୂର୍ଣ୍ଣ କରିବା ପାଇଁ ଠାକୁରଙ୍କ ନିର୍ଦ୍ଦେଶରେ ସମସ୍ତେ ନିଜ ନିଜ ସେବା ପ୍ରଦାନ କରୁଛନ୍ତି । ପୁରୀ ଜଗନ୍ନାଥ ଧାମ



ସାରା ଭାରତର ସବୁ ଧର୍ମସ୍ଥଳୀ ଠାରୁ ଅନନ୍ୟ । ଏଠାରେ ଭକ୍ତ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ହୋଇଯାଆନ୍ତି । ନବଦିନ ବ୍ୟାପି ଏହି ପବିତ୍ର ଯାତ୍ରା ସମୟରେ ବଡ଼ଦାଣ୍ଡରେ ଚାଲୁଥିବା ସବୁ ଭକ୍ତ ଜଣେ ଜଣେ ଦାସିଆ । ମୁଁ ବି ଏହି ଅସଂଖ୍ୟ ଜଗନ୍ନାଥ ଭକ୍ତଙ୍କ ମଧ୍ୟରୁ ଜଣେ ସାଧାରଣ ଭକ୍ତ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟର ମୁଖ୍ୟ ସେବକ ଭାବେ ରାଜ୍ୟବାସୀ ଯେଉଁ ଗୁରୁ ଦାୟିତ୍ୱ ମୋତେ ଅର୍ପଣ କରିଛନ୍ତି, ସେଥି ମଧ୍ୟରୁ ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସହିତ ପୁରୀବାସୀଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ପ୍ରଦାନ କରିବା । ମୁଁ ବ୍ୟକ୍ତିଗତ ଭାବେ ପୂର୍ବରୁ ଅନୁଭବ କରିଛି ଯେ କୌଣସି ନା କୌଣସି କାରଣରୁ ବର୍ତ୍ତମାନର ପୁରୀ ପୌରପାଳିକା ଉଭୟ ଭକ୍ତ ଏବଂ ସହରବାସୀଙ୍କ ▶▶ପୃଷ୍ଠା ୭

## କ୍ଷତିପୂରଣ ଦେବା ନାଁରେ ଶୋଷଣ କରୁଛି ଏୟାରଇଣ୍ଡିଆ

ନୂଆଦିଲ୍ଲୀ,୦୪/୭ : ଏଭଳି କିଛି ଅଭିଯୋଗ ଜଣେ କି ଦୁଇ ଜଣ ନୁହେଁ ପୂରା ୪୦ ପରିବାର ଅଭିଯୋଗ କରିଛନ୍ତି । ଏହି ଅଭିଯୋଗକାରୀ ହେଲେ ଲଣ୍ଡନରେ ରହୁଥିବା କିଛି ଭାରତୀୟ ଓ କିଛି ବ୍ରିଟିଶ ପରିବାର। ଯେଉଁମାନଙ୍କ ସମ୍ପର୍କୀୟ ଜୁନ ୧୨ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ବ୍ରିଟେନର ଏକ ନାମୀ ଲ' ଫାର୍ମ ଷ୍ଟିୱାଟ ଏହି ୪୦ଜଣ ପରିବାରଙ୍କ ଅଭିଯୋଗ ଆଧାରରେ ଏୟାରଇଣ୍ଡିଆ ବିରୋଧରେ ମାମଲା ଲଢୁଛି । ଅହମଦାବାଦ ବିମାନ ଦୁର୍ଘଟଣା ପରେ ମୃତକଙ୍କ ପରିବାର ପାଇଁ ଏୟାରଲାଇନ୍ସ କ୍ଷତିପୂରଣ ରାଶି ଘୋଷଣା କରିଥିଲା । ମୃତକଙ୍କ ପରିବାରଙ୍କୁ ଏକ କୋଟି ଲେଖାଏଁ କ୍ଷତିପୂରଣ ସହ ଆହତଙ୍କୁ ୨୫ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ଘୋଷଣା ପରେ ପରିବାର ସେହି ଅନୁଯାୟୀ ଦାବି ଆରମ୍ଭ କରିଛନ୍ତି । ତେବେ ଫର୍ମ ପୂରଣ ସମୟରେ ଯେଉଁ ସମସ୍ୟା ଦେଇ ଗତି କରୁଛନ୍ତି ତାକୁ ନେଇ ବଡ ଅଭିଯୋଗ କରିଛି ଲ ଫାର୍ମ । ସେପଟେ ଏହି ଅଭିଯୋଗକୁ ଖଣ୍ଡନ କରିଛି ଏୟାରଇଣ୍ଡିଆ । ଅଭିଯୋଗକୁ ଭିତିହୀନ କହି ଏୟାରଲାଇନ୍ସ ପକ୍ଷରୁ ଏକ ବୟାନ ଜାରି କରାଯାଇଛି । ଅହମ୍ମଦାବାଦ ବିମାନ ଦୁର୍ଘଟଣା ସାରା ଦେଶକୁ ମର୍ମାହତ କରିଛି । ଯଥାଶୀଘ୍ର ମୃତକଙ୍କ ପରିବାରକୁ ଘୋଷଣା ମୁତାବକ କ୍ଷତିପୂରଣ ଦିଆଯିବ ।

▶▶ପୃଷ୍ଠା ୭

## ବେତନଟୀ ବ୍ଲକ ସାମ୍ବାଦିକ ସଂଘର ହସ୍ତକ୍ଷେପ କ୍ରମେ ନିଖୋଜ ବୃଦ୍ଧାଙ୍କୁ ଫେରିପାଇଲେ ଘରଲୋକ


ବେତନଟୀ, ୦୪/୭ (ନି.ପ୍ର): ପଶ୍ଚିମବଙ୍ଗରୁ କିଛିଦିନ ପୂର୍ବରୁ ନିଖୋଜ ହୋଇଯାଇଥିବା ଜନୈକା ବୃଦ୍ଧାଙ୍କୁ ସ୍ଥାନୀୟ ସମାଜସେବୀ ଏବଂ କିଛି ଦୋକାନୀ ଖାଦ୍ୟ ପାନୀୟ ଯୋଗାଇ ଆସୁଥିବା ବେଳେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ହସ୍ତକ୍ଷେପ କ୍ରମେ ନିଖୋଜ ବୃଦ୍ଧାଙ୍କୁ ଫେରିପାଇଲେ ଘରଲୋକ । ସୂଚନା ମୁତାବକ ପଶ୍ଚିମବଙ୍ଗ ଜାମଶୋଳା ଉପକଣ୍ଠ ସାତମା ଡମ୍ବରୁଛକ ଇଲାକାରେ ନିଖୋଜ ମହିଳା ଦିଲ୍ଲୀପ ପାତ୍ରଙ୍କ ସ୍ୱାମୀ ବାସନ୍ତୀ ପାତ୍ର(୬୦)ଙ୍କ



ବାପଘର । ଶାଶୁଘର ଗୋପୀବଲ୍ଲଭପୁର ଥାନା ଅଧୀନ ରମ୍ଭା ଉପକଣ୍ଠ ସର୍ବାଣୀ ଅଞ୍ଚଳର ବୋଲି ଜଣାପଡିଛି । ସୂଚନା ମୁତାବକ ବାସନ୍ତୀଙ୍କ ମାନସିକସ୍ଥିତି ସ୍ୱଭାବିକ ନଥିବା ବେଳେ ସେ ପ୍ରାୟ ସମୟ ଘରୁ ପଳାଉ ଯାଉଥିବା ଉଦ୍ଧାର କରିବାକୁ ଆସିଥିବା ଘରଲୋକେ ସୂଚନା ଦେଇଛନ୍ତି । ତେବେ ବାସନ୍ତୀ ପ୍ରାୟ ସପ୍ତାହକ ପୂର୍ବରୁ କୌଣସି ପ୍ରକାରେ ବେତନଟୀରେ ପହଞ୍ଚିଥିବା ବେଳେ ବଙ୍ଗଳାଛକ ଦୋକାନପିଣ୍ଡାରେ ଆଶ୍ରୟ ନେଇଥିଲେ । ସେଠାରେ ଦୂର୍ଗା ନାଥ, ଲିପୁନ ସ୍ୱାଇଁ, ବାବୁଆ ପ୍ରମୁଖ ଦୋକାନୀମାନେ ବାସନ୍ତୀଙ୍କୁ ଦିନକୁ ତିନିବେଳଅ କାଇବାକୁ ଦେଉଥିଲେ । ବାସନ୍ତୀଙ୍କୁ ବାରମ୍ବାର ଘର ଏବଂ ସମ୍ପର୍କୀୟଙ୍କ ବାବଦରେ ପଚାରିଥିଲେ ସୁଦ୍ଧା ଆଦୌ କଥାବାର୍ତ୍ତା କରୁନଥିଲେ । ଶେଷରେ ଗୁରୁବାର ରାତି ତାଙ୍କର ଘର ▶▶ପୃଷ୍ଠା ୭

## ପୁରୀ ବିମାନବନ୍ଦର ନିର୍ମାଣକୁ ଲାଗିଲା ଝଟକା: ଜଙ୍ଗଲ ଜମି ଅଧିଗ୍ରହଣ ଅନୁମୋଦନ ସ୍ଥଗିତ

ପୁରୀ, ୦୪/୦୭ (ନି.ପ୍ର): ପୁରୀ ବିମାନ ବନ୍ଦର ନିର୍ମାଣକୁ ଝଟକା । ଗତ କିଛି ଦିନ ତଳେ ବିମାନବନ୍ଦର ନିର୍ମାଣକୁ ଅନୁମତି ଦେଇଥିଲେ କେନ୍ଦ୍ର ସରକାର । କିନ୍ତୁ ଏବେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଆପତ୍ତି ଉଠାଇବା ପରେ ଅନିଶ୍ଚିତତା ଭିତରକୁ ଠେଲି ହୋଇଛି ଏହି ଯୋଜନା । ୫ହଜାର କୋଟିରୁ ଅଧିକ ଖର୍ଚ୍ଚରେ ଏହାର ନିର୍ମାଣ ହେବାକୁ ଥିବାବେଳେ ଏବେ ଏଥିରେ ରୋକ ଲାଗିଛି । ଜଙ୍ଗଲ ଜମି ସାଙ୍ଗକୁ ବିଦେଶୀ ପକ୍ଷୀ ଓ ଅଲିଭ୍‌ରିଡଲେଙ୍କ ସୁରକ୍ଷାକୁ




ନଜରରେ ରଖି ଆପତ୍ତି ଉଠାଇଛି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ । ପୁରୀ ବିମାନବନ୍ଦର ନିର୍ମାଣ ରାସ୍ତାରେ ବାଧକ ସାଜିଲା କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ । ମନ୍ତ୍ରାଳୟ ପକ୍ଷରୁ ଆପତ୍ତି ଉଠାଇ କୁହାଯାଇଛି ଯେ ବିମାନ ବନ୍ଦର ନିର୍ମାଣ ହେଲେ ପରିବେଶ ଓ ଜୈବ ବିବିଧତା ବିପଦରେ ▶▶ପୃଷ୍ଠା ୭

## ତାଲିବାନୀ ଶାସନକୁ ଋଷିଆର ସମର୍ଥନ: ଚିନ୍ତାରେ ପଡ଼ିଲା ପାକିସ୍ତାନ


ନୂଆଦିଲ୍ଲୀ, ୦୪/୭ : ଆଫଗାନିସ୍ତାନରେ ତାଲିବାନ ଶାସନ ନେଇ ବଡ଼ ନିଷ୍ପତ୍ତି ନେବାକୁ ଯାଉଛି ଋଷିଆ । ଏହି ନିଷ୍ପତ୍ତି ପାକିସ୍ତାନକୁ ଚିନ୍ତାରେ ପକାଇପାରେ। ଗତ ଗୁରୁବାର ତାଲିବାନୀ ସରକାର ପକ୍ଷରୁ କୁହାଯାଇଥିଲା ଯେ, ଋଷିଆ

▶▶ପୃଷ୍ଠା ୭



## ଜଣେ ମହିଳା ହୋଇପାରନ୍ତି ରାଷ୍ଟ୍ରୀୟ ବିଜେପି ମୁଖିଆ: ରେସ୍‌ରେ ଆଗରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ

ନୂଆଦିଲ୍ଲୀ,୦୪/୭ : ଜଣେ ମହିଳା ହୋଇପାରନ୍ତି ବିଜେପିର ନୂଆ ମୁଖିଆ । ପ୍ରଥମ ଥର ପାଇଁ ଦଳ ଜଣେ ମହିଳାଙ୍କୁ ଅଧ୍ୟକ୍ଷ ପଦବୀରେ ବସାଇବାକୁ ଯୋଜନା କରୁଛି । ବିଜେପି ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷକୁ ନେଇ ଏଥର ମହିଳା କାର୍ଡ ଖେଳିପାରେ ଦଳ । ମିଳିଥିବା ସୂଚନା ମୁତାବକ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ରେସରେ ସବୁଠୁ ଆଗରେ ଅଛନ୍ତି । ଏବେର ଅଧ୍ୟକ୍ଷ ଜେପି ନଡ୍‌ଡାଙ୍କ କାର୍ଯ୍ୟକାଳ ୨୦୨୩ ଜାନୁଆରୀରେ ସରିବାର ଥିଲା । କିନ୍ତୁ ଲୋକସଭା ନିର୍ବାଚନ ପାଇଁ ଜୁନ ୨୦୨୪ ପର୍ଯ୍ୟନ୍ତ ନଡ୍ଡାଙ୍କ କାର୍ଯ୍ୟକାଳ ▶▶ପୃଷ୍ଠା ୭



# ବଲାଙ୍ଗିର ସିନିୟର ନକଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଷଷ୍ଠ ଦିବସ

ବଲାଙ୍ଗିର, ୦୪/୦୭ (ନି.ପ୍ର): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଜିଲ୍ଲାର ଆଜି ୮ ଗୋଟି ପଡିଆରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଟାଉନ ହାଇସ୍କୁଲ ପଡିଆରେ ସିସିଏଫ୍ଏ ୧୦-୦ ଗୋଲରେ ଘୁଚେପାଲିକୁ ହରାଇଛି । ଏଥିରେ ଅତିଥି ଭାବେ ପୂର୍ବତନ ଖେଳାଳି ଲୋକନାଥ ନେପାକ ଓ କାଳେନ୍ଦ୍ର ପ୍ରସାଦ ନାଗ ଯୋଗ ଦେଇଥିଲେ । ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ମଂଚାସିନ ଥିଲେ । ଖେଳକୁ ବିକି ବିଶି, ରାଜେନ୍ଦ୍ର ସେଠ, ନରସିଂସ୍ୱାମୀ ନାଇଡୁ ଓ ଜିତୁ ଦଲାଇ ପରିଚାଳନା କରିଥିଲେ । ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ସୁଜିଆ ୪-୨ ଗୋଲରେ ଚନ୍ଦନଭାଟିକୁ ହରାଇଛି । ଅତିଥି ଭାବେ ପୂର୍ବତନ ବଲାଙ୍ଗିର ବ୍ଲକ ଚେୟାରମେନ ଗୋଲାପ ବାଗ ଯୋଗ ଦେଇଥିଲେ । ଖେଳକୁ ସଂଜିବ ମହାରଣା, ସୁରେଶ ନାଏକ, ଉମେଶ ଭୋଇ ଓ ସୁଧାଂଶୁ ସେଠ ପରିଚାଳନା କରିଥିଲେ । ଚୁଡାପାଲି ପଡିଆରେ ନକଟାସର ୩-୦ ଗୋଲରେ ଗେର୍ଡିକୁ ହରାଇ ବିଜୟୀ ହେଲା । ପୂର୍ବତନ ଖେଳାଳି ନିଳମଣି ଦଣ୍ଡସେନା ଓ ଲୋକନାଥ କୁମୁରା ଅତିଥି ଭାବେ ଯୋଗ ଦେଇଥିବା ବେଳେ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମଂଚାସିନ ଥିଲେ । ଖେଳକୁ ଦୋଳଗୋବିନ୍ଦ ମୁଣ୍ଡା, ମଂଟୁ ବେହେରା, ପୁରୁଷୋତମ ବୁଡେକ ଓ ବୈକୁଣ୍ଠ ଜେନା ପରିଚାଳନା କରିଥିଲେ । ଜରାସିଂହା ମିନି ଷ୍ଟାଡିୟମ ରେ ମହିପୁର ୩-୦ ଗୋଲରେ ଚନ୍ଦ୍ରପୁର କୁ ହରାଇ ବିଜୟୀ ହେଲା । ଅତିଥି ଭାବେ ଜରାସିଂହା ଯୁକ୍ତ ଦୁଇ ଅଧ୍ୟକ୍ଷ ବସନ୍ତ ମନହିରା, ଅଧ୍ୟାପକ ରଂଜନ ପାଣିଗ୍ରାହୀ ଓ ଧୁବାଇ ପଟେଲ, ପୂର୍ବତନ ଖେଳାଳି ସୁଦାମ ବାଗ ଯୋଗ ଦେଇଥିଲେ । ଖେଳକୁ ସଂଜନ କୁଦେଇ, ଡୋଳାମଣି ବଗର୍ତି, ସତ୍ୟ ଦଣ୍ଡସେନା ଓ ପ୍ରଶାନ୍ତ ଥନାପତି ପରିଚାଳନା କରିଥିଲେ । ବଙ୍ଗୋମୁଣ୍ଡା ପଡିଆରେ କେଏଫ୍ସି କଂଟାବାଞ୍ଜି ୧-୦ ଗୋଲରେ ବିଏସଏଫସି କଂଟାବାଞ୍ଜିକୁ ହରାଇ ବିଜୟୀ ହେଲା । ଅତିଥି ଭାବେ କ୍ରୀଡା ସଂସଦ କାଉନସିଲ ସଭ୍ୟ ବିଜୟ କୁମାର ବନସଲ ଯୋଗ ଦେଇଥିଲେ । ଖେଳକୁ ଦୁଷ୍ମନ୍ତ ସାହୁ, ଡିସାମ୍ବର ଭୋଇ, ଦୁଷ୍ମନ୍ତ ବେହେରା ଓ ସୁନିଶ ପ୍ରଧାନୀ ପରିଚାଳନା କରିଥିଲେ । ଖୁଜେନପାଲି ପଡିଆରେ ସ୍ପୋର୍ଟ୍ସ ହଷ୍ଟେଲ ବଲାଙ୍ଗିର ୨-୦ ଗୋଲରେ ଜେଏଫ୍ଏ ମହିମୁଣ୍ଡାକୁ ହରାଇ ବିଜୟୀ ହେଲା । ଅତିଥି ଭାବେ ସଂସଦର ଯୁଗ୍ମ ସଂପାଦକ ଶତୃଘନ ସିଂ, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା ଓ ପୂର୍ବତନ ଖେଳାଳି ସୁଦାମ ପାଣିଗ୍ରାହୀ ଯୋଗ ଦେଇଥିଲେ । ଖେଳକୁ ଅବଦୁଲ ମୁଜିବ, ରାଜେନ୍ଦ୍ର ଧରୁଆ, ସୁଦର୍ଶନ ସେଠ, ଶୁଶାନ୍ତ ନାଗ ଓ ଖୁସିରାମ ମଲ୍ଲିକ ପରିଚାଳନା କରିଥିଲେ । ଲୋଇସିଂହା ମିନି ଷ୍ଟାଡିୟମ ରେ ବଲାଙ୍ଗିର ପୋଲିସ ଟିମ୍ ୩-୦ ଗୋଲରେ ଅମାମୁଣ୍ଡାକୁ ହରାଇ ବିଜୟୀ ହେଲା । ଅତିଥି ଭାବରେ ପୂର୍ବତନ ଖେଳାଳି ଶ୍ରୀକାନ୍ତ ରାଉତ ଯୋଗ ଦେଇଥିବା ବେଳେ କ୍ରୀଡା ସଂସଦ ସଦସ୍ୟ ଦିଲପ ବେହେରା ମଂଚାସିନ ଥିଲେ । ଖେଳକୁ ବିଜୟ ରଣା, ଗୋପାଳ ପ୍ରଧାନ, କରୁଣାକର ପ୍ରଧାନ, ପ୍ରଦୀପ ବଗର୍ତି ଓ ଅଞ୍ଜନ ବେସ୍ରା ପରିଚାଳନା କରିଥିଲେ । ଟିଟିଲାଗଡ ସିଟି ସ୍କୁଲ ପଡିଆରେ ଜୁରାବନ୍ଧ କେସିୟୁ ୪-୧ ଗୋଲରେ ରାଇଜିଂ ଷ୍ଟାର ଟିଟିଲାଗଡକୁ ହରାଇ ବିଜୟୀ ହୋଇଛି ।

ମୁଖ୍ୟ ଅତିଥି ଭାବେ ଟିଟିଲାଗଡ ବିଧାୟକ ନବୀନ ଜୈନ ଯୋଗ ଦେଇଥିଲେ । ଖେଳକୁ ଆଶିର୍ବାଦ ସା, ମୋହନ ପ୍ରଧାନୀ, ପ୍ରିତମ ନାଏକ, ଆଶିଷଦେବ ସା ଓ ଧବଳେଶ୍ୱର ଦଳବେହେରା ପରିଚାଳନା କରିଥିଲେ ।

# ବଲାଙ୍ଗିର, ନବରଙ୍ଗପୁର ଓ ଗଞ୍ଜାମ (ପୂର୍ବ) ସାଙ୍ଗଠନିକ ପାଇଁ ଷ୍ଟିଅରିଂ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର, ୦୪/୦୭ (ନି.ପ୍ର): ବଲାଙ୍ଗିର, ନବରଙ୍ଗପୁର ଓ ଗଞ୍ଜାମ (ପୂର୍ବ) ସାଙ୍ଗଠନିକ ଜିଲ୍ଲାରେ ଜିଲ୍ଲା ସଂଯୋଜକ ନିଯୁକ୍ତି ହୋଇନଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ୩ଟି ପୃଥକ ଷ୍ଟିଅରିଂ କମିଟି ଗଠନ କରି ସେମାନଙ୍କ ନାମ ତାଲିକା ନିମ୍ନମତେ ଘୋଷଣା କରିଛନ୍ତି । ବଲାଙ୍ଗିର ଜିଲ୍ଲା ଷ୍ଟିଅରି କମିଟିରେ ଅନିଲ ମେହେର-ଆବାହାକ ଭାବେ ରହିଥିବାବେଳେ ସର୍ବଶ୍ରୀ ସମରେନ୍ଦ୍ର ମିଶ୍ର, ଅଶୋକ ନନ୍ଦ, ରାଧାକାନ୍ତ ନାୟକ, ନରେନ୍ଦ୍ର ମେହେର, ସନ୍ତକ ବହିଦାର ଓ ବିରେନ୍ଦ୍ର ବାଗ ସଦସ୍ୟ ଭାବରେ ରହିଛନ୍ତି ଏବଂ ସନ୍ତୋଷ ସିଂ ସାଲୁଜା, ଅରବିନ୍ଦ ଦାସ, ଗଣେଷ ସାହୁ ଓ ଆକବର ଖାନ୍ ନିମନ୍ତ୍ରିତ ସଦସ୍ୟଭାବେ ରହିଛନ୍ତି । ସେହିପରି ନବରଙ୍ଗପୁର ଜିଲ୍ଲା ଷ୍ଟିଅରିଂ କମିଟିରେ ସଦନ ନାୟକ-ଆବାହାକ ଭାବେ ରହିଥିବାବେଳେ ସର୍ବଶ୍ରୀ ଭୁଜବଳ ମାଝି, ମନୋରଞ୍ଜନ ତ୍ରିପାଠୀ, ସନରାଜ ଗଣ୍ଡ, ଅଖିଳ ଭତ୍ରା, ଦ୍ୱାରିକା ମହାପାତ୍ର, ଲିପିକା ମାଝୀ, ଅର୍ଜୁନ ସମର୍ଥ, ସବଲମ୍ ସାଉଁତା, ଦିଲ୍ଲୀପ ବେହେରା, ମନସା ତ୍ରିପାଠୀ, ଟି ନାଗରତ୍ନମ୍, ବୃନ୍ଦାବନ ତ୍ରିପାଠୀ, ବଂଶି ମାଝୀ, ଧରମ ସିଂ ମଙ୍ଗଳାମାଝୀ ଓ କ୍ଷମରାଜ ବାଗ୍ ସଦସ୍ୟ ଭାବରେ ରହିଛନ୍ତି । ଅନୁରୂପ ଭାବରେ ଗଞ୍ଜାମ (ପୂର୍ବ) ସାଂଗଠନିକ ଜିଲ୍ଲା ଷ୍ଟିଅରିଂ କମିଟିରେ ଡଃ ତ୍ରିନାଥ ବେହେରା - ଆବାହାକ ରହିଥିବା ବେଳେ ରଶ୍ମିରଞ୍ଜନ ପଟ୍ଟନାୟକ-ସହ ଆବାହକ ରହିଛନ୍ତି ଏବଂ ସର୍ବଶ୍ରୀ ଶାକା ସୁଜିତ କୁମାର, ଗଣପତି ବାରିକ, ଶ୍ୟାମ ସୁନ୍ଦର ସାହୁ ଓ ବିକାଶ ନାୟକ ସଦସ୍ୟ ଭାବରେ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି ।

# ବଲେରୋକୁ ଅଟକାଇ ଲୁଟିନେଲେ ୧ଲକ୍ଷ ଟଙ୍କା : ଥାନାରେ ଅଭିଯୋଗ

ଜୟପୁର, ୦୪/୦୭ (ନି.ପ୍ର): ଜୟପୁର ବେଲରୋଡ ନିକଟରେ ଏକ ବଲେରୋ ଗାଡିକୁ ଅଟକାଇ ୩ଜଣ ଦୁର୍ବୃତ୍ତ ୧ଲକ୍ଷ ଟଙ୍କା ଲୁଟି ନେଇଯାଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି । ଥାନାରେ ଅଭିଯୋଗ ଦିଆଯାଇଥିଲେ ହେଁ ପୁଲିସ ଏନେଇ କିଛି ଜାଣି ନଥିବା ପ୍ରକାଶ କରିଛନ୍ତି । ଆଜି ମଧ୍ୟାହ୍ନରେ ଜୟପୁର ବ୍ଲକ ହାଡିଆ ଗ୍ରାମର କମଳ ଲୋଚନ ଭତ୍ରା ଓ ତାଙ୍କ ୫ଜଣ ସହଯୋଗୀ ଏକ ବଲେରୋରେ ଜୟପୁର ଗାନ୍ଧିଛକ ଷ୍ଟେଟ ବ୍ୟାଙ୍କକୁ ଟଙ୍କା ଉଠାଣ କରିବାକୁ ଆସିଥିଲେ । ବ୍ୟାଙ୍କରୁ କମଳ ଲୋଚନ ୩ଲକ୍ଷ ୯୦ ହଜାର ଟଙ୍କା ଉଠାଇଥିଲେ । ଟଙ୍କା ଗୁଡିକୁ ଗାଡିରେ ରଖି ସମସ୍ତେ ଗାନ୍ଧିଛକ ନିକଟସ୍ଥ ଏକ ହୋଟେଲକୁ ଖାଇବାକୁ ଗଲେ । ଖାଇସାରିବା ପରେ ବେଲରୋଡ ଦେଇ ରାଜାନହର ଯିବା ସମୟରେ ବେଲରୋଡ ନିକଟରେ ଗୋଟିଏ ବାଇକରେ ୩ଜଣ ଦୁର୍ବୃତ୍ତ ଠିଆ ହୋଇଥିଲେ । ଜଣେ ବଲେରୋ ଗାଡି ସମ୍ମୁଖରେ ଠିଆ ହୋଇ ଗାଡିକୁ ଅଟକାଇଥିବା ବେଳେ ଅନ୍ୟ ଜଣେ ବଲେରୋ ଭିତରେ ହାତ ପଶାଇ ଟଙ୍କା ବ୍ୟାଗରୁ ଟଙ୍କା କାଡି ନେଇଯାଇଥିବା ବେଳେ ଅନ୍ୟଜଣେ ଗାଡିରେ ବସି ରହିଥିଲା । ଗାଡିରେ ଥିବା ଟଙ୍କା ବ୍ୟାଗରୁ ୫ଶହ ଟଙ୍କାର ଦୁଇଟି ବଣ୍ଡେଲ ଅର୍ଥାତ ଏକଲକ୍ଷ ଟଙ୍କା ଝାମ୍ପିନେଇ ୩ଜଣ ଦୁର୍ବୃତ୍ତ ବାଇକରେ ଚାଲିଯାଇଥିଲେ । ଏନେଇ କମଳଲୋଚନ ଏବଂ ତାଙ୍କ ୫ ସହଯୋଗି ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଟାଉନ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ମଧ ସନ୍ଧ୍ୟାରେ ଏନେଇ ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତଙ୍କ ସହ ଯୋଗାଯୋଗ କରିବାରୁ ସେ ଏ ବିଷୟରେ କିଛି ଜଣିନାହିଁ ବୋଲି କହିଛନ୍ତି । ପୁଲିସର ଏହିପରି ତତ୍ପରତା ଓ ଏହିପରି ଉତ୍ତର ଶୁଣିବା ଯୋଗୁଁ ପୁଲିସ ଉପରୁ ସମସ୍ତଙ୍କ ଭରସା ଉଠିଯାଉଛି । ସହର ମଧ୍ୟରେ ଅଘଟଣ ଘଟିଗଲେ ମଧ ଯଦି ପୁଲିସ ନିଷ୍କ୍ରିୟ ପରି ବ୍ୟବହାର କରୁଛି ତେବେ ଆଗାମୀ ଦିନରେ ପୁଲିସ ଉପରେ ଲୋକଙ୍କ ଭରସା ଉଠିଯିବା ସ୍ୱଭାବିକ । ସେହିପରି ଆଜି ସ୍ଥାନୀୟ ପାଣିନଳା ସାହିରେ ଜଣେ ଛାତ୍ର ଟିଉସନ ଯାଉଥିବା ସମୟର କିଛି ଦୁର୍ବୃତ୍ତ ମୋବାଇଲ ଫୋନ ଟାଣି ନେଇଯାଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତିକରି ପୁଲିସ ଏନେଇ ଏକ ମାମଲା ରୁଜୁ କରି ସିସିଟିଭି ଦେଖି ସନ୍ଧାନ ଜାରି ରଖିଛି ।

# ଭାରତ ଗୌରବ ଟ୍ରେନ ପଠାନକୋଟ କ୍ୟାଂଟରୁ ଦକ୍ଷିଣ ଭାରତକୁ ଯାତ୍ରା କରିବ

ଭୁବନେଶ୍ୱର, ୦୪/୦୭ (ନି.ପ୍ର): ଦକ୍ଷିଣ ଭାରତର ପ୍ରସିଦ୍ଧ ଧାର୍ମିକ ସ୍ଥଳଗୁଡ଼ିକୁ ଦର୍ଶନ କରିବାକୁ ଚାହୁଁଥିବା ଭକ୍ତମାନଙ୍କ ପାଇଁ ଭାରତ ଗୌରବ ଟ୍ରେନ ଚଳାଇବାକୁ ନିଷ୍ପତି ନିଆଯାଇଛି । ଏହି ସ୍ୱତନ୍ତ୍ର ଟ୍ରେନ ୨୮ ଜୁଲାଇରେ ଦକ୍ଷିଣ ଭାରତର ଦିବ୍ୟ ଯାତ୍ରାରେ ବାହାରୁଛି । ଏହି ୧୩ ଦିନିଆ ମହାନ ଯାତ୍ରା ପଠାନକୋଟ କ୍ୟାଂଟ ଷ୍ଟେସନରୁ ଆରମ୍ଭ ହେବ ଏବଂ ଯାତ୍ରୀମାନଙ୍କୁ ଦକ୍ଷିଣ ଭାରତର ପ୍ରମୁଖ ତୀର୍ଥସ୍ଥଳ ଯେପରିକି ତିରୁପତି, ରାମେଶ୍ୱରମ, ମଦୁରାଇ, କନ୍ୟାକୁମାରୀ ଏବଂ ମଲ୍ଲିକାର୍ଜୁନ ଭଳି ବିଭିନ୍ନ ତୀର୍ଥସ୍ଥାନ ଗୁଡିକୁ ପରିଭ୍ରମଣ କରାଇବ ଯାହା ଆଧାତ୍ମିକ ଅଭିଜ୍ଞତା, ସୁବିଧା ଏବଂ ସୁଲଭ ମୂଲ୍ୟର ଏକ ଅନନ୍ୟ ସଙ୍ଗମ ହେବ । ଏହି ଟ୍ରେନ ପଠାନକୋଟ କ୍ୟାଣ୍ଟ ଷ୍ଟେସନରୁ ଆରମ୍ଭ ହେବ । ଏହାର ପ୍ରମୁଖ ବୋର୍ଡିଂ ପଏଣ୍ଟଗୁଡ଼ିକ ମଧ୍ୟରେ ଜଳନ୍ଧର ସିଟି, ଲୁଧିଆନା, ଚଣ୍ଡିଗଡ଼, ଅମ୍ବାଲା କ୍ୟାଂଟ, କୁରୁକ୍ଷେତ୍ର, କର୍ଣ୍ଣାଲ, ପାନିପତ, ସୋନିପତ, ହଜରତ ନିଜାମୁଦ୍ଦିନ, ମଥୁରା, ଆଗ୍ରା କ୍ୟାଂଟ ଏବଂ ଗ୍ୱାଲିୟର ଅନ୍ତର୍ଭୁକ୍ତ । ମୋଟାମୋଟି ଭାବରେ, ଏହି ଯାତ୍ରା ୧୨ ରାତି ୧୩ ଦିନ ରହିବ ଯାହାର ଫେରିବା ପାଇଁ ୯ ଅଗଷ୍ଟରେ ସ୍ଥିର କରାଯାଇଛି । ଯାତ୍ରା ପାଇଁ ତିନୋଟି ବର୍ଗରେ ସିଟ୍ ଉପଲବ୍ଧ - ସ୍ଲିପର୍ କ୍ଲାସ୍ (୬୪୦ ସିଟ୍), ୩-ଏସି ୭୦ ସିଟ୍ ଏବଂ ୨-ଏସି ୫୦ ସିଟ୍ । ଭଡ଼ା ମଧ ବହୁତ ସୁଲଭ ରଖାଯାଇଛି । ସ୍ଲିପର୍ କ୍ଲାସ୍ ୩୦,୧୩୫ ଟଙ୍କା ହୋଇଥିବାବେଳେ ୩-ଏସି ୪୩,୩୭୦ ଟଙ୍କା ଏବଂ ୨-ଏସି ୫୭,୪୭୦ ଟଙ୍କା ପ୍ରତି ବ୍ୟକ୍ତି (ସମସ୍ତ ଦର ଜିଏସଟି ସମେତ) ରଖାଯାଇଅଛି । ଏହି ପ୍ୟାକେଜରେ ଟ୍ରେନ ଟିକେଟ ସହିତ ଦୈନନ୍ଦିନ ଖାଦ୍ୟ, ଆରାମଦାୟକ ରହଣି, ଦର୍ଶନ ପାଇଁ ଏସି/ନନ୍-ଏସି ବସ୍, ଟୁର୍ ଏସ୍କର୍ଟ, ସୁରକ୍ଷା ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ଇତ୍ୟାଦି ଅନ୍ତର୍ଭୁକ୍ତ । ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରୁଥିବା ଏହି ଯାତ୍ରାରେ ଅଂଶଗ୍ରହଣ କରି ଭକ୍ତମାନେ କେବଳ ଦକ୍ଷିଣ ଭାରତର ପ୍ରମୁଖ ମନ୍ଦିରଗୁଡ଼ିକୁ ପରିଦର୍ଶନ କରିପାରିବେ ନାହିଁ ବରଂ ଯାତ୍ରା ସମୟରେ ଭାରତୀୟ ରେଳବାଇ ଦ୍ୱାରା ନିଶ୍ଚିତ କରାଯାଇଥିବା ସୁବିଧା ଏବଂ ବ୍ୟବସ୍ଥା ସେମାନଙ୍କୁ ଏକ ଆରାମଦାୟକ ଏବଂ ଭାବପ୍ରବଣ ଅଭିଜ୍ଞତା ମଧ ପ୍ରଦାନ କରିବ । ଅଧିକ ସୂଚନା କିମ୍ବା ସଂରକ୍ଷଣ ପ । ଇ ଁ , ଡବ୍ଲୁଡବ୍ଲୁଡବ୍ଲୁ.ଆଇଆରସିଟିସି ଟୁରିଜିମ୍. କମ୍ କିମ୍ବା ଆଇଆରସିଟିସି ଚଣ୍ଡିଗଡ଼ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରାଯାଇପାରିବ ।

# ଆଦର୍ଶ ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

କେନ୍ଦ୍ରାପଡ଼ା , ୦୪/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଢୋଲ ଗ୍ରାମ ପଞ୍ଚାୟତ ଅଧିନସ୍ଥ ମା ମଙ୍ଗଳା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାନାଥ ମିଶ୍ରଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିର୍ମଳଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛି । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଜଳସମ୍ପଦ ବିଭାଗର ପ୍ରାକ୍ତନ ଉପ ନିର୍ଦ୍ଦେଶକ ନିହାର ରଂଜନ ମଲ୍ଲିକ, ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ସହ ଶିକ୍ଷା ଅଧିକାରୀ ବଳଦେବ ପ୍ରସାଦ ଜେନା, ରଂଜନ କୁମାର ରାଉତରାୟ, ଅନ୍ନପୂର୍ଣ୍ଣା ପଣ୍ଡା, ଦେବଦତ୍ତ ଶତପଥି, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, କେନ୍ଦ୍ରାପଡ଼ା, ସଭାପତି ଅଶୋକ କୁମାର ସାହୁ, ମା ମଙ୍ଗଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ଜେନା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଂଜନ କୁମାର ରାଉତ, ଶିକ୍ଷକ ଭାଗିରଥି ମହାନ୍ତି ସିଆରସିସି ମହମ୍ମଦ ଗୟାସୁଦ୍ଦିନ ମିଶ୍ରଙ୍କର ଶିକ୍ଷକ ଓ ଶିକ୍ଷାଦାନ କ୍ଷେତ୍ରରେ ଅନେକ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ଏଥିସହ ସିଆରସିସି ମହମ୍ମଦ ଅଜଗର ଅଲ୍ଲି ,କିଶୋର ଚନ୍ଦ୍ର ଜେନା, ଅଚ୍ୟୁତାନନ୍ଦ ସାମଲ, ପ୍ରାକ୍ତନ ଶିକ୍ଷକ ଗଗନ ବିହାରୀ ସାହୁ, ଚିରରଞ୍ଜନ ରାଉତ୍, ବଟକୃଷ୍ଣ ସାମଲ, ଗଙ୍ଗାଧର ମହାପାତ୍ର, ରବିନ୍ଦ୍ରନାଥ ମହାପାତ୍ର, ଶିକ୍ଷକ ଅନିରୁଦ୍ଧ ପାତ୍ର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନ୍ତର୍ଗତ ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ ମା ମଂଗଳା ଉପ୍ରା ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଗ୍ରାମବାସୀ, ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ଓ ସମସ୍ତ ଛାତ୍ର ଛାତ୍ରୀ ଓ ଅନ୍ୟମାନେ ଉପସ୍ଥିତ ରହି ଶ୍ରୀ ମିଶ୍ରଙ୍କର ଅନେକ ଗୁଣ ଗାନ ଓ ମାନପତ୍ର ସହ ଉପଢୌକନ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିଷ୍ଣୁ ଚରଣ ସାମଲ ସଂଯୋଜନା କରିଥିଲେ ।

# ଲଗାଣ ବର୍ଷାରେ ସମ୍ବଲପୁର ବେହାଲ : ବହୁ ଅଂଚଳ ଜଳବନ୍ଦୀ, ଜୀବନ ଯାତ୍ରା ଠପ୍

ସମ୍ବଲପୁର, ୦୪/୦୭ (ନି.ପ୍ର): ସମଗ୍ର ସମ୍ବଲପୁର ଜିଲ୍ଲାରେ ଲଗାଣ ବର୍ଷା ଫଳରେ ଜିଲ୍ଲାବାସୀଙ୍କ ଅବସ୍ଥା ବେହାଲ ହୋଇପଡିଛି । କେଉଁଠି ପୋଲ ଉପରେ ବର୍ଷା ଜଳ ଗଡୁଛି ତ କେଉଁଠି ଗଛ ପଡି ରାସ୍ତା ଅବରୋଧ ହୋଇଛି । ଏଭଳି ଅବସ୍ଥାରେ ଏକାଧିକ ଗାଁ, ସାହି ଜଳବନ୍ଦୀ ଓ ବିଚ୍ଛିନ୍ନ ହୋଇପଡିଛି । କ୍ଷେତରେ ଉଜୁଡି ଯାଇଛି ଧାନ ଫସଲ । ଫଳରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅଧିକାରୀ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖି ଏହାର ପ୍ରତିକାର ବ୍ୟବସ୍ଥାରେ ଲାଗିପଡିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଲଗାତାର ୪ ଦିନ ଧରି ବର୍ଷା ଲାଗି ରହିଥିବା ବେଳେ ବୁଧବାର ଦିନ ୧୧ଟାରୁ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ଅତି ପ୍ରବଳ ବର୍ଷା ହୋଇଛି । ଲଗାଣ ବର୍ଷା ଯୋଗୁଁ ଜମନକିରା ବ୍ଲକର ପ୍ରାୟ ୧୦ଟି ଗାଁ ଏବେ ଜଳବନ୍ଦୀ ହୋଇପଡିଛି । ଏପଟେ ଏକ ନାଳା ଉପରେ ଥିବା ବ୍ରିଜରେ ଗଛ ପଡ଼ି ଯାତାୟାତ ବି ଏକ ରକମର ଠପ୍ ହୋଇଯାଇଛି । ଜମନକିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡି, ଖର୍ସନମାଲ ଓ ମୁଣ୍ଡେନପାଲି ପଂଚାୟତ ଅଂଚଳରେ ପ୍ରବଳ ବର୍ଷା ହୋଇଛି । ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି । ମାଳତୀ ନଦୀରେ ଜଳସ୍ତର ଫୁଲିବା ସହିତ ଗହିରୀ ନଦୀ ଉପରେ ଗୌଡ଼ପାଲି – ଗୌତମଟିକିରା ରାସ୍ତା ଉପରେ ଥିବା ପୋଲ ଉପରେ ୪ ଫୁଟ ଜଳ ପ୍ରବାହିତ ହେଉଛି । ଏଥିଯୋଗୁଁ ପ୍ରାୟ ୧୦ ଗ୍ରାମ ଗୌତମଟିକିରା, କୁସୁଲି, ସମାପଡା, କେନ୍ଦୁବେର୍ଣ୍ଣୀ, କୁମୁକାପାଲି, ଖର୍ସନମାଲ, ପାଥମୁଣ୍ଡା, ଟାଙ୍ଗରପାଲି, କାଣିବନ୍ଧଲି, ଭୋଗରାପାଲ, ଖଇରମାଲ, ହଲଦିବାହାଲ୍, ଡୁରୁକଛୁଆଁ, ବାଘଲତ, ଭାଲୁଡୁଡ଼ିଆ ଇତ୍ୟାଦି ଗାଁ ସମ୍ପୂର୍ଣ୍ଣ ଭାବରେ ଜଳବନ୍ଦୀ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ଅନ୍ୟପଟେ କୁଲୁଣ୍ଡିରୁ ଯାଇଥିବା ବଡକଛାର ରାସ୍ତାରେ ବନମାଲ – ବାଙ୍କଟାଲ ମଝିରେ ଥିବା ଏକ ନାଳ ଉପରେ ଥିବା କର୍ଲଭଟ ଉପରେ ଏକ ବିରାଟ ଶୁଖିଲା ଗଛ ଭାଙ୍ଗି ପଡ଼ି ଯାଇଥିବାରୁ ଉକ୍ତ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି । ବିଭିନ୍ନ ଜାଗାରେ ଲୋକମାନଙ୍କର ଘର ଭାଙ୍ଗି ଯିବା ସହିତ ଚାଷ ଜମି ଉଜୁଡି ଯାଇଛି ।ସେହିପରି ସମ୍ବଲପୁର ସହରରେ ବର୍ଷା ଜଳ ନିଷ୍କାସନ ହୋଇନପାରିବା ଯୋଗୁଁ ଅବସ୍ଥା ଅସମ୍ଭାଳ ହୋଇପଡିଛି । ବିଭିନ୍ନ ସ୍ଥାନର ସ୍ଥିତି ଉପରେ ନଜର ରଖି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମୀକ୍ଷା କରିବା ସହିତ ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଓ ଅନ୍ୟ ବିଭାଗୀୟ ଅଧିକାରୀ ପରିସ୍ଥିତି ଉପରେ ନଜର ରଖି ପ୍ରତିକାର ବ୍ୟବସ୍ଥା ଉପରେ ଯୁଦ୍ଧକାଳିନ ଭିତିରେ ପ୍ରୟାସକୁ ଜୋରଦାର କରିଛନ୍ତି । ଅନ୍ୟପକ୍ଷରେ ଏହି ଲଗାଣ ବର୍ଷା ଫଳରେ ଧନକଉଡ଼ା ବ୍ଲକ କରଡୋଳା ପଂଚାୟତ କାରପାଲି ଏଥିରେ ପ୍ରଭାବିତ ହୋଇଛି । ଜୁଯୋମୁରା ବ୍ଲକର ଭଣ୍ଡାରିମାଲ ହିରୋ ରାସ୍ତାରେ ଥିବା ମାଳତୀ ଯୋର ପୋଲ ଉପରେ ୨ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ଏକ ପ୍ରକାର ଠପ ହୋଇପଡିଛି । ସେହିପରି ରେଢ଼ାଖୋଲରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ବେଲଡ଼ିହି କଦଳିଗଡ଼ ରାସ୍ତାରେ ଯାତାୟାତ ଠପ ହୋଇଯାଇଛି । ନଦୀ ନାଳ ଜଳ ପୂର୍ଣ୍ଣ ହୋଇଥିବାରୁ ଅନେକ ସ୍ଥାନରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି । ଗୁରୁବାର ସକାଳୁ ବର୍ଷା କମିଥିବାରୁ ଆଶ୍ୱସ୍ତି ମିଳିଥିଲେ ସୁଦ୍ଧା ଯଦି ଏଥିରେ ପରିବର୍ତନ ହୋଇ ପୁଣି ବର୍ଷା ହେଲେ ସମଗ୍ର ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି ।

# ଚମ୍ପୁଆରେ ଥମୁନି ହାତୀ ଉପଦ୍ରବ : ଲୋକେ ଆତଙ୍କିତ

ଚମ୍ପୁଆ, ୦୪/୦୭ (ନି.ପ୍ର): ଚମ୍ପୁଆ ବନାଂଚଳରେ ହାତୀପଲଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଗତ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଉଖୁଣ୍ଡା ସେକ୍ସନରେ ଆତଙ୍କ ସୃଷ୍ଟି କରିଥିବା ୨୬ ଟିକିଆ ହାତୀପଲ ଏବେ ଚମ୍ପୁଆ ସେକ୍ସନକୁ ମୁହାଁଇଛନ୍ତି । ଲଗାଣ ବର୍ଷା ସାଙ୍ଗକୁ ହାତୀ ଉପଦ୍ରବ ସ୍ଥାନୀୟ ଅଂଚଳ ବାସୀଙ୍କ ପାଇଁ ବେଡି ଉପରେ କୋରଡ଼ା ମାଡ ସଦୃଶ ହୋଇଛି । ଗତ ରାତିରେ ଛବିଶ ଟିକିଆ ହାତୀପଲ ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କାଟୁଳିକନା ଜଙ୍ଗଲରୁ ଆସି ସରେଇ ପଂଚାୟତରେ ବ୍ୟାପକ କ୍ଷୟ କ୍ଷତି କରିଥିବା ସୂଚନା ମିଳିଛି । ହାତୀପଲ ଟୁଣଟୁଣା ଗ୍ରାମର କୁଳମଣି କାଳନ୍ଦି, ସଦେଇ ନାଏକ, ଟୁକୁନା ନାଏକ, ଜଗନ୍ନାଥ ନାଏକ, ରମେଶ ନାଏକ ଓ ବରାବଳିଆ ସାହିର ଟୁକୁନା ମୁଣ୍ଡା, ରଘୁ ମୁଣ୍ଡା ଏହିପରି ଦଶରୁ ଉର୍ଦ୍ଧ୍ୱ ଘର ଭାଙ୍ଗିବା ସହ ଘରେ ଥିବା ଧାନ ଚାଉଳ ଖାଇଯାଇଛନ୍ତି । ଅନ୍ୟପଟେ ଏକ ଗୋଠଛଡ଼ା ଦନ୍ତାହାତୀ ମଧ ସ୍ଥାନୀୟ ଅଂଚଳରେ ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି ଜାରୀ ରଖିଛି । ଘର ଭାଙ୍ଗିବା ଯୋଗୁଁ ଲୋକେ ନିଜ ଧନଜୀବନକୁ ନେଇ ଆତଙ୍କିତ ହୋଇପଡିଛନ୍ତି । ଗତ କିଛିମାସ ହେବ ହାତୀପଲ ଚମ୍ପୁଆ ବନାଂଚଳରେ ବ୍ୟାପକ କ୍ଷୟକ୍ଷତି କରୁଥିଲେ ମଧ ହାତୀଙ୍କୁ ଘଉଡାଇବା ପାଇଁ ବନ ବିଭାଗ ର ପଦକ୍ଷେପ ଫଳବ୍ରତୀ ହୋଇପାରୁନାହିଁ । ହାତୀ ପଲ ଅଂଚଳ ଛାଡ଼ି ଯିବାକୁ ନାଁ ଧରୁ ନାହାନ୍ତି । ଆଜି ହାତୀପଲ କାଳିକାପ୍ରସାଦ ସଂରକ୍ଷିତ ଜଂଗଲର ପତଳା ନିକଟରେ ଡେରା ଜମାଇଥିବା ବେଳେ ଦୁଇଟି ହାତୀ ଶଙ୍କରପୁର ଜଙ୍ଗଲରେ ରହିଥିବା ଜଣାପଡିଛି । ବନ ବିଭାଗର ଅଧିକାରୀ ହାତୀ ସ୍କ୍ୱାର୍ଡ, ଗଜ ସାଥୀ ହାତୀ ମାନଙ୍କ ଉପରେ ନଜର ରଖିଛନ୍ତି ।

# ୬ କ୍ୱିଣ୍ଟାଲ ୧୫ କେଜି ଗଞ୍ଜେଇ ସହ ପିକଅପ୍ ଭ୍ୟାନ ଜବତ : ଅଭିଯୁକ୍ତ ଫେରାର

ସୁବର୍ଣ୍ଣପୁର, ୦୪/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ପୁଲିସ ଗଂଜେଇ ଚୋରାଚାଲାଣ ହେଉଥିବା ଏକ ପିକ୍ଅପ୍ ଭ୍ୟାନ୍ରୁ ୬ କ୍ୱିଣ୍ଟାଲ ୧୫ କେଜି ଗଂଜେଇ ଜବତ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଏକ ପିକ୍ଅପ୍ ଭ୍ୟାନ୍ ନକଲି ନମ୍ବର (ଓଡି ୩୧ଜି -୨୮୪୩) ଗଞ୍ଜେଇ ନେଇ କନ୍ଧମାଳ ପଟୁ ତରଭା ଆଡ଼କୁ ଆସୁଥିବା ଖବର ପାଇ ଏସ୍‌ପି ନାରାୟଣ ନାୟକ ତରଭା ପୋଲିସକୁ ଖବର କରିଥିଲେ । ପରେ ତରଭା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ରେ ଏଏସଆଇ ରବିନ୍ଦ୍ର ସାହୁ ଏବଂ ଅନ୍ୟ ଅଧିକାରୀ ମାନେ ଗାଡି ଉପରେ ସତର୍କ ନଜର ରଖିଥିଲେ । ବୌଦ୍ଧ ଜିଲ୍ଲା କନ୍ଧମାଳ ପଟରୁ ଦୃତ ଗତିରେ ଆସୁଥିବା ଗାଡ଼ି କୁ ପୋଲିସ ଟିମ୍ କୌଶଳ କ୍ରମେ ଅଟକାଇବା ବେଳେ ଭ୍ୟାନ୍ ଚାଳକ ଜାଣିପାରି ଗାଡ଼ିକୁ ଅଟକାଇ ଫେରାର ହୋଇଯାଇଥିଲା । ପରେ ଯାଞ୍ଚ ସମୟରେ ପିକ୍ଅପ୍ ଭ୍ୟାନ୍ରୁ ୨୫ଟି ବସ୍ତାରେ ଭର୍ତ୍ତି ହୋଇଥିବା ୬୦୮ ପ୍ୟାକେଟ ଗଞ୍ଜେଇ ବାହାରିଥିଲା । ଉକ୍ତ ଗାଡିକୁ ମାଜିଷ୍ଟ୍ରେଟ ସମ୍ମୁଖରେ ଯାଞ୍ଚ କରିବା ପରେ ସେଥିରୁ ୬ କ୍ୱିଣ୍ଟାଲ ୧୫ କେଜି ୨୩୦ ଗ୍ରାମ ଗଞ୍ଜେଇ ଜବତ କରିଛି ।

# ସୁରକ୍ଷିତ ବିଦ୍ୟୁତ ଭିତ୍ତିଭୂମି ଆମର ପ୍ରାଥମିକତା : ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ

ଭୁବନେଶ୍ୱର, ୦୪/୦୭ (ନି.ପ୍ର): ଆଜି ଲୋକସେବା ଭବନରେ ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ । ରାଜ୍ୟର ୩୦ ପ୍ରତିଶତରୁ ଅଧିକ ଲୋଡ଼ର ଚାହିଦା ପୂରଣ କରି ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ । ଏହାସହ, ତାପଜ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ମଧ କରିଥାଏ । ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମର ତଥ୍ୟ ପରିଚାଳନା, କାର୍ଯ୍ୟାବଳୀର ସୁରକ୍ଷା ଭିତ୍ତିଭୂମି ସୁଦୃଢ଼ ଓ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ଅପଗ୍ରେଡ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି । କ୍ଲାଉଡ଼୍ କମ୍ପୁଟିଙ୍ଗ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଉଚ୍ଚମାନର ବୈଷୟିକ ଜ୍ଞାନ କୌଶଳ ଜରିଆରେ ଏହାର ସୁରକ୍ଷା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ବୈଷୟିକ ସୁରକ୍ଷା ପ୍ରଦାନକାରୀ ସଂସ୍ଥା ମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରାଯାଉଛି । ରେଲଟେଲ ନାମକ ସଂସ୍ଥା ଏନେଇ ଆଜି ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ପ୍ରଦର୍ଶିତ କରିଥିଲେ । ଏହି ଉପସ୍ଥାପନା ପ୍ରଦର୍ଶନବେଳେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେଦାର ରଞ୍ଜନ ପାଣ୍ଡୁ, ବିତ୍ତ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ଦେବୀଦତ୍ତ ତ୍ରିପାଠୀ, ରେଲଟେଲର ରେଳ ଅଧିକାରୀ ମାନେ ଯୋଗଦେଇଥିଲେ ।

# ୱିଣ୍ଡସ୍ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ କୃଷି ବିଭାଗ - ସ୍କାଇମେଟ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୦୪/୦୭ (ନି.ପ୍ର): ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ (ୱିଣ୍ଡସ୍) ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସ୍କାଇମେଟ୍ ୱେଦର୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭାରତ ସରକାର ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ ଆରମ୍ଭ କରିଛନ୍ତି ।ଏହି ପଦକ୍ଷେପ କୃଷି, ବୀମା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ପାଣିପାଗ ତଥ୍ୟର ସୁଗମ କରିବ ଏବଂ ବିପର୍ଯ୍ୟୟ ପରିଚାଳନା କରିବା ପାଇଁ ଉଦ୍ଦିଷ୍ଟ ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ସମୟୋଚିତ ଏବଂ ସଠିକ୍ ପାଣିପାଗ ତଥ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଅଟୋମେଟିକ ରେନ ଗଜ୍ ସ୍ଥାପନ କରାଯିବ । ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱୟଂଚାଳିତ ରେନ ଗଜ୍ ସ୍ଥାପନ କରାଯିବ । ବ୍ଲକ ସ୍ତରରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ସ୍ଥାପନ କରାଯିବ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ବଜେଟ ବ୍ୟବସ୍ଥାରୁ ରାଜ୍ୟକୁ ପାଣ୍ଠି ଯୋଗାଇ ଦିଆଯିବ । ଏହି ସ୍ଥାପନ ସମଗ୍ର ଓଡ଼ିଶାରେ ଏକ ବ୍ୟାପକ ପାଣିପାଗ ମନିଟରିଂ ସିଷ୍ଟମ ସୁନିଶ୍ଚିତ କରିବ ।

# ସଂକୀର୍ତ୍ତନ ଗିନି ଝାଞ୍ଜ ଶବ୍ଦରେ କମ୍ପୁଛି ଶରଧାବାଲି

ପୁରୀ, ୦୪/୦୭ (ନି.ପ୍ର): ଏବେ ଶରଧାବାଲିରେ ଭକ୍ତଙ୍କ ଗହଳି ଜମୁଛି । ସଂକୀର୍ତନ ମେଳ ଶରଧାବାଲିରେ ସଂକୀର୍ତ୍ତନ କରିବା ସହ ଝାଞ୍ଜ, ମୃଦଙ୍ଗ, ଗିନି ବଜାଉଛନ୍ତି । ସେହି ଶବ୍ଦରେ ନାକଚଣା ଦ୍ୱାରରେ ଲାଗିଥିବା ତିନିରଥର ଆଗରେ ଧାର୍ମିକ ବାତାବରଣ ସୃଷ୍ଟି ହେଉଛି । ଜଗବନ୍ଧୁ ହୋ ତୁମ୍ଭ ବିଚିତ୍ର ଲୀଳା, କାହାକୁ ହସାଅ କାହାକୁ କନ୍ଦାଉ, କାହାକୁ ମଝି ଦରିଆରେ ଭାସାଉ ଭଜନ ବୋଲି ଭକ୍ତିର ସହ ନୃତ୍ୟ କରୁଥିବା ଦେଖିବାକୁ ମିଳିଛି । ସବୁଠାରୁ ଆକର୍ଷଣୀୟ ହେଉଛି ମହିଳାଙ୍କ ସଂକୀର୍ତ୍ତନ । ସେମାନେ ଭଜନକୀର୍ତ୍ତନ ସହ ଭକ୍ତିରେ ମଜିଯାଇଥିବା ଦୃଶ୍ୟମାନ ହୋଇଛି । ଜଗନ୍ନାଥଙ୍କ ମହିମା ଗାନ କରିବା ସହ ଶ୍ରଦ୍ଧାରେ ଶରଧାବାଲିରେ ଠାକୁରଙ୍କ ପାଖରେ ସମର୍ପିତ ହୋଇ ଘଂଟା ଘଂଟା ସଂକୀର୍ତନ କରୁଛନ୍ତି । ଶ୍ରଦ୍ଧାଳୁ ମାନେ ଏହି ସଂକୀର୍ତ୍ତନ ଦେଖି ଭାବବିହ୍ୱଳ ହୋଇପଡିଛନ୍ତି ।

# ରଥଯାତ୍ରାର ଶ୍ରେଷ୍ଠ ବାର୍ତ୍ତା

## ଶ୍ରୀ ଅବନୀ ଚନ୍ଦ୍ର ଦାସ





ଶ୍ରୀକ୍ଷେତ୍ର ପୁରୀ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ସାରା ଜଗତରେ ଖ୍ୟାତ। ପୁଣି ଶ୍ରୀ ଜଗନ୍ନାଥ ଧାମ ବିଶ୍ୱ ବିଦିତ ତୀର୍ଥ କ୍ଷେତ୍ର ଚତୁର୍ଦ୍ଧାମ ମଧ୍ୟରୁ ସର୍ବ ଶ୍ରେଷ୍ଠ ଧାମ ବୋଲି ବିବେଚିତ । ଏହାର କାରଣ ଯଦିଓ ସମସ୍ତେ ଜାଣନ୍ତି, ବିଭିନ୍ନ ଶାସ୍ତ୍ର ପୁରାଣ ଅଥବା ଧର୍ମଗ୍ରନ୍ଥରେ ପ୍ରାମାଣିକ ତଥ୍ୟ ସହିତ ବର୍ଣ୍ଣିତ ହୋଇଛି, ତଥାପି ଏହାକୁ କେହି ହେଜି ପାରୁନଥିବା ବିଡମ୍ବନା ବୋଲି କୁହାଯାଇପାରେ। ଏଠାକାର ଦିଅଁଙ୍କୁ ବଡ଼ ଠାକୁର, ମନ୍ଦିରକୁ ବଡ ଦେଉଳ, ମନ୍ଦିର ସମ୍ମୁଖ ରାସ୍ତାକୁ ବଡଦାଣ୍ଡ, ଭୋଗ / ପ୍ରସାଦକୁ ମହାପ୍ରସାଦ, ଦିଅଁଙ୍କୁ ଭୋଗ ଲଗାଉଥିବା ପୂଜକଙ୍କୁ ବଡପଣ୍ଡା ଏବଂ ଦିଅଁଙ୍କ ଶ୍ରେଷ୍ଠ ବେଶ ବିନ୍ୟାସକୁ ବଡସିଂହାର ବେଶ ପ୍ରଭୃତି ନାମରେ ଆଖ୍ୟାୟିତ କରାଯାଇଛି । ପୁଣି ଏହି ବଡଦେଉଳର ବଡ଼ଠାକୁରଙ୍କ ସେବା ପୂଜାରେ ନିୟୋଜିତ ବଂଶାନୁକ୍ରମିକ ପ୍ରଥମ ସେବକଙ୍କୁ ଠାକୁର ରାଜା କୁହଯାଉଥିବା ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ । ଏଠାରେ ପରମ୍ପରା କ୍ରମେ ବାର ମାସରେ ତେର ପର୍ବ ପାଳିତ ହେଉଥିବା ଦୃଷ୍ଟି କୋଣରୁ ବିଚାର କଲେ ଏଠାକାର ପର୍ବପର୍ବାଣୀ, ଯାନିଯାତ୍ରା ରେ ପ୍ରଚଳିତ ନିତିକାନ୍ତି ପ୍ରାୟତଃ ନିଆରା । ଏମିତିକି ପ୍ରତ୍ୟହ ବଡ଼ ଦେଉଳରେ ଶ୍ରୀ ଜୀୟୁ ମାନଙ୍କ ସେବା ପୂଜାର ରୀତିନୀତି, ଭୋଗରାଗ, ବେଶଭୂଷା ତଥା ପୂଜା ପଦ୍ଧତି ଅନ୍ୟ ସମସ୍ତ ମନ୍ଦିର ରେ ଉପାସିତ ଦେବଦେବୀଙ୍କ ଠାରୁ ଭିନ୍ନ ଓ ସ୍ୱତନ୍ତ୍ର ।

ଆଧାତ୍ମିକ ଦୃଷ୍ଟିରୁ ଯେଉଁ ମତବାଦ ଭିତ୍ତିରେ ଶ୍ରୀକ୍ଷେତ୍ର ପୁରୀ ବା ଶ୍ରୀ ଜଗନ୍ନାଥ ଧାମ ର ମହିମା ଯାହା ହୋଇଥାଉନା କାହିଁକି, ଲୌକିକତା ମତେ ଏହି ବଡ଼ ଦେଉଳରେ ଅଧିଷ୍ଠିତ ଦେବତା ବିଶ୍ୱବ୍ୟାପୀ ଏକ ମହାନ୍ ସଂସ୍କୃତି ର ମୂଳାଧାର ଭାବେ ପରିଗଣିତ, ଏକଥା ସମସ୍ତେ ସ୍ୱୀକାର କରନ୍ତି । କେବଳ ନିତିପ୍ରତି ଦିଅଁଙ୍କ ସେବାପୂଜା ନୀତି ନିର୍ଘଣ୍ଟରେ ନୁହେଁ, ବରଂ ବିଭିନ୍ନ ସମୟରେ ଯାନିଯାତ୍ରା ମାଧ୍ୟମରେ ମାନବ ସମାଜକୁ ସାର୍ଥକ ଜୀବନର ଉପଲବ୍ଧି ଦେବାପାଇଁ ଅନେକ ପରମ୍ପରା ପ୍ରଚଳିତ ହୋଇ ଆସୁଛି।

ଏହି ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମରେ ଅନୁଷ୍ଠିତ ପବିତ୍ର ରଥ ଯାତ୍ରାର ମହାନ୍ ସଂସ୍କୃତି ବିଶେଷ ବାର୍ତ୍ତା ବହନ କରୁଥିବା ବିଷୟ ଏହି ଆଲୋଚନାର ପ୍ରସଙ୍ଗ ହୋଇପାରେ । ଏଥିରେ ନିହିତ ଆଧାତ୍ମିକ ତତ୍ତ୍ୱର ନିଗୂଢ଼ ରହସ୍ୟ ଉପରେ ଅନେକ ସାଧୁ, ସନ୍ଥ, ବିଦ୍ୱାନ, ପଣ୍ଡିତ ଏବଂ ଧର୍ମଯାଜକ ମାନେ ବହୁ ଭାବରେ ଆଲୋଚନା ସମୀକ୍ଷା ପୂର୍ବକ ବିବରଣୀ ପ୍ରଦାନ କରିଥାନ୍ତି । ତେବେ ଲୌକିକ ବିଚାରରେ ମଧ ଅନେକ ମହତ୍ତର ସନ୍ଦେଶ ଦେଇ ଆସୁଛି ଶ୍ରୀକ୍ଷେତ୍ରର ଏହି ପବିତ୍ର ରଥଯାତ୍ରା । ବଡ ଦେଉଳରେ ସ୍ନାନ ଯାତ୍ରାଠାରୁ, ଅନବସର, ନବଯୌବନ, ନବଦିନ ଘୋଷଯାତ୍ରା କିମ୍ବା ରଥଯାତ୍ରା, ହେରାପଞ୍ଚମୀ, ବାହୁଡ଼ା ଯାତ୍ରା, ଅଧର ପଣା, ସୁନାବେଶ ଏବଂ ନିଳାଦ୍ରୀ ବିଜେ ଆଦି ସମସ୍ତ ପାରଂପରିକ ନୀତିକାନ୍ତି ଲୌକିକ ଆଚାର ଉପଚାରରେ ସମ୍ପାଦିତ ହେଲାବେଳେ ତତ୍ ନିହିତ ବାର୍ତ୍ତା ମାନବ ସମାଜ ର ସୁବିଚାର ତଥା ମାର୍ଗ ଦର୍ଶନ ନିମନ୍ତେ ଉଦ୍ଦିଷ୍ଟ, ଏଥିରେ ସନ୍ଦେହ ନାହିଁ । ଆମ ଜଗନ୍ନାଥ ସଂସ୍କୃତିର ମହାନତା ସମ୍ପର୍କରେ ବ୍ୟାଖ୍ୟା କରିବା ଏଇ ଲେଖକର ଉଦ୍ଦେଶ୍ୟ ନୁହେଁ, ବରଂ ପ୍ରତ୍ୟେକ ସଂସ୍କୃତି ପ୍ରେମୀ ପାଠକଙ୍କୁ ପୁନଃ ସ୍ମରଣ କରାଉଥିବା ଏହି ସୁବର୍ତ୍ତାର ସଦୁପଯୋଗ ସହିତ ମାନବ ଜୀବନରେ ପ୍ରତିଫଳିତ ହେବା ବାଞ୍ଛନୀୟ ।

ଲୋକାଚାର ରେ ଉପାସିତ ଏହି ବଡ ଦିଅଁଙ୍କ ମାନବୀୟ ଲୀଳା ବାସ୍ତବିକ୍ ବିରଳ । ଯେମିତିକି, ମନୁଷ୍ୟ କୂଅ ପାଣିରେ ନିତ୍ୟ ସ୍ନାନ କରିଥାଏ, ସେମିତି ଏହି ଠାକୁରଙ୍କୁ ଶ୍ରୀମନ୍ଦିର ସ୍ଥିତ ସୁନାକୂଅରୁ ୧୦୮ ଗରା ଜଳ ଆଣି ସ୍ନାନ ବେଦୀରେ ସ୍ନାନ ବିଧି କରାଯାଏ । ଋତୁ ପରିବର୍ତ୍ତନ ସମୟ ରେ ମନୁଷ୍ୟ ଶରୀର ରୋଗ ଗ୍ରସ୍ତ ହେଲାପରି ଦିଅଁ ମଧ ରୋଗରେ ପୀଡ଼ିତ ହୁଅନ୍ତି ।ସବୁଠାରୁ ତତ୍ପର୍ଯ୍ୟପୂର୍ଣ୍ଣ କଥାଟି ହେଲା ଯେ, ଦିଅଁ ପୀଡ଼ିତ ହୋଇ ଆଉ ସର୍ବ ସମକ୍ଷରେ ସେବିତ ପୂଜିତ ହୁଅନ୍ତି ନାହିଁ । ବରଂ ରୁଦ୍ଧ କୋଠରୀରେ ସଙ୍ଗରୋଧ ଉପଚାରରେ ରହି ଚିକିତ୍ସିତ ହେବାର ପ୍ରକ୍ରିୟା ମାନବ ଜାତିକୁ ରୋଗ ସଂକ୍ରମଣ ନହେବାର ପଦ୍ଧତି ଅବଲମ୍ବନ କରିବାର ଶିକ୍ଷା ଦେଇ ଆସୁଛନ୍ତି । ଯେମିତିକି, କରୋନା (ଥଣ୍ଡା ଜ୍ୱର, ଶର୍ଦ୍ଦି, କାଶ, ଛିଙ୍କ) ଆଦି ମହାମାରୀ ସଂକ୍ରମଣ ସମୟରେ କଟକଣା ସ୍ୱରୂପ ପୀଡ଼ିତ କୁ ସଂଗରୋଧ କରି ରଖିବା ଅନିର୍ବାର୍ଯ୍ୟ ଥିଲା । ଏହି ସମୟରେ ଖାଦ୍ୟପେୟ ସମ୍ପର୍କିତ କଟକଣା ମଧ ତଦୋପରି । ଅବଢ଼ା ମହାପ୍ରସାଦ ଯଦିଓ ବହୁଜନ ମେଳରେ ଏକତ୍ର ସେବନ କରିବାର ବିଧି ପରମ୍ପରା କ୍ରମେ ଚଳି ଆସିଛି ( ଯାହା ଭାଇଚାରା ଅଥବା ବସୁଧୈବ କୁଟୁମ୍ବକମ୍ ର ସୂଚନା ଦିଏ), କିନ୍ତୁ ବଡ଼ ଦିଅଁଙ୍କ ପୀଡ଼ିତ ଅବସ୍ଥାରେ ଅବଢ଼ା ମହାପ୍ରସାଦ ମିଳେନାହିଁ । ଏହି ସମୟ ରେ ଏକତ୍ର ଭୋଜନ ନିଷିଦ୍ଧ ଥାଏ । ଏହି ସବୁ ପ୍ରଚଳିତ କଟକଣା ବିଧି ମାନବ ସମାଜକୁ ସୁସ୍ଥ ଜୀବନ ରେ ସନ୍ଦେଶ ଦେଉ ନାହିଁ କି ? ଆଉ ମଧ ରଥ ଯାତ୍ରା ର ରହସ୍ୟ ମାନବୀୟ ଲୀଳାର ସ୍ୱଚ୍ଛ ଚିତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ପୂର୍ବରୁ ମଣିଷ ଯୌଥ ପରିବାରରେ ବାସ କରୁଥିଲା । ଜନ୍ମସ୍ଥାନ ସହିତ ସମ୍ପର୍କିତ ହେବା ଏବଂ ପରିବାରଜନଙ୍କ ସହିତ ମିଳିତ ଭାବେ ଜୀବନ ନିର୍ବାହ କରିବାକୁ ପସନ୍ଦ କରୁଥିଲା । ତାହା ଏହି ଶ୍ରୀକ୍ଷେତ୍ର ରଥଯାତ୍ରାରୁ ସ୍ପଷ୍ଟ ପ୍ରମାଣିତ। ସହୋଦର ଭାଇ ଭଉଣୀଙ୍କୁ ସାଥିରେ ନେଇ ଅନ୍ୟତ୍ର କର୍ମସ୍ଥଳରୁ

**(ଅବଶିଷ୍ଟାଂଶ ପୃଷ୍ଠା ୭ରେ)**

# ବାହୁଡ଼ିବେ ମହାପ୍ରଭୁ ଶ୍ରୀଜଗନ୍ନାଥ

## କ୍ଷୀରୋଦିନୀ ବେହେରା





ପ୍ରତି ବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ରଥ ଦ୍ୱାରା ଯାତ୍ରା କରିଥାନ୍ତି ଏବଂ ସେଠାରେ ନଅ ଦିନ ରହି ଆଷାଢ଼ ଶୁକ୍ଳପକ୍ଷ ଦଶମୀରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ବଡ଼ଦେଉଳ ବା ଶ୍ରୀମନ୍ଦିରକୁ ଫେରନ୍ତି। ମହାପ୍ରଭୁଙ୍କର ଏହି ଫେରନ୍ତା ଯାତ୍ରାକୁ ବାହୁଡ଼ା ଯାତ୍ରା କୁହାଯାଏ। ଏହାକୁ ଦକ୍ଷିଣାଭିମୁଖୀ ଯାତ୍ରା ମଧ କୁହାଯାଏ। ପୁରୀ ଶ୍ରୀକ୍ଷେତ୍ରରେ ପାଳନ ହେଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ସମ୍ବନ୍ଧିତ ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହା ଏକ ଅନ୍ୟତମ ଶ୍ରେଷ୍ଠ ଯାତ୍ରା, ଯାହା ସମଗ୍ର ବିଶ୍ୱରେ ଖ୍ୟାତିଅର୍ଜନ କରିଛି। ରଥଯାତ୍ରାର ମୁଖ୍ୟ ଅଙ୍ଗ ହେଉଛି ବାହୁଡ଼ା ଯାତ୍ରା, ଯାହା ଭଗବାନ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନର ପବିତ୍ର ଯାତ୍ରାକୁ ସୂଚାଏ। ଏହି ଯାତ୍ରା ଆଧାତ୍ମିକ ତାତ୍ପର୍ଯ୍ୟ ଓ ସାଂସ୍କୃତିକ ମହତ୍ତ୍ୱରେ ପରିପୂର୍ଣ୍ଣ ଥିବାରୁ ରଥଯାତ୍ରାକୁ ତିନୋଟି ଅଙ୍ଗରେ ବିଭକ୍ତ କରାଯାଇଛି। 'ଶ୍ରୀଗୁଣ୍ଡିଚା ଯାତ୍ରା' ଗୋଟିଏ ଅଙ୍ଗ ହୋଇଥିବାବେଳେ 'ଗୁଣ୍ଡିଚା ମଣ୍ଡପରେ ଉପବେଶନ' ଦ୍ୱିତୀୟ ଏବଂ 'ବାହୁଡ଼ା ଯାତ୍ରା' ହେଉଛି ତୃତୀୟ ଅଙ୍ଗ। ଶାସ୍ତ୍ରାନୁସାରେ ବିଶ୍ୱାସ ରହିଛି ଯେ, ରଥଯାତ୍ରା ସମୟରେ ମହାପ୍ରଭୁ ଉତ୍ତରାଭିମୁଖି ହୋଇ ଯାତ୍ରା କରୁଥିବା ସମୟରେ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡ଼ା ସମୟରେ ଦକ୍ଷିଣାଭିମୁଖ ହୋଇ ଯାତ୍ରା କରୁଥିବା ବେଳେ ମହାପ୍ରଭୁଙ୍କୁ ଦର୍ଶନକଲେ ସେତିକି ଫଳ ମିଳିଥାଏ। ଏପରିକି ଭକ୍ତ/ଶ୍ରଦ୍ଧାଳୁମାନେ ଏହି ଦୁର୍ଲଭ ଦର୍ଶନରେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରି ଅନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି ହୋଇଥାନ୍ତି।

ବାହୁଡ଼ା ରଥଯାତ୍ରା ନେଇ ସ୍କନ୍ଧ ପୁରାଣରେ ଉଲ୍ଲେଖ ଅଛି ଯେ, ନବମ ଦିବସରେ ଶ୍ରୀବିଗ୍ରହମାନଙ୍କୁ ରଥରେ ଅଧିଷ୍ଠିତ ହେବେ। କାରଣ, ସେହିଦିନ ପ୍ରାତଃକାଳ ଅତ୍ୟନ୍ତ ସମୃଦ୍ଧିବାନ୍ ଏବଂ ବିଷ୍ଣୁଙ୍କର ପାଳିତ ଦକ୍ଷିଣାମୁଖୀ ଯାତ୍ରା ଅତ୍ୟନ୍ତ ଦୁର୍ଲଭ ହୋଇଥାଏ। ତେଣୁ ବାହୁଡ଼ା ଯାତ୍ରା ପୂର୍ବରୁ ଅର୍ଥାତ ଅଷ୍ଟମୀ ଦିନ ଶରଧାବାଲିଠାରେ ରଖାଯାଇଥିବା ତିନୋଟି ରଥକୁ ଦକ୍ଷିଣମୋଡ଼ କରାଯାଇ ଶ୍ରୀଗୁଣ୍ଡିଚା ମନ୍ଦିରର ନାକଚଣାଦ୍ୱାର ସମ୍ମୁଖରେ ରଖାଯାଏ। ତା'ପରେ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ପାରମ୍ପରିକ ରୀତିନୀତି ଅନୁସାରେ ଲକ୍ଷ୍ମୀ-ନାରାୟଣ ଭେଟ କରାଯାଏ। ପରେ ରଥ ଉପରେ ମହାପ୍ରଭୁଙ୍କ ଖଇ କୋରା ଭୋଗ ସହ ରାତ୍ର ପହୁଡ଼ନୀତି ହୋଇଥାଏ।

କିମ୍ବଦନ୍ତୀ ଅନୁଯାୟୀ, ରଥଯାତ୍ରା ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବାର୍ଷିକ ଗସ୍ତକୁ ସ୍ମରଣ କରନ୍ତି, ଯାହା ତାଙ୍କ ମାଉସୀଙ୍କ ବାସସ୍ଥାନ ବୋଲି ବିଶ୍ୱାସ କରାଯାଏ। ଏହି ଯାତ୍ରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛାକୁ ବାହାରେ ଅତିବାହିତ କରିବାର ସମୟକୁ ପ୍ରତୀକ କରେ। ପ୍ରତ୍ୟାବର୍ତ୍ତନ ଯାତ୍ରା ଅର୍ଥାତ ଦଶମ ଦିନରେ ଘଟିଥାଏ, ଯାହା ଦେବତାମାନଙ୍କୁ ମୂଳ ବାସସ୍ଥାନକୁ ଫେରାଇ ଆଣିଥାଏ। ଏହି ଯାତ୍ରାର ମହତ୍ତ୍ୱ ବିଭିନ୍ନ ଧର୍ମୀୟ ପୁରାଣ ସହିତ ଜଡ଼ିତ, ଯେମିତି ଭଗବାନ ଶ୍ରୀକୃଷ୍ଣଙ୍କର ଅବତାର ଭଗବାନ ଶ୍ରୀଜଗନ୍ନାଥ ତାଙ୍କ ଜନ୍ମସ୍ଥାନ ମଥୁରା ପରିଦର୍ଶନ କରିବାକୁ ଇଚ୍ଛା କରନ୍ତି, ସେମିତି ହିଁ ଶ୍ରୀଗୁଣ୍ଡିଚା ମନ୍ଦିର ମଥୁରାର ଏକ ପ୍ରତିନିଧୀ ଭାବରେ ବିବେଚନା କରାଯାଏ।


ବାହୁଡ଼ା ଯାତ୍ରା କେବଳ ଏକ ଧାର୍ମିକ ଯାତ୍ରା ନୁହେଁ, ଏହା ମାନବ ଜୀବନରେ ଘର ବାହୁଡ଼ାର ପ୍ରତୀକ। ଏହା ସୂଚାଏ ଯେ, ଜୀବନର ଯାତ୍ରା ଯେତେ ଦୂର ହେଉନା କାହିଁକି, ଶେଷରେ ଆମେ ନିଜର ମୂଳସ୍ଥାନ ବା ବାସସ୍ଥାନକୁ ଫେରିବାକୁ ପଡ଼ିଥାଏ। ଏହି ଭାବନା ଭକ୍ତ/ଶ୍ରଦ୍ଧାଳୁମାନଙ୍କୁ ଆଧାତ୍ମିକ ଜୀବନରେ ନିଜର ଆସ୍ଥା ଓ ନିଷ୍ଠାକୁ ଦୃଢ଼ କରିବାକୁ ପ୍ରେରଣା ଦେଇଥାଏ। ଏହା ଭକ୍ତି ଓ ଏକତାର ଏକ ଅପୂର୍ବ ସମନ୍ୱୟ। ଏଣୁ ଏହି ଶକ୍ତିଶାଳୀ ପ୍ରତୀକ ଉତ୍ସବକୁ ଭକ୍ତମାନଙ୍କ ପାଇଁ ଗଭୀର ଭାବପ୍ରବଣ କରିଥାଏ। ମହାପ୍ରଭୁଙ୍କୁ ଏହି ସମୟରେ ଦେଖିବା ପାଇଁ ଲକ୍ଷଲକ୍ଷ ଭକ୍ତ/ଶ୍ରଦ୍ଧାଳୁମାନେ ଖାଲି ପାଦରେ ଆସିଥାନ୍ତି। ସାଂସ୍କୃତିକ ଦୃଷ୍ଟିରୁ, ବାହୁଡ଼ା ଯାତ୍ରା ଓଡ଼ିଶାର କଳା, ସଙ୍ଗୀତ ଓ ପରମ୍ପରାକୁ ଏକ ମଞ୍ଚ ପ୍ରଦାନ କରେ ଏବଂ ରଥଗୁଡ଼ିକର ନିପୁଣ କାରୁକାର୍ଯ୍ୟ, ଭଜନ-କୀର୍ତ୍ତନ ଓ ରଥ ସମ୍ମୁଖରେ ନୃତ୍ୟଶିଳ୍ପୀମାନେ ପାଦରେ ଘୁଙ୍ଗୁର ଲଗାଇ ଓଡ଼ିଶାର ଲୋକନୃତ୍ୟ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଏହି ଉତ୍ସବକୁ ଏକ ସାଂସ୍କୃତିକ ମହୋତ୍ସବରେ ପରିଣତ କରିଥାଏ।

+ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ମୋ -୯୭୭୭୭୨୯୦୦୨

# ମହାପ୍ରଭୁଙ୍କ ପବିତ୍ର ବାହୁଡ଼ା ଯାତ୍ରା

## ହେମନ୍ତ କୁମାର ଗନ୍ତାୟତ





ମହାପ୍ରଭୁ ଶ୍ରୀଜଗନ୍ନାଥ ବୈଚିତ୍ରମୟ ଠାକୁର । ଯାହାଙ୍କର ବିଚିତ୍ରତା ଅନେକ ପୁରାଣ ଶାସ୍ତ୍ରରେ ବର୍ଣ୍ଣନା ରହିଛି ଏବଂ ତତ୍ ସଙ୍ଗେ ସଙ୍ଗେ 'ଶ୍ୱେତାଶ୍ୱେତର ଉପନିଷଦ'ରେ ମଧ ଏପରି ଦେଖିବାକୁ ମିଳେ -

ଅପାଣିପାଦୋ ଜବନୋ ଗ୍ରହୀତା
ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟ କର୍ଣ୍ଣଃ ।
ସ ବେତ୍ତିବିଦ୍ୟଂ ନ ଚ ତସ୍ୟ ବେତ୍ତା
ତମାହୁରଗ୍ରମସ୍ତ୍ୱ ପୁରୁଷସ୍ତ୍ୱ ମହାନ୍ତମ୍ ।।

ଯେଉଁ ପ୍ରଭୁ ପାଦ ନଥାଇ ମଧ ଯୋଜନ ଯୋଜନ ଯାଇ ପାରନ୍ତି । ଚକ୍ଷୁ ଓ କର୍ଣ୍ଣ ନଥାଇ ବି ଦେଖିବା ସଙ୍ଗେ ସଙ୍ଗେ ଶ୍ରବଣ କରି ପାରନ୍ତି । ସେ ସମସ୍ତଙ୍କୁ ଜାଣନ୍ତି କିନ୍ତୁ ତାହାଙ୍କୁ କେହି ବି ଜାଣି ପାରନ୍ତି ନାହିଁ । ଜ୍ଞାନୀ ବ୍ୟକ୍ତିମାନେ ଏପରି ପ୍ରଭୁଙ୍କୁ ବିରାଟ ପୁରୁଷ ରୂପରେ ଅଭିହିତ କରିଛନ୍ତି । ସେ ସ୍ରଷ୍ଟା, ସୃଷ୍ଟି , ସ୍ଥିତି ,ଆନନ୍ଦ, ମୁକ୍ତି ଓ ସେ ହିଁ ସ୍ୱକାରଣ କାରଣ କ୍ଷ ଯାହାଙ୍କୁ ବେଦ ନେତି ନେତି ନୀତିରେ ନିର୍ଣ୍ଣୟ କରିବାରେ ନିଷ୍ପ୍ରଭ ହୁଏ । ଯେ ଭାତି ଭାତି ନ୍ୟାୟରେ ଉଦ୍ଭାସିତ ହୁଅନ୍ତି । ଯାହାଙ୍କ ସମ୍ମୁଖରେ ସର୍ବେନ୍ଦ୍ରିୟ ସୁପ୍ତ ହୋଇଯାନ୍ତି । ଯାହାଙ୍କ ପ୍ରକାଶରେ ମୁଙ୍କାର ଆକାର ହରାଏ । ଯାହାଙ୍କ ନିର୍ଦ୍ଦେଶରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ପରିଚାଳିତ । ଯାହାଙ୍କ ଇଚ୍ଛାରେ ମାୟା ପ୍ରକାଶିତ କିନ୍ତୁ ସେହି ଭାବ ବିନୋଦିଆ କାଳିଆ ଠାକୁର ନିଜ ଭକ୍ତଙ୍କ ଲାଗି ପୁଣ୍ୟ ନୀଳାଚଳ ଧାମରେ ଜ୍ୟେଷ୍ଠ ଭାଇ ଶ୍ରୀବଳଭଦ୍ର, କନିଷ୍ଠା ଭଉଣୀ ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କୁ ନେଇ ମାନବୀୟ ଲୀଳା କରନ୍ତି । ସେହି ଲୀଳା ଯାତ୍ରାମାନଙ୍କ ମଧ୍ୟରୁ ବାହୁଡା ଯାତ୍ରା ସର୍ବତନ୍ତ୍ର ସ୍ୱତନ୍ତ୍ର ଅଟେ ।

ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ପୂର୍ଣ୍ଣ ଘୋଷଯାତ୍ରା ଅବଧିକୁ ତିନୋଟି ଅଙ୍ଗ ରୂପେ ଗଣାଯାଇଛି। ଏଥିମଧ୍ୟରୁ ରଥଯାତ୍ରା ପ୍ରଥମ ଅଙ୍ଗ, ଗୁଣ୍ଡିଚା ମଣ୍ଡପରେ ରହଣି ଦ୍ୱିତୀୟ ଅଙ୍ଗ ଏବଂ ଶ୍ରୀଗୁଣ୍ଡିଚାରୁ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ପର୍ଯ୍ୟନ୍ତ ତୃତୀୟ ଅଙ୍ଗ କୁହାଯାଏ। ଶାସ୍ତ୍ରୀୟ ବର୍ଣ୍ଣନାନୁସାରେ ରଥଯାତ୍ରା ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଦିନରେ ଅନୁଷ୍ଠିତ ହୋଇଥାଏ। ଏହି ଦିନ ଶ୍ରୀଜୀଉମାନେ ଉତ୍ତରାଭିମୁଖୀ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥାନ୍ତି। ସେପରି ଆଷାଢ଼ ଶୁକ୍ଳପକ୍ଷ ଦଶମୀ ବା ବାହୁଡ଼ା ଦଶମୀ ଦିନ ଚତୁର୍ଦ୍ଧାମୂର୍ତ୍ତି ରଥରେ ବସି, ଆଡ଼ପ ଘରୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଏହି ଫେରନ୍ତା ଯାତ୍ରାକୁ ବାହୁଡ଼ାଯାତ୍ରା ବା ଦକ୍ଷିଣାଭିମୁଖୀ ଯାତ୍ରା କୁହାଯାଏ। ସ୍କନ୍ଧ ପୁରାଣର ଉତ୍କଳ ଖଣ୍ଡରେ ଉଲ୍ଲେଖ ରହିଛି -

ନବମ୍ୟା ବାସୟେଦ୍ଦେବାନ୍ ତେଷ୍ଟୁ
ପ୍ରାତଃ ସମୃଦ୍ଧିମତ୍ ।
ଦକ୍ଷିଣାଭିମୁଖୀ ଯାତ୍ରା
ବିଷ୍ଣୋରେଷା ସୁଦୁର୍ଲଭା ।

ଅର୍ଥାତ ନବମ ଦିବସ ଦିନ ରଥରେ ଅଧିଷ୍ଠିତ ଶ୍ରୀଜୀଉମାନଙ୍କ ପ୍ରାତଃ କାଳୀନ ଦର୍ଶନ ଅତ୍ୟନ୍ତ ସମୃଦ୍ଧି ଅଟେ । ଉକ୍ତ ଦିନ ବିଷ୍ଣୁଙ୍କର ପାଳିତ ଦକ୍ଷିଣାମୁଖୀ ଯାତ୍ରା ଅତ୍ୟନ୍ତ ଦୁର୍ଲଭ ମଧ୍ୟ।

ବାହୁଡ଼ାଯାତ୍ରାର ପୂର୍ବ ସପ୍ତମୀ ଦିନ ଶରଧାବାଲିଠାରେ ରଖାଯାଇଥିବା ତିନୋଟି ରଥକୁ ଦକ୍ଷିଣମୋଡ଼ କରାଯାଇ, ଶ୍ରୀଗୁଣ୍ଡିଚାମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ରଖାଯାଏ । ନବମୀ ଦିନ ଶ୍ରୀବିଗ୍ରହମାନଙ୍କର ଅନ୍ତିମ ଦର୍ଶନ ବା ସନ୍ଧ୍ୟା ଦର୍ଶନ ରୂପେ ପାଳନ ହୁଏ। ଉକ୍ତଦିନ ଠାକୁରମାନଙ୍କ ବଡ଼ ସିଂହାର ନୀତି ବଢିବା ପରେ ଶ୍ରୀମୁଖରେ ଖଣ୍ଟୁଆ ପକାଯାଇ ପୁଷ୍ପାଳକମାନେ ବାହାରକୁ ଆସିଥାନ୍ତି। ଏହା ପରେ କୋଠ ସୁଆଁସିଆ ସିଂହାସନଠାରେ ଚାରମାଳ ବନ୍ଧା କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଦଇତାପତିମାନେ ଗୁପ୍ତ ନୀତି ପାଇଁ ପ୍ରସ୍ତୁତ ହୋଇଥାନ୍ତି ।

ଆଷାଢ଼ ଶୁକ୍ଳ ଦଶମୀ ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରାତଃ କାଳେ ମଙ୍ଗଳ ଆଳତୀ , ଗୋପାଳବଲ୍ଲଭ ପୂଜା, ସକାଳଧୂପ ଖେଚୁଡ଼ି ଭୋଗ ସହ ଦୈନିକ ନୀତି କାନ୍ତି ହୋଇଥାଏ। ତା'ପରେ ବିଜେ କାହାଳୀ ବାଜେ ଏବଂ ଘଣ୍ଟ ନାଦରେ ଠାକୁରମାନଙ୍କୁ ସେବକମାନେ ପହଣ୍ଡି ବିଜେ କରାନ୍ତି। ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କୁ ସେବାୟତମାନେ ପହଣ୍ଡିରେ ଆଣି ଦେବଦଳନ ରଥରେ ବିଜେ କରିବା ପରେ ମହାପ୍ରଭୁ ଶ୍ରୀବଳଭଦ୍ରଙ୍କୁ ତାଳଧ୍ୱଜରେ, ଦେବୀ ସୁଭଦ୍ରାଙ୍କୁ ଦେବଦଳନରେ ଏବଂ ଶେଷରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ନନ୍ଦିଘୋଷ ରଥରେ ରଥାରୂଢ଼ କରାନ୍ତି। ଏହାପରେ ଠାକୁରଙ୍କ ଆଦ୍ୟ ସେବକ ଗଜପତି ମହାରାଜା ତିନିଗୋଟି ରଥରେ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରନ୍ତି । ପରେ ପରେ ରଥରୁ ଚାରମାଳ କଢ଼ାଯିବା ସହ ଘୋଡ଼ା ଯୋଖା ଯାଏ । ତତ୍ପରେ ଆରମ୍ଭ ହୁଏ ରଥଟଣା। ଏ ସମୟରେ ଶରଧାବାଲିରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ରୁଣ୍ଡ ହୋଇଥାନ୍ତି।

ବଡ଼ଦାଣ୍ଡରେ ଗଲା ବେଳେ ମାଉସୀମା' ବା ଅର୍ଦ୍ଧାଶିନୀ ଦେବୀଙ୍କ ମନ୍ଦିର ସମ୍ମୁଖରେ ରଥ ଗୁଡ଼ିକ କିଛି ସମୟ ପାଇଁ ଅଟକି ଥାଏ। ସେଠାରେ ମାଉସୀମା' ମନ୍ଦିର ପକ୍ଷରୁ ଛେନା ପୋଡ଼ପିଠାକୁ କୁଡୁଆରେ ରଖି ସର୍ପା ମଣୋହି ବିଧିରେ ଶ୍ରୀମନ୍ଦିରର ପାଳିଆ ପଣ୍ଡା ସାମନ୍ତ ରଥାରଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅର୍ପଣ କରିଥାନ୍ତି। ତାହାପରେ ତିନିଗୋଟି ରଥ ଶ୍ରୀମନ୍ଦିର ଅଭିମୁଖେ ଅଗ୍ରେସର ହୁଏ । ତାଳଧ୍ୱଜ ଓ ଦେବଦଳନ ବଡ଼ଦେଉଳର ସିଂହଦ୍ୱାର ନିକଟରେ ପହଞ୍ଚନ୍ତି କିନ୍ତୁ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଗଜପତିଙ୍କ ଆମନ୍ତ୍ରଣ ରକ୍ଷାକରି ମା' ଲକ୍ଷ୍ମୀ ପାଲିଙ୍କିରେ ଆସନ୍ତି। ତା'ପରେ ଲକ୍ଷ୍ମୀ ନାରାୟଣଙ୍କ ପାରମ୍ପରିକ ରୀତିମତେ ଭେଟ ହୋଇଥାଏ। ମହାପ୍ରଭୁଙ୍କ ବନ୍ଦାପନା ପରେ ମା' ଲକ୍ଷ୍ମୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାପରେ ନନ୍ଦିଘୋଷ ରଥ ସିଂହଦ୍ୱାର ନିକଟକୁ ଆସିଥାଏ।

ଶାସ୍ତ୍ରୀୟ ବର୍ଣ୍ଣନାନୁଯାୟୀ ରଥଯାତ୍ରା ସମୟରେ ପ୍ରଭୁମାନେ ଉତ୍ତରାଭିମୁଖୀ ହୋଇ ଯାତ୍ରା କରନ୍ତି । ଏ ସମୟରେ ଶ୍ରୀଜୀଉମାନଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ ସେପରି ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖୀ ହୋଇ ଯାତ୍ରା କରୁଥିବା ଠାକୁରମାନଙ୍କୁ ଦର୍ଶନ କଲେ ଠିକ୍ ସେହି ଫଳ ମିଳିଥାଏ। ଯେଉଁ ଭକ୍ତମାନେ ଏହି ଦୁର୍ଲ୍ଲଭ ଦର୍ଶନ କରନ୍ତି, ସେମାନେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରିବା ସହ ଅନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି କରନ୍ତି ବୋଲି ବିଶ୍ୱାସ ରହିଛି ।

+ ଆସିକା, ଗଞ୍ଜାମ

# କିଏ ସେ ଭକ୍ତ

## ଅନୀତା ପଟ୍ଟନାୟକ



ଏ ବର୍ଷର ପୃଥିବୀ ପ୍ରସିଦ୍ଧ ରଥଯାତ୍ରା। ଜୁନ ୨୭ ତାରିଖରେ ଅନୁଷ୍ଠିତ ହୋଇଅଛି। ଜଗନ୍ନାଥଙ୍କର ରଥ ପ୍ରଥମ ଦିନ ଶ୍ରୀମନ୍ଦିର ନିକଟରୁ ଘୁଞ୍ଚି ପାରିନାହିଁ। ଦୂରଦର୍ଶନରେ ଜନସମୁଦ୍ର ଭିତରେ ମୋର ମନରେ ଜଣେ ଭକ୍ତଙ୍କର କଥା ଉଙ୍କି ମାରିଲା। ସେ ହେଉଛନ୍ତି ଭକ୍ତ ସାଲବେଗ ଯାହାଙ୍କ ପାଇଁ ଥରେ ଜଗନ୍ନାଥଙ୍କ ରଥ ବଳଗଣ୍ଡି ନିକଟରେ ଅଟକି ଯାଇଥିଲା। ସାଲବେଗଙ୍କର ପିତା ଲାଲବେଗ ରାଜା ମାନସିଂଙ୍କର ସୁବେଦାର ଥିଲେ। ଥରେ ଦାଣ୍ଡମୁକୁନ୍ଦପୁରର ଏକ ପୋଖରୀରେ ସ୍ନାନ କରୁଥିବା ଜଣେ ବିଧବା ସୁନ୍ଦରୀକୁ ଦେଖି ତାର ଅପରୂପ ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ ତାକୁ ବଳପୂର୍ବକ ନେଇ ଆସି ବିବାହ କରିଥିଲେ। ତାଙ୍କର ନାମ ଲଳିତା ଥିଲା। ଲାଲବେଗ କଟକର ଲାଲବାଗ ଦୁର୍ଗର ଦାୟିତ୍ୱରେ ଥିବା ସମୟରେ ସାଲବେଗଙ୍କୁ ପୁତ୍ର ଭାବରେ ପ୍ରାପ୍ତି ହୋଇଥିଲେ। ଯେପରି କୌଶଲ୍ୟାଙ୍କର ମାତୃସ୍ନେହ ପାଇ ରାମ ବଡ଼ମଣିଷ ହୋଇଥିଲେ। ପୁତୁଲିବାଇଙ୍କ ସ୍ନେହରେ ମୋହନଦାସ କରମଚାନ୍ଦ ଗାନ୍ଧୀ ମହାତ୍ମାରେ ପରିଣତ ହୋଇଥିଲେ, ଜିଜାବାଈଙ୍କ ସ୍ନେହରେ ଶିବାଜୀ ଛତ୍ରପତି ହୋଇପାରିଥିଲେ। ମା'ଲଳିତାଙ୍କ ସ୍ନେହ ଓ ଜଗନ୍ନାଥ ଭକ୍ତିରେ ପୁତ୍ର ସାଲବେଗ ଜଗନ୍ନାଥଙ୍କର ମହାନ ଭକ୍ତ ଓ କବି ହୋଇପାରିଥିଲେ।

ରାଜା ଜାହାଙ୍ଗୀରଙ୍କର ଆଦେଶକ୍ରମେ ଲାଲବେଗ ଓ ସାଲବେଗ ଯୁଦ୍ଧକୁ ଯାଇଥିଲେ। ସେହି ଯୁଦ୍ଧରେ ଲାଲବେଗ ମୃତ୍ୟୁବରଣ କରିଥିଲେ ଓ ପୁତ୍ର ସାଲବେଗ ଭୟଙ୍କର ଭାବେ ଆହତ ହୋଇ ରୋଗରେ ପୀଡ଼ିତ ଥିଲେ। ମାତା ଲଳିତା ବାଳମୁକୁନ୍ଦ ନାମକ ଜଣେ ସାଧୁଙ୍କ ପରାମର୍ଶରେ ମହାମନ୍ତ୍ର ଜପ କରି ତାଙ୍କ ମୁଣ୍ଡରେ ବିଭୁତିବୋଳି ସାଲବେଗଙ୍କୁ ଦୂରାରୋଗରୁ ସୁସ୍ଥ କରାଇଥିଲେ। ସେହିଦିନ ଠାରୁ ଜଗନ୍ନାଥଙ୍କ ପ୍ରତି ତାଙ୍କର ଅଟଳ ଭକ୍ତି ସୃଷ୍ଟି ହୋଇଥିଲା। ସାଲବେଗ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆସିଥିଲେ ଓ ଜାତିରେ ଯବନ ହୋଇଥିବାରୁ ପୁରୀରେ ରହିବା ପାଇଁ କେହି ତାଙ୍କୁ ସ୍ଥାନ ଦେଇନଥିଲେ ତେଣୁ ସେ ବଳଗଣ୍ଡି ଠାରେ ତାଳପତ୍ରର କୁଡ଼ିଆ କରି ରଥଯାତ୍ରାରେ ଜଗନ୍ନାଥଙ୍କ ଆଗମନ ପାଇଁ ଅପେକ୍ଷା କରି ରହିଲେ। ସେ ଜଗନ୍ନାଥଙ୍କର ଜଣାଣ, ମା'ମଙ୍ଗଳା, ଶିବ, ରାଧାକୃଷ୍ଣଙ୍କ ଉପରେ ୧୫୦ରୁ ଉର୍ଦ୍ଧ୍ୱ ଭଜନ ଲେଖିଥିଲେ ମଧ 'ଆହେ ନୀଳଶଇଳ ପ୍ରବଳ ମତ୍ତ ବାରଣ' ଭଜନଟି କୋଟି ଓଡ଼ିଆଙ୍କ ହୃଦୟରେ ଗୁଞ୍ଜରିତ ହୁଏ।

ଥରେ ମିର୍ଜା ଅହମ୍ମଦବେଗ ପୁରୀ ମନ୍ଦିର ଆକ୍ରମଣ କରିବାକୁ ମସୁଧା କରିବା ସମୟରେ ସାଲବେଗଙ୍କର ହସ୍ତକ୍ଷେପ ଫଳରେ ଆକ୍ରମଣ କରିବାରୁ ବିରତ ହୋଇଥିଲେ। କୃତଜ୍ଞତା ବଶତ ସେତେବେଳର ରାଜା ନରସିଂହଦେବ ସାଲବେଗଙ୍କୁ ମନ୍ଦିର ଭିତରକୁ ଯିବାକୁ ଅନୁମତି ଦେଇଥିଲେ ମଧ ସେବାୟତମାନେ ବାରଣ କରିଥିଲେ। ତେଣୁ ନରସିଂହଦେବ ତାଙ୍କ ପାଇଁ ଏକ ମଠ ତିଆରି କରି ଦେଇଥିଲେ ଯାହା ସାଲବେଗ ମଠ ନାମରେ ପ୍ରସିଦ୍ଧ। ଥରେ ସାଲବେଗ ବୃନ୍ଦାବନ ଯାଇଥିଲେ ଓ ପୁରୀକୁ ଫେରୁଥିବାବେଳେ ଶାରୀରିକ ଯନ୍ତ୍ରଣା ଅନୁଭବ କଲେ। ରଥଯାତ୍ରା ପାଖେଇ ଆସୁଥାଏ। ସେ ସାଷ୍ଟାଙ୍ଗ ନମସ୍କାର କରି ଜଗନ୍ନାଥଙ୍କୁ ଆକୁଳ ପ୍ରାର୍ଥନା କରି କହିଥିଲେ 'ସାତଶ ପଚାଶକୋଷ ଚାଲି ନପାରଇ ମୋହ ଯିବା ଯାଏଁ ନନ୍ଦିଘୋଷେ ଥିବୁ ରହି'। ପରମଭକ୍ତଙ୍କ ଏହି ଆକୁଳ ନିବେଦନ ପ୍ରଭୁ ଶ୍ରୀଜଗନ୍ନାଥ ଶୁଣିଥିଲେ। ରଥ ବଳଗଣ୍ଡି ଛକ ନିକଟରେ ରହିଯାଇଥିଲା। ସାଷ୍ଟାଙ୍ଗ ନମସ୍କାର ଅର୍ଥ ମୁଣ୍ଡ ଭୂମିରେ ଲାଗିବ ଯାହା ସୂଚନା ଦିଏ ଆମେ ଆମର ବୁଦ୍ଧି ଓ ଜ୍ଞାନକୁ ଭଗବାନଙ୍କୁ ସମର୍ପଣ କରୁ। ଛାତି ଯେତେବେଳେ ଭୂମିକୁ ଛୁଏଁ ତାହା ସୂଚନା ଦିଏ ଆମର ସମସ୍ତ ଚିନ୍ତାଧାରାକୁ ଭଗବାନଙ୍କୁ ଅର୍ପଣ କଲୁ। ଯେତେବେଳେ ହାତ ପାପୁଲି ଦୁଇଟି ଭୂମିକୁ ଛୁଏଁ ଏହା ସୂଚନା ଦିଏ ହାତ ଭଗବାନଙ୍କ ପାଇଁ ହିଁ କାର୍ଯ୍ୟକ୍ଷମ ହେବ। ଯେତବେଳେ ଆଣ୍ଠୁ ଦୁଇଟି ଭୂମିକୁ ଲାଗେ ଏହା ସୂଚନା ଦିଏ ମୁଁ ସଦାସର୍ବଦା ନମ୍ର ରହିବି। ଯେତେବେଳେ ପାଦ ଦୁଇଟି ଭୂମିକୁ ଛୁଏଁ ତାହା ସୂଚନା ଦିଏ ମୁଁ ଯୁଆଡ଼େ ଯାଏନା କାହିଁକି ତୁମ ସତସଙ୍ଗରେ ଯୋଗ ଦେବି। ଅନ୍ୟ ଅର୍ଥରେ କହିଲେ ସାଷ୍ଟାଙ୍ଗ ପ୍ରଣାମ ଅର୍ଥ ଭଗବାନଙ୍କ ନିକଟରେ ସଂପୂର୍ଣ୍ଣ ଭାବରେ ସମର୍ପଣ କରିବ। ଅଷ୍ଟମ ଅଙ୍ଗ ଅଷ୍ଟାଙ୍ଗ ଅର୍ଥାତ୍ ମଣିଷ ତାର ସମସ୍ତ ଅଙ୍ଗକୁ ଭଗବାନଙ୍କ ନିକଟରେ ସମର୍ପଣ କରିବା।

ସାଲବେଗଙ୍କର ଏପରି ଭକ୍ତିରେ ସେ ଦିନ ରଥ ଚାଲିପାରିନଥିଲା। ସାଲବେଗ ପୁରୀରେ ପହଞ୍ଚିବା ପର୍ଯ୍ୟନ୍ତ ରଥ ଗଡ଼ିନଥିଲା। ଏବେ ବି ସାଲବେଗଙ୍କ ସମ୍ମାନାର୍ଥେ ରଥ କିଛି ସମୟ ପାଇଁ ବଳଗଣ୍ଡି ଠାରେ ଅଟକି ଥାଏ। କିଏ ସେ ଭକ୍ତ ! କାଲି ରଥକୁ ଅଟକାଇ ଦେଇଥିଲେ ? ବୋଧହୁଏ ସାଲବେଗଙ୍କ ପରି କୌଣସି ଭକ୍ତର ଡାକରେ ଅଟକି ଯାଇଥିବେ ମହାବାହୁ।

+ ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,
(ମୋ) : ୯୬୯୨୯୮୦୦୨୬

# ଭାରତର ଶକ୍ତି ସୁରକ୍ଷା ଓ ଜଳ ସୁରକ୍ଷା: ଏକ ଜଟିଳ ସମୀକରଣ

ଭାରତର ଶକ୍ତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନର ସମୟ ଚାଲିଛି, ଯେଉଁଠାରେ ଦେଶର ଅର୍ଥନୀତିକୁ ଗତି ଦେବା ପାଇଁ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ, ଆଗାମୀ ବର୍ଷଗୁଡ଼ିକରେ ପ୍ରାୟ ୮୦ ବିଲିୟନ ଡଲାର (ପ୍ରାୟ ୬.୬୪ ଲକ୍ଷ କୋଟି ଟଙ୍କା) ର ନୂତନ କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରିବାକୁ ଭାରତ ଯୋଜନା କରୁଛି। ଏହା ଦେଶର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି। କିନ୍ତୁ ଏହି ବିରାଟ ଯୋଜନା ଏକ ଅଦୃଶ୍ୟ ସଙ୍କଟର ସମ୍ମୁଖୀନ ହେଉଛି, ଯାହା ହେଉଛି ଜଳର ଅଭାବ। ଏହି ପରିସ୍ଥିତି ଭାରତ ପାଇଁ ଏକ ଅଦ୍ଭୁତ **"Catch-22"** ପରିସ୍ଥିତି ସୃଷ୍ଟି କରିଛି। ବିଶ୍ୱର ମୋଟ ଜନସଂଖ୍ୟାର ପ୍ରାୟ ୧୭% ରୁ ୧୮% ଭାରତରେ ବାସ କରୁଥିବାବେଳେ, ଏହା ନିକଟରେ ବିଶ୍ୱର ମୋଟ ଜଳ ସମ୍ବଳର ମାତ୍ର ୪% ରହିଛି। ଏହି ବିରାଟ ଅସନ୍ତୁଳନ ଦେଶର ଜଳ ସୁରକ୍ଷା ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ପ୍ରତି ବ୍ୟକ୍ତି ପିଛା ଜଳ ଉପଲବ୍ଧତା ଦୃଷ୍ଟିରୁ ଭାରତ ବିଶ୍ୱର ସବୁଠାରୁ ଜଳ-ସଙ୍କଟଗ୍ରସ୍ତ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ। ୨୦୦୧ରେ ଭାରତରେ ପ୍ରତି ବ୍ୟକ୍ତି ପିଛା ବାର୍ଷିକ ଜଳ ଉପଲବ୍ଧତା ୧୮୧୬ ଘନ ମିଟର ଥିବାବେଳେ, ୨୦୧୧ ସୁଦ୍ଧା ଏହା ୧୫୪୫ ଘନ ମିଟରକୁ ହ୍ରାସ ପାଇଛି। ୨୦୨୧ ସୁଦ୍ଧା ଏହା ପ୍ରାୟ ୧୪୮୬ ଘନ ମିଟରକୁ ଖସିଆସିଛି। ବିଭିନ୍ନ ଅଧ୍ୟୟନ ଅନୁଯାୟୀ, ୨୦୩୧ ସୁଦ୍ଧା ଏହା ୧୩୬୭ ଘନ ମିଟର ଏବଂ ୨୦୫୦ ସୁଦ୍ଧା ୧୧୯୧ ଘନ ମିଟରକୁ ଖସିଯିବାର ଆଶଙ୍କା ରହିଛି। ୧୭୦୦ ଘନ ମିଟରରୁ କମ୍ ବାର୍ଷିକ ପ୍ରତି ବ୍ୟକ୍ତି ଜଳ ଉପଲବ୍ଧତାକୁ ଜଳ-ଚାପଗ୍ରସ୍ତ **(water-stressed)** ପରିସ୍ଥିତି ଭାବରେ ବିବେଚନା କରାଯାଏ, ଏବଂ ୧୦୦୦ ଘନ ମିଟରରୁ କମ୍ ହେଲେ ଏହା ଜଳ ଅଭାବ **(water-scarce)** ପରିସ୍ଥିତିକୁ ସୂଚାଏ। ଭାରତ ଏବେ ଜଳ-ଚାପଗ୍ରସ୍ତ ଶ୍ରେଣୀରେ ଥିବାବେଳେ, ଭବିଷ୍ୟତରେ ଜଳ ଅଭାବର ସୀମା ନିକଟତର ହେବାର ସମ୍ଭାବନା ରହିଛି।

ଅନେକ ନୂତନ କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ଏପରି ଅଞ୍ଚଳରେ ସ୍ଥାପିତ ହେବାକୁ ଯାଉଛି, ଯେଉଁଠାରେ ଜଳ ସଙ୍କଟ ପୂର୍ବରୁ ହିଁ ଅତ୍ୟନ୍ତ ଗମ୍ଭୀର ରହିଛି। ଏହି ପରିସ୍ଥିତି ଭାରତର ଶକ୍ତି ସୁରକ୍ଷା ଏବଂ ଜଳ ସୁରକ୍ଷା ମଧ୍ୟରେ ଏକ ଜଟିଳ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରଚୁର ପରିମାଣରେ ଜଳ ଆବଶ୍ୟକ କରନ୍ତି, ବିଶେଷ କରି ଶୀତଳୀକରଣ ପ୍ରକ୍ରିୟା ପାଇଁ। ଗତ କିଛି ବର୍ଷ ମଧ୍ୟରେ, ଜଳ ଅଭାବ ଯୋଗୁଁ ଭାରତରେ ୬୦.୩୩ ବିଲିୟନ ୟୁନିଟ୍ କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ହରାଇଛି, ଯାହା ପ୍ରାୟ ୧୯ ଦିନର କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ସହିତ ସମାନ। ଯେତେବେଳେ ନୂତନ ପ୍ରକଳ୍ପଗୁଡ଼ିକ ଜଳ-ସଙ୍କଟଗ୍ରସ୍ତ ଅଞ୍ଚଳରେ ସ୍ଥାପିତ ହୁଏ, ସେତେବେଳେ ସେମାନେ ସ୍ଥାନୀୟ କୃଷି ଏବଂ ପାନୀୟ ଜଳ ଆବଶ୍ୟକତା ସହିତ ପ୍ରତିଯୋଗିତା କରନ୍ତି, ଯାହା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରେ। ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାର ଉଦାହରଣ ଏହାର ଏକ ଜ୍ୱଳନ୍ତ ପ୍ରମାଣ, ଯେଉଁଠାରେ ୨୦୧୭ରେ ଏକ କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଜଳ ସଙ୍କଟ ଆହୁରି ବଢ଼ିଯାଇଛି।

ଏହି ପରିସ୍ଥିତି ଭାରତର ବିକାଶ ମଡେଲ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୃଷ୍ଟି କରୁଛି। ଗୋଟିଏ ପଟେ, ଦେଶର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଧିକ ଶକ୍ତିର ଆବଶ୍ୟକତା ରହିଛି। ଅନ୍ୟ ପଟେ, ଜଳ ଏକ ସୀମିତ ସମ୍ବଳ ଏବଂ ଏହାର ଅବିବେକୀ ବ୍ୟବହାର ଦୀର୍ଘକାଳୀନ ସମସ୍ୟା ସୃଷ୍ଟି କରିପାରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଳ ସଙ୍କଟ ଆହୁରି ତୀବ୍ର ହେବାର ସମ୍ଭାବନା ଥିବାବେଳେ, କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ ଉପରେ ଅତ୍ୟଧିକ ନିର୍ଭରଶୀଳତା ଦେଶକୁ ଏକ ଅସୁରକ୍ଷିତ ଭବିଷ୍ୟତ ଆଡ଼କୁ ଠେଲି ଦେଇପାରେ। ଏହି ସମସ୍ୟାର ସମାଧାନ ପାଇଁ କେବଳ ନୂତନ କୋଇଲା ପ୍ରକଳ୍ପଗୁଡ଼ିକର ସ୍ଥାନ ନିର୍ଦ୍ଧାରଣରେ ପରିବର୍ତ୍ତନ ଆଣିବା ଯଥେଷ୍ଟ ନୁହେଁ, ବରଂ ଏକ ବ୍ୟାପକ ରଣନୀତିର ଆବଶ୍ୟକତା ରହିଛି।

କୋଇଲା ଶକ୍ତି ଭାରତର ଭବିଷ୍ୟତ ହେବା ଉଚିତ୍ ନୁହେଁ, ଏହାର ଅନେକ କାରଣ ରହିଛି। ପ୍ରଥମତଃ, କୋଇଲା ଜାଳିବା ଦ୍ୱାରା ବାୟୁମଣ୍ଡଳରେ ପ୍ରଚୁର ପରିମାଣରେ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ୍) ନିର୍ଗତ ହୁଏ, ଯାହା ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ। ଏହା ବ୍ୟତୀତ, ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସୂକ୍ଷ୍ମ କଣିକା ପରି ବିଷାକ୍ତ ପ୍ରଦୂଷକ ବାୟୁରେ ମିଶିଥାଏ, ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହାନିକାରକ। ଏହି ପ୍ରଦୂଷଣ ଶ୍ୱାସକ୍ରିୟା ଜନିତ ରୋଗ, ହୃଦରୋଗ ଏବଂ ଅନ୍ୟାନ୍ୟ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ, ଯାହା ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ପକାଏ। ଦ୍ୱିତୀୟତଃ, କୋଇଲା ଏକ ସୀମିତ ସମ୍ବଳ। ଏହାର ଉତ୍ତୋଳନ ପାଇଁ ବ୍ୟାପକ ଖଣି କାର୍ଯ୍ୟକଳାପ ଆବଶ୍ୟକ, ଯାହା ଜଙ୍ଗଲ ନଷ୍ଟ, ଭୂମି ଅବକ୍ଷୟ ଏବଂ ଜଳ ପ୍ରଦୂଷଣ ପରି ପରିବେଶଗତ କ୍ଷତି ଘଟାଏ। ଏହି ପ୍ରକ୍ରିୟା ସ୍ଥାନୀୟ ଜନସାଧାରଣଙ୍କୁ ବିସ୍ଥାପିତ କରିବା ସହିତ ସେମାନଙ୍କ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଏ। ତୃତୀୟତଃ, ବିଶ୍ୱ ସ୍ତରରେ ଅକ୍ଷୟ ଶକ୍ତିର ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଉଛି। ସୌର ଶକ୍ତି ଏବଂ ପବନ ଶକ୍ତି ବର୍ତ୍ତମାନ କୋଇଲା ଭିତ୍ତିକ ବିଦ୍ୟୁତ୍ ଠାରୁ ଅଧିକ ପ୍ରତିଯୋଗିତାମୂଳକ ହୋଇପାରିଛି। ଏହି ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକ ପରିବେଶ ଅନୁକୂଳ ହେବା ସହିତ ଦୀର୍ଘକାଳୀନ ସ୍ଥାୟୀ ଏବଂ ଜଳ ଉପରେ କମ୍ ନିର୍ଭରଶୀଳ। ଅକ୍ଷୟ ଶକ୍ତି କ୍ଷେତ୍ରରେ ନିବେଶ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଭାରତକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିବ। ଚତୁର୍ଥତଃ, ଭାରତ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରତିବଦ୍ଧତା କରିଛି, ଯେପରିକି ପ୍ୟାରିସ୍ ଚୁକ୍ତି ଏବଂ ନେଟ୍-ଜିରୋ ନିର୍ଗମନ ଲକ୍ଷ୍ୟ। କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ବୃଦ୍ଧି ଏହି ପ୍ରତିବଦ୍ଧତାଗୁଡ଼ିକର ବିରୁଦ୍ଧାଚରଣ କରେ ଏବଂ ଭାରତର ଅନ୍ତର୍ଜାତୀୟ ପ୍ରତିଛବିକୁ କ୍ଷତି ପହଞ୍ଚାଇପାରେ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମଗ୍ର ବିଶ୍ୱରେ ଅନୁଭୂତ ହେଉଥିଲେ ମଧ୍ୟ, ଏହାର କୁପ୍ରଭାବ କିଛି ଦେଶ ଉପରେ ଅଧିକ ପଡ଼ିଥାଏ, ଏବଂ ଭାରତ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଭାରତର ଭୌଗୋଳିକ ଅବସ୍ଥିତି, ବିଶାଳ ଜନସଂଖ୍ୟା ଏବଂ କୃଷି ଉପରେ ଅତ୍ୟଧିକ ନିର୍ଭରଶୀଳତା ଏହାକୁ ଜଳବାୟୁ ପରିବର୍ତ୍ତନ ପ୍ରତି ଅଧିକ ସମ୍ବେଦନଶୀଳ କରିଥାଏ। ଉଦାହରଣ ସ୍ୱରୂପ, ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ସମୁଦ୍ର ପତ୍ତନ ବୃଦ୍ଧି ଏବଂ ଘୂର୍ଣ୍ଣିଝଡ଼ର ବାରମ୍ବାରତା ବୃଦ୍ଧି ଯୋଗୁଁ ବିପଦରେ ଥିବାବେଳେ, ଉତ୍ତର ଭାରତର ଗଙ୍ଗା ସମତଳ ଅଞ୍ଚଳ ଏବଂ ହିମାଳୟ ଅଞ୍ଚଳ ଅତ୍ୟଧିକ ବର୍ଷା, ବନ୍ୟା ଏବଂ ଭୂସ୍ଖଳନର ସମ୍ମୁଖୀନ ହେଉଛନ୍ତି। ରାଜସ୍ଥାନ ଏବଂ ଗୁଜୁରାଟ ପରି ଶୁଷ୍କ ଅଞ୍ଚଳରେ ମରୁଡ଼ି ଏବଂ ଜଳ ସଙ୍କଟ ଆହୁରି ତୀବ୍ର ହେବାର ସମ୍ଭାବନା ରହିଛି। ଭାରତରେ ବାରମ୍ବାର ଅନୁଭୂତ ହେଉଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଅନିୟମିତ ମୌସୁମୀ ଏବଂ ଅତ୍ୟଧିକ ବର୍ଷା ଜନିତ ବନ୍ୟା ପରି ଘଟଣାଗୁଡ଼ିକ ଜଳବାୟୁ ପରିବର୍ତ୍ତନର ପ୍ରତ୍ୟକ୍ଷ ପ୍ରମାଣ। ଏହି ଘଟଣାଗୁଡ଼ିକ କୃଷି ଉତ୍ପାଦନକୁ ବାଧା ଦେଇ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି, ଜୀବିକା ନଷ୍ଟ କରୁଛି ଏବଂ ସ୍ୱାସ୍ଥ୍ୟ ସମସ୍ୟା ବଢ଼ାଉଛି। ଏହି କାରଣରୁ, ଭାରତ ପାଇଁ ଜଳବାୟୁ ପରିବର୍ତ୍ତନକୁ ଅନ୍ୟ ଦେଶମାନଙ୍କ ତୁଳନାରେ ଅଧିକ ସକ୍ରିୟ ଭାବରେ ଚିନ୍ତା କରିବା ଏବଂ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ। ଏହା କେବଳ ପରିବେଶ ସୁରକ୍ଷା ପାଇଁ ନୁହେଁ, ବରଂ ଦେଶର ଅର୍ଥନୈତିକ ସ୍ଥିରତା, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଅପରିହାର୍ଯ୍ୟ।

ଏହି ସଙ୍କଟରୁ ବାହାରିବା ପାଇଁ ଭାରତକୁ ନିଜର ଶକ୍ତି ନୀତିରେ ଏକ ସନ୍ତୁଳିତ ଦୃଷ୍ଟିକୋଣ ଆପଣାଇବାକୁ ପଡ଼ିବ। ଅକ୍ଷୟ ଶକ୍ତି ଉତ୍ସ, ଯେପରିକି ସୌର ଏବଂ ପବନ ଶକ୍ତି, ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ଜଳ-ଦକ୍ଷ ବିଦ୍ୟୁତ୍ ଉତ୍ପାଦନ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ। ପୁରୁଣା କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ଆଧୁନିକୀକରଣ ଏବଂ ଜଳ ବ୍ୟବହାରକୁ କମ୍ କରିବା ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଆପଣାଇବା ମଧ୍ୟ ସହାୟକ ହେବ। ସରକାର, ଶିଳ୍ପ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସହଯୋଗ ଏହି ସମସ୍ୟାର ସମାଧାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଳ ସମ୍ବଳର ସୁପରିଚାଳନା ଏବଂ ସ୍ଥାନୀୟ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ଶକ୍ତି ପ୍ରକଳ୍ପଗୁଡ଼ିକର ଯୋଜନା କରିବା ଭବିଷ୍ୟତ ପାଇଁ ଏକ ସ୍ଥାୟୀ ମାର୍ଗ ପ୍ରସ୍ତୁତ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ତୁରନ୍ତ ଧ୍ୟାନ ଦେବା ଏବଂ ଦୀର୍ଘକାଳୀନ ସମାଧାନ ପାଇଁ କାର୍ଯ୍ୟ କରିବା ଭାରତର ଭବିଷ୍ୟତ ପାଇଁ ଅତ୍ୟନ୍ତ ଜରୁରୀ।

# ଶ୍ରୀବିଗ୍ରହଙ୍କର ଦକ୍ଷିଣାଭିମୁଖୀ ଯାତ୍ରା



ଦଶରଥ ହେମ୍ବ୍ରମ୍

ବର୍ଷକର ବାରମାସ ମଧ୍ୟରୁ ଜ୍ୟେଷ୍ଠ ମାସ ଗଲା, ଆସିଯାଇଛି ଆଷାଢ଼। ଏହି ମାସର ଦ୍ୱିତୀୟା ତିଥିରେ ଜଗତର ନାଥ ଜଗନ୍ନାଥଙ୍କର ରଥଯାତ୍ରା ଅନୁଷ୍ଠିତ ହୁଏ। ଭକ୍ତ/ଶ୍ରଦ୍ଧାଳୁଙ୍କ ମନରେ ଉତ୍କଣ୍ଠା, ଆବେଗ, ଉତ୍ସାହ ଭରି ହୋଇଯାଏ। ପୁରୀ ଶ୍ରୀକ୍ଷେତ୍ର ବହୁଦୂର ହେଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ନିର୍ମଳ ମନରେ ଯେଉଁ ଭକ୍ତିଭାବ ରହିଛି, ତାହା ଅତି ନିକଟ। ପ୍ରତି ବର୍ଷର ଜ୍ୟେଷ୍ଠ ଏବଂ ଆଷାଢ଼ ମାସରେ ମହାପ୍ରଭୁଙ୍କର ଦର୍ଶନ ବଡ଼ ଦାଣ୍ଡରେ ମିଳେ, ତେଣୁ ନିକଟରୁ ମହାପ୍ରଭୁଙ୍କୁ ଦେଖିବାକୁ ଭକ୍ତ/ଶ୍ରଦ୍ଧାଳୁଙ୍କ ମନରେ କାହିଁକି ବା ଦର୍ଶନର ଆବେଗ ସୃଷ୍ଟି ହେବ ନାହିଁ! ଏୟା ବି ସତ କଥା, ବର୍ତ୍ତମାନ ପରିସ୍ଥିତରେ ବିନା ଅର୍ଥରେ ତୀର୍ଥ କରିବା ଏତେ ସହଜ ନୁହଁ, ତଥାପି ମହାପ୍ରଭୁଙ୍କ ପ୍ରତି ଭକ୍ତ/ଶ୍ରଦ୍ଧାଳୁଙ୍କ ଯେଉଁ ମନରେ ଶ୍ରଦ୍ଧା ଓ ଭକ୍ତିଭାବନା ହିଁ ଟାଣି ନେଇଯାଏ ମହାପ୍ରଭୁଙ୍କ ନିକଟକୁ, ଜୀବନରେ ଯେତେ ବନ୍ଧ-ପ୍ରତିବନ୍ଧ ଥିଲେ ମଧ୍ୟ କେହି ଅଟକାଇ ପାରିବେ ନାହିଁ। ଏଭଳି ଶଙ୍କା-ଆଶଙ୍କା ଭିତରେ ରହି ମଧ୍ୟ ମହାପ୍ରଭୁଙ୍କ ନିକଟକୁ ଆପେଆପେ ଟାଣି ହେଇଯାଏ। ହଁ, ଏୟାବି ସତ କଥା ମହାପ୍ରଭୁଙ୍କ ଡୋରୀ ନଲାଗିଲେ ଶ୍ରୀକ୍ଷେତ୍ର ଯାଇ ହୁଏ ନାହିଁ ବୋଲି ଭକ୍ତଙ୍କ ମଧ୍ୟରେ ଏକ ପ୍ରକାର ବିଶ୍ୱାସ ରହିଛି। ଆଉ ଏହି ବିଶ୍ୱାସ ଯେ କାହିଁ କେଉଁ କାଳରୁ ରହି ଆସିଛି, ଏ କଥା ବା କିଏ କହି ପାରିବ? ନିତିଦିନ ଭକ୍ତଙ୍କ ମଧ୍ୟରେ ଏ ପ୍ରକାର ଅନେକ ଗୁଡ଼ିଏ ଅନୁଭୂତି ଏହି ବିଶ୍ୱାସକୁ ଆହୁରି ଦୃଢ଼ କରିଛି। ଯାହାବି ହେଉ, ଭକ୍ତ/ଶ୍ରଦ୍ଧାଳୁଙ୍କ ମଧ୍ୟରେ ପୁରୀ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ଯିବା ପାଇଁ ସମସ୍ତେ ବ୍ୟାକୁଳ ହୁଅଁ।

ଆଷାଢ ଶୁକ୍ଳ ଦ୍ୱିତୀୟାରେ ପବିତ୍ର ତିଥିରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୁଏ। ସେହିଦିନ ଶ୍ରୀମନ୍ଦିରରେ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା ଓ ବେଶ ପ୍ରଭୃତି କାର୍ଯ୍ୟକ୍ରମ ଯଥା ସମୟରେ ସମ୍ପନ୍ନ ହେବା ପରେ ରଥ ପ୍ରତିଷ୍ଠା ଓ ମଙ୍ଗଳାର୍ପଣ ଶେଷ ହୁଏ। ସାଂସ୍କୃତିକ ଓ ପାରମ୍ପରିକ ରୀତିନୀତିରେ ଉତ୍କଳର ଗଜପତି ମହାରାଜ ରଥତ୍ରୟର ନିଜର ସେବା ଛେରାପହଁରା କାର୍ଯ୍ୟ ଶେଷ କରନ୍ତି। ପରେପରେ ଚାରମାଳ ଫିଟା ଓ ଘୋଡ଼ା ସାରଥି ଲାଗିବା ପରେ ଭକ୍ତ/ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ରଥଟଣା ଆରମ୍ଭ ହୁଏ। ରଥ ଗଡ଼ିଚାଲେ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରତି। ପ୍ରଥମେ ଶ୍ରୀବଳଭଦ୍ର, ପରେ ଦେବୀ ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥଙ୍କର ରଥଟଣା ହୁଏ। ଶ୍ରୀଗୁଣ୍ଡିଚାରେଠାରେ ପହଞ୍ଚିବା ପରେ ଶ୍ରୀବିଗ୍ରହମାନଙ୍କୁ ପହଣ୍ଡି କରି ମନ୍ଦିର ଭିତରକୁ ନିଆଯାଏ। ଶ୍ରୀମନ୍ଦିର ଭଳି ସମାନ ସେଠାରେ ବିଭିନ୍ନ ରୀତିନୀତି କରାଯିବା ସହିତ ଅନ୍ନଭୋଗ ହୁଏ। ତା'ପରେ ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥିରେ ଶ୍ରୀବିଗ୍ରହମାନେ ଶ୍ରୀଗୁଣ୍ଡିଚାରୁ ଶ୍ରୀମନ୍ଦିରକୁ ପୁଣି ରଥରେ ପ୍ରତ୍ୟାବର୍ତ୍ତନ କରିଥାନ୍ତି, ଏହି ଯାତ୍ରାକୁ ବାହୁଡ଼ା ଯାତ୍ରା କୁହାଯାଏ।

ବାହୁଡ଼ା ଯାତ୍ରାକୁ ଶ୍ରୀବିଗ୍ରହମାନଙ୍କର ଦକ୍ଷିଣାଭିମୁଖୀ ଯାତ୍ରା ମଧ୍ୟ କୁହାଯାଏ। ସ୍କନ୍ଦ ପୁରାଣ ଅନୁସାରେ, ନବମ ଦିବସରେ ଦେବତାମାନଙ୍କୁ ରଥରେ ଅଧିଷ୍ଠିତ ହେବେ। ସେହିଦିନ ପ୍ରାତଃକାଳ ଅତ୍ୟନ୍ତ ସମୃଦ୍ଧିବାନ୍ ଏବଂ ବିଷ୍ଣୁଙ୍କର ପାଳିତ ଦକ୍ଷିଣାମୁଖୀ ଯାତ୍ରା ଅତ୍ୟନ୍ତ ଦୁର୍ଲଭ। ତେଣୁ ବାହୁଡ଼ା ଯାତ୍ରା ପୂର୍ବରୁ ଅଷ୍ଟମୀ ଦିନ ଶରଧାବାଲିଠାରେ ତିନୋଟି ରଥକୁ ଦକ୍ଷିଣମୋଡ଼ କରାଯାଇ ଗୁଣ୍ଡିଚା ମନ୍ଦିରର ନାକଚଣାଦ୍ୱାର ସମ୍ମୁଖରେ ରଖାଯାଏ। ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ପାରମ୍ପରିକ ନୀତିକାଁ ଅନୁସାରେ ଲକ୍ଷ୍ମୀ-ନାରାୟଣ ଭେଟ କରାଯାଏ। ଏହି ସମୟରେ ମାଉସୀମା'ଙ୍କ ହାତରୁ ମହାପ୍ରଭୁ ପୋଡ଼ପିଠା ଖାଇବା ପରମ୍ପରା ରହିଛି।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଜଣାଯାଏ ଯେ, ଶ୍ରୀବିଗ୍ରହଙ୍କର ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା, ଯାହାକୁ ମାଉସୀ ମା'ଙ୍କ ଘର ବୋଲି ବିବେଚନା କରାଯାଏ। ଏହା ପ୍ରଭୁ ଶ୍ରୀକୃଷ୍ଣଙ୍କର ବୃନ୍ଦାବନ ଗସ୍ତକୁ ସୂଚିତ କରେ ଏବଂ ପ୍ରତ୍ୟାବର୍ତ୍ତନ ଯାତ୍ରା ଈଶ୍ୱରଙ୍କ ଅନନ୍ତ ବାସସ୍ଥାନକୁ ପ୍ରତ୍ୟାବର୍ତ୍ତନର ପ୍ରତୀକ। ଏହି ସମୟରେ ଭକ୍ତ/ଶ୍ରଦ୍ଧାଳୁମାନଙ୍କ ଜୀବନରେ ମହାପ୍ରଭୁଙ୍କ ଦର୍ଶନ ପାଇ ଆଶୀର୍ବାଦ ପ୍ରାପ୍ତ ହୋଇଥାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତ/ଶ୍ରଦ୍ଧାଳୁଙ୍କୁ ଭେଟିବା ପାଇଁ ଶ୍ରୀମନ୍ଦିରରୁ ବାହାରି ଆସନ୍ତି। ଏହି କାରଣରୁ, ରଥଯାତ୍ରା ସମୟରେ ସହସ୍ର ଭକ୍ତ/ଶ୍ରଦ୍ଧାଳୁଙ୍କ ନିକଟତର ଅନୁଭବ କରାଁ। ଯାହାକୁ ଦେଖିବା ପାଇଁ ଅନେକ ଭକ୍ତ/ଶ୍ରଦ୍ଧାଳୁମାନେ ଖାଲି ପାଦରେ ଆସି ମହାପ୍ରଭୁଙ୍କର ଆଶୀର୍ବାଦ ଲାଭ କରନ୍ତି। ଏହାକୁ ଶାସ୍ତ୍ରୀୟନାନୁସାରେ ବିଶ୍ୱାସ କରାଯାଏ ଯେ, ରଥଯାତ୍ରା ସମୟରେ ଶ୍ରୀବିଗ୍ରହମାନେ ଉତ୍ତରାଭିମୁଖି ହୋଇ ଯାତ୍ରା କରୁଥିବା ସମୟରେ ସେମାନଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡ଼ା ଯାତ୍ରା ସମୟରେ ଦକ୍ଷିଣାଭିମୁଖ ହୋଇ ଯାତ୍ରା କରୁଥିବା ବେଳେ ସେମାନଙ୍କୁ ଦର୍ଶନ କଲେ ସେହି ଫଳ ହିଁ ମିଳିଥାଏ। ଏପରିକି ଭକ୍ତ/ଶ୍ରଦ୍ଧାଳୁମାନେ ଏହି ଦୁର୍ଲଭ ଦର୍ଶନରେ ଅଶ୍ୱମେଧ ଯଜ୍ଞର ଫଳଲାଭ କରି ଅନ୍ତକାଳରେ ବୈକୁଣ୍ଠପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି।



ସମଗ୍ର ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ପୁରୀ ଶ୍ରୀକ୍ଷେତ୍ର ରଥଯାତ୍ରା ଏବଂ ବାହୁଡ଼ା ସମୟରେ ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଏକତ୍ରିତ ହୋଇ ରଥକୁ ଟାଣିଥାନ୍ତି। ଏହି ସମୟରେ ରଥ ସମ୍ମୁଖରେ ନୃତ୍ୟଶିଳ୍ପୀମାନେ ଓଡିଶାର ଲୋକନୃତ୍ୟ, ନୃତ୍ୟ, ପାରମ୍ପରିକ ସଂଗୀତ, କଳା ଏବଂ ହସ୍ତଶିଳ୍ପ ପ୍ରଦର୍ଶନ କରି ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିଥାଏ। ଏହିପରି ଲକ୍ଷଲକ୍ଷ ଜନସମୁଦ୍ର ଭକ୍ତ/ଶ୍ରଦ୍ଧାଳୁଙ୍କର ବିଶାଳ ଶୋଭାଯାତ୍ରାରେ ଭଜନ, ସଂକୀର୍ତ୍ତନ ପରିବେଷଣ କରିବା ଏବଂ ମୃଦଙ୍ଗ, କାହାଳୀ, ଶଙ୍ଖ ଫୁଙ୍କିବା ମଧ୍ୟରେ ଶ୍ରୀବିଗ୍ରହମାନଙ୍କୁ ନିଜ ନିଜ ରଥରେ ନିଆଯାଏ। ଶ୍ରୀବିଗ୍ରହମାନଙ୍କୁ ଫୁଲ ଏବଂ ଅଳଙ୍କାରରେ ସୁସଜ୍ଜିତ ହୋଇଥିବାରୁ ଏହି ରୀତିନୀତି ଏକ ପ୍ରମୁଖ ଦୃଶ୍ୟ ଅଟେ। ତତ୍ସହିତ ଓଡ଼ିଶାର ଓଡ଼ିଶୀ ଏବଂ ଗୋଟିପୁଅ ପରି ପାରମ୍ପରିକ ନୃତ୍ୟ ଫର୍ମ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଏ ଉତ୍ସବର ଉତ୍ସାହକୁ ଆହୁରି ସୌନ୍ଦର୍ଯ୍ୟମୟ କରିଥାଏ। ତେଣୁ କୁହାଯାଏ, ବାହୁଡ଼ା ଯାତ୍ରା ହେଉଛି ଭକ୍ତି, ସଂସ୍କୃତି ଏବଂ ସମ୍ପ୍ରଦାୟର ମହୋତ୍ସବ। ଏହି ମହୋତ୍ସବରେ ପ୍ରସିଦ୍ଧ ପୁରୀ ମହାପ୍ରସାଦ ଠାରୁ ଆରମ୍ଭ କରି ରସଗୋଲା ଏବଂ ଛେନାପୋଡ଼ ଭଳି ବିଭିନ୍ନ ମିଠା ସ୍ୱାଦର ଖାଦ୍ୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

+ ଦୁର୍ନୀତି ନିବାରଣ ଅଧିକାରୀ,
ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର,
ମୋ -୯୩୩୭୪୦୪୨୫୪

# ମହାପ୍ରଭୁଙ୍କ ସୁନାବେଶ



ଇନ୍ଦୁ ଭୂଷଣ ଭୂୟାଁ



କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଯେଭଳି ଶ୍ରେଷ୍ଠ ସମସ୍ତ ଦେବତା ମାନଙ୍କ ମଧ୍ୟରେ ଶ୍ରୀ ପୁରୁଷୋତ୍ତମ (ଜଗନ୍ନାଥ) ହେଉଛନ୍ତି ସେହିଭଳି ଶ୍ରେଷ୍ଠ ବା ରାଜା। ଯେପରି - "ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତ୍ତମ। ସର୍ବେଷାଂ ଚୈବ ବେଦାନାଂ ରାଜା ଶ୍ରୀ ପୁରୁଷୋତ୍ତମ।" (କପିଳ ସଂହିତା) ପ୍ରତିବର୍ଷ ମହାପ୍ରଭୁଙ୍କର ଏହି ରାଜବେଶ ବା ସୁନାବେଶ ପ୍ରାୟ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ। ଏହା ସାଧାରଣତଃ ବିଜୟା ଦଶମୀ (ଦଶହରା), ପୌଷ ପୂର୍ଣ୍ଣମୀ (ପୁଷ୍ୟାଭିଷେକ), ଦୋଳ ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଆଷାଢ଼ ଶୁକ୍ଳ ଏକାଦଶୀ (ରଥ ଉପରେ) ଦିନ ଅନୁଷ୍ଠିତ ହୋଇଥାଏ। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଏହି ପବିତ୍ର ସୁନାବେଶର ଉତ୍ପତ୍ତି ସଂପର୍କରେ ଆମେ ଯାହା ଐତିହାସିକ ଓ ପୌରାଣିକ ତଥ୍ୟ ସଂଗ୍ରହ କରିଥିଲୁ ଏହାର ମୁତାବକ ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗବଂଶର ମହାନ ରାଜା ତୃତୀୟ ଅନଙ୍ଗଭୀମ ଦେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ଭାବେ ଘୋଷଣା କରିଥିଲେ। ଏପରିକି ଏକ ଶିଳାଲିପିର ତଥ୍ୟ ଅନୁଯାୟୀ ପ୍ରଚୁର ପରିମାଣରେ ସ୍ୱର୍ଣ୍ଣ, ରୌପ୍ୟ, ମଣି, ମୁକ୍ତା ହୀରା, ନୀଳା ଇତ୍ୟାଦି ମୂଲ୍ୟବାନ ରତ୍ନ, ଅଳଙ୍କାର ଶ୍ରୀ ଜୀଉମାନଙ୍କୁ ଅର୍ପଣ କରିଥିବାରୁ ସେ ସମୟରେ ରୀତି, ନୀତି ଓ ପରଂପରାକୁ ନେଇ ସୁନାବେଶର ସୃଷ୍ଟି ହୋଇଥିବା ଅଧିକ ସମ୍ଭବ ମନେହୁଏ। ସେହିପରି କେତେକ ଐତିହାସିକଙ୍କ ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଐଶ୍ୱର୍ଯ୍ୟ ମାଧୁର୍ଯ୍ୟର ମିଳିତ ବିଗ୍ରହ। ସୁନାବେଶର ଐଶ୍ୱର୍ଯ୍ୟ ଭାବ ପ୍ରକାଶିତ ହୋଇଥାଏ। ଗବେଷକ ମାନେ ସୁନା ବେଶର ଉତ୍ପତ୍ତି ୧୨୩୨ ଖ୍ରୀଷ୍ଟାବ୍ଦ ବୋଲି ନିରୂପଣ କରିଛନ୍ତି। ଦକ୍ଷିଣ ଭାରତ ବିଜୟ କରି ୧୪୬୦ ସାଲର ରାଜା କପିଳେନ୍ଦ୍ର ଦେବ ୧୬ଟି ହସ୍ତୀରେ ବୋଝେଇ ବିପୁଳ ଧନରତ୍ନ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁମାନଙ୍କୁ ଉତ୍ସର୍ଗ କରିଥିଲେ। ସୁନାବେଶ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକ ସଂର୍ପରେ ପୁରାତନ ରେକର୍ଡ଼ରୁ କିଛି (ସଂପୂର୍ଣ୍ଣ ନୁହେଁ) ସୂଚନା ଯାହା ଆମେ ସଂଗ୍ରହ କରିଥିଲୁ। ଏହି ସୂଚନା ମୁତାବକ ଶ୍ରୀ ବଳଭଦ୍ରଙ୍କୁ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳ, କଦମ୍ବମାଳି, ତିଳକ, ଚନ୍ଦ୍ରିକ, ଅଳକା, ଝୋବାକଣ୍ଠି, ହଳ ମୂଷଳ, ବାହାଡ଼ାମାଳି, ବାଘନଖ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି, ଦେବୀ ସୁଭଦ୍ରାଙ୍କୁ କିରୀଟ, ଓଡ଼ିଆଣୀ କାନ, ସୂର୍ଯ୍ୟଚନ୍ଦ୍ର, ଘାଗଡ଼ାମାଳି, କଦମ୍ବ ମାଳି, ଆୟୁଧ ସେବତୀ ମାଳି ଏବଂ ଶ୍ରୀଜଗନ୍ନାଥଙ୍କୁ କିରୀଟ, ଶ୍ରୀଭୂଜ, ଶ୍ରୀ ପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କାନ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସ୍ୱର୍ଣ୍ଣଚକ୍ର, ରୌପ୍ୟଶଙ୍ଖ, ହରିଡ଼ା କଦମ୍ବ ମାଳି, ତାବିଜ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି ଆଦି ରତ୍ନ ଖଚିତ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେଉଥିଲା। ସୁରକ୍ଷା ଦୃଷ୍ଟିରୁ ରଥ ଉପରେ ହେଉଥିବା ସୁନାବେଶରେ କେତେକ ଦୁର୍ଲଭ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେଉ ନଥିଲା।

ରାଜା କପିଳେନ୍ଦ୍ର ଦେବଙ୍କ ଆଦେଶରେ ପ୍ରସ୍ତୁତ ପ୍ରତ୍ୟେକ ଅଳଙ୍କାର ପଛରେ ଏକ ନିର୍ଦ୍ଦିଷ୍ଟ ଇତିହାସ ଲୁଚି ରହିଛି। ଏହି ଅବ୍ୟକ୍ତ ଇତିହାସର ମୂଲ୍ୟାଙ୍କନ ମଧ୍ୟ ଦୁରୁହ ବ୍ୟାପାର। ରଥ ପର କେବଳ ଲାଗି ହେଉଥିବାର ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକର ମୂଲ୍ୟକୁ ନେଇ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। କିଏ କହୁଛି ୫୦୦ କୋଟି ତ ଅନ୍ୟ କିଏ କହୁଛି ଏକ ହଜାର କୋଟି ଟଙ୍କା ହେବ। କିନ୍ତୁ ମହାପ୍ରଭୁଙ୍କ ଏହି ବିରଳ ଅଳଙ୍କାରର ପ୍ରକୃତ ମୂଲ୍ୟାଙ୍କନ ଅସମ୍ଭବ ଏଥିରେ ସନ୍ଦେହ ନାହିଁ। ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଗବେଷଣା ପ୍ରସ୍ତୁତ ତଥ୍ୟାନୁସାରେ ଗଜପତି କପିଳେନ୍ଦ୍ର ଦେବ ତାଙ୍କର ବିଜ ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ ଗୋଟି ହାତୀରେ ବୋଝାଇ ଆଣିଥିବା ଦେବ ତାଙ୍କର ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ଗୋଟି ହାତୀରେ ବୋଝାଇ ଆଣିଥିବା ସ୍ୱର୍ଣ୍ଣରତ୍ନରେ ସ୍ୱର୍ଣ୍ଣମୁକୁଟ, ସ୍ୱର୍ଣ୍ଣଶ୍ରୀପୟର, ପଦକ, କୁଣ୍ଡଳ ନଳୀଭୁଜ, ତିଳକ, 'ବଡ଼ ତଡ଼ଉ' ନାମକ କଣ୍ଠମାଳା ଆଦି ନିର୍ମାଣ କରାଇ ଗୁଣ୍ଡିଚା ଘରୁ ରଥ ଫେରିବା ପରେ ଜୀଉମାନଙ୍କୁ ପ୍ରଥମେ ଏହିବେଶ କରାଇଥିଲେ। ଅତୀତରେ ଏହା 'ବଡ଼ଚଢ଼ଉ ବେଶ' ନାମରେ ମଧ୍ୟ ପରିଚିତ ଥିଲା। ମୟୂରଭଞ୍ଜ, ପାରଳା ଖେମୁଣ୍ଡି ପ୍ରଭୃତି ସ୍ୱନାମଧନ୍ୟ ରାଜାମାନେ ଏହି ରାଜ୍ୟ ବିଜୟର ସ୍ମାରକ ବେଶ ଦେଖିବାକୁ ଆସୁଥିଲେ ଏବଂ ପ୍ରଭୁଙ୍କୁ ଉତ୍କଳର ସମ୍ରାଟ ବା ରାଜାଧିରାଜ ରୂପେ ବନ୍ଦାପନା କରୁଥିଲେ। ଏବେଶର ବନ୍ଦନା ତଥା ପୁଷ୍ପାଞ୍ଜଳୀମନ୍ତ୍ରଟି ବେଶ ତାତ୍ପର୍ଯ୍ୟପୂର୍ଣ୍ଣ। "ସ୍ୱରାଟରାଟ ଶ୍ରୀ ଜଗନ୍ନାଥ ତ୍ରିକଳିଙ୍ଗ ପତିର୍ଷତିଃ, ରାଜାଧିରାଜ ଶ୍ରୀ ଦେବଃ ଦେହି ଶ୍ରୀ ବିଜୟ ସଦା।"

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨

## ବାହୁଡ଼ିବେ ରଥେ ତିନି ଠାକୁରେ

ନୂତନ କୁମାର ବେହେରା




ଗହଳ ଚହଳ ନାହିଁ ଶ୍ରୀକ୍ଷେତ୍ର
ଭଲ ଲାଗୁ ନାହିଁ ପ୍ରଭୁଙ୍କ ବିନା,
ରତ୍ନ ସିଂହାସନ ଦିଶେ ଶ୍ରୀହୀନ
ମନେ ବିଷାଦ ହୃଦୟ ବୁଝେନା,
ଶୁଣି ଭାବ ଭକ୍ତି ଭରା ପ୍ରାର୍ଥନା
ବାହୁଡ଼ି ଆସିବେ କାଳିଆ ସୁନା।
ଯାଇଥିଲେ ପ୍ରଭୁ ଶ୍ରୀଜଗନ୍ନାଥ
ରଥଯାତ୍ରା କରି ବଡ଼ଦାଣ୍ଡରେ,
ଭାଇ ବଳଭଦ୍ର ଭଗ୍ନୀ ସୁଭଦ୍ରା
ଥିଲେ ତ ମହାପ୍ରଭୁଙ୍କ ସାଥୀରେ,
ରହିଥିଲେ ଯାଇ ଜନ୍ମ ବେଦୀରେ
ହସ ଖୁସି କରି କି ଆନନ୍ଦରେ !
ଆଷାଢ଼ ଦଶମୀ ପୁଣ୍ୟତିଥିରେ
ବାହୁଡ଼ିବେ ରଥେ ତିନି ଠାକୁରେ,
ଆସିବେ ସଭିଏଁ ଆଡ଼ମ୍ବରରେ
ବାଜା ବାଜେଣୀର ନୃତ୍ୟ ଛନ୍ଦରେ,
ତ୍ରିଭୁବନ ଶିରୀ ତାଙ୍କରି ଠାରେ
ତାଙ୍କ ଦର୍ଶନେ ପାପ ଯାଏ ଦୂରେ।
ଦରଶନ ଦେବା ଲାଗି ଶ୍ରୀହରି
ଆସିଥିଲେ ସେ ଶ୍ରୀମନ୍ଦିର ଛାଡ଼ି,
ଦେଖି ପବିତ୍ର ହେଲା ଦୁଇ ଆଖି
ଜୀବନ ଗାଡ଼ି ଯିବ ଗଡ଼ି ଗଡ଼ି,
ତିନି ଠାକୁରଙ୍କ ଆଶିଷ ନେଇ
ଘର ସଂସାରକୁ ଦେବା ସଜାଡ଼ି।
ନ'ଦିନେ ହୁଏ ବାହୁଡ଼ା ବିଜୟ
ଫେରି ଆସନ୍ତି ଶ୍ରୀଜଗନ୍ନାଥ,
ମା' ମହାଲକ୍ଷ୍ମୀ କରିଛନ୍ତି ମାନ
ଓଗାଳି ରୁହନ୍ତି ତାଙ୍କରି ପଥ,
ଭାବ ବିନୋଦିଆ ବଡ଼ଠାକୁର
ଅନାଥ ଜନଙ୍କର ସେ ତ୍ରିନାଥ।
କୃପାସିନ୍ଧୁଙ୍କର କୃପା ଅଶେଷ
ଭକ୍ତଜନଙ୍କର ଲାଗି ସର୍ବଦା,
କରୁଣା ତାଙ୍କର ସବୁରି ପାଇଁ
ଖାଲି ହାତରେ କରନ୍ତିନି ବିଦା,
ଭକ୍ତ ମନୋବାଞ୍ଛା କରନ୍ତି ପୂର୍ଣ୍ଣ
ହଟାଇ ଅଜ୍ଞାନ କଳା ପରଦା।
ଭାବ ଭକ୍ତି ଥାଉ ତାଙ୍କରି ଠାରେ
ଚଳାଇ ନିଅନ୍ତୁ ସତ୍ୟ ପଥରେ,
ରଖନ୍ତୁ ସଭିଙ୍କୁ ସେ ଶରଣରେ
ନ ରହୁ କିଛି ଦୁଃଖ ସଂସାରରେ,
ଆଷାଢ଼ ଦଶମୀ ପୁଣ୍ୟତିଥିରେ
ବାହୁଡ଼ିବେ ରଥେ ତିନି ଠାକୁରେ।

+ କୋହି, ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

## ବାହୁଡ଼ିବେ ବାହୁଡ଼ା ବ୍ରହ୍ମ

ସୁନୀଲ କୁମାର ପ୍ରଧାନ



ଆଠଦିନ ରହି ଜନମ ବେଦୀରେ
ଭାଇ ଭଉଣୀକୁ ନେଇ
ବାହୁଡ଼ା ହୁଅନ୍ତି ମୋ ବାହୁଡ଼ା ବ୍ରହ୍ମ
ପବିତ୍ର ଦିନଟି ଏହି ।


ସ୍ୱର୍ଗରୁ ଆସନ୍ତି ଦେବତା ଗଣ ଯେ
ଦେଖିବାକୁ ଏହି ଯାତ
କେଡେ ସେ ସୁନ୍ଦର ଚତୁର୍ଦ୍ଧା ମୂରତି
ଦେଖ ଦେଖ ଗୋ ସଙ୍ଗାତ ।

କୋଟି କୋଟି ଜନ ସମୁଦ୍ର ଘଟିଛି
ଗଣନା କରି ହୁଏନି
ଭକ୍ତ ଭଗବାନ ଏକାଠି ହୁଅନ୍ତି
ମନରୁ କେବେ ଭୁଲେନି ।

କଳିଯୁଗରେ ତୁ କାଳିଆ ଠାକୁର
ଭିନ୍ନ ଭିନ୍ନ ରୂପ ନେଇ
ଲୀଳା ଖେଳା କରୁ କେତେ
ଯତନରେ
ଆହେ ମୋ ଜଗତ ସାଇଁ ।

ଏକାଦଶୀ କରି ସୁନାବେଶ ହୋଇ
ଫେରନ୍ତି ବଡ଼ ଠାକୁର
ମଣିମା ମଣିମା ପଡୁଛି ଡାକରେ
କମ୍ପମାନ ତିନିପୁର ।

+ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬







# ନୋଟ୍ ବୁକ୍

## ନଗେନ୍ଦ୍ର ନାଥ ପଟ୍ଟନାୟକ



ଚୁନ୍‌ମୁନ୍ ସଦାବେଳେ ଗୋଟିଏ ନୋଟ୍‌ବୁକ ହାତରେ ଧରିଥାଏ । ହେଲେ ସେଟା ସ୍କୁଲ ନୋଟବୁକ ନୁହେଁ । ସେଥିରେ ଥାଏ ଶିଶୁ କବିତା, ସୁଚିନ୍ତିତ ଯୋଜନା, ଶିଶୁଗପ , ଗୁପ୍ତ ବିଚାର ଓ ଅନ୍ୟାନ୍ୟ ଜିନିଷମାନ । ଯୋଉକଥା ସେ ବଡ଼ପାଟିରେ ପ୍ରକାଶ କରିପାରେନି ସେସବୁ ନୋଟବୁକ୍ ଛାତିରେ ଥାଏ ।

ତା ନୀଳ ନୋଟ୍‌ବୁକ୍‌ର ସବା ଉପରେ ରକେଟ୍‌ର ଷ୍ଟିକରଟିଏ ଲଗାଯାଇଥିଲା । ସେ ତା'ର ନାଁ ଦେଇଥିଲା 'ଆଇଡିଆ ଇଂଜିନ' । ମଧ୍ୟାହ୍ନଭୋଜନ ବେଳେ ସବୁପିଲା ଖେଳରେ ମାତି ଯାଉଥିଲେ; କିନ୍ତୁ ଗୋଟିଏ ବିରାଟ ଝଙ୍କାଳିଆ ଗଛମୂଳେ ବସିଯାଇ ଚୁନ୍‌ମୁନ୍ ନୋଟ୍ ଖାତାଟିରେ ୟାଡୁସ୍ୟାଡୁ କ'ଣ ଗୁଡ଼େ ଲେଖିଚାଲୁଥାଏ । ସେ ଅଗ୍ନିଶ୍ୱାସୀ ସର୍ପଟି ବିଷୟରେ ଲେଖି ଲାଇବ୍ରେରି ବହିଗୁଡିକ ଭିତରେ ଲୁଚେଇଦେଲା । ଝିଅଟିଏ ତା' ଛାୟା ସହିତ ଗପସପ କରୁଥିଲା । ସେ କ'ଣ କରୁଥିଲା ଅଧିକାଂଶ ପିଲା ଜାଣିପାରୁ ନ ଥିଲେ । ଥୋକେ ପିଲା ତାକୁ ଟାହିଟାପରା କରୁଥିଲେ । ସେ ନିଜ ପିଠିରେ



ଲଦିଥିବା ଝୁଲାମୁଣିରେ ଦରାଣ୍ଡି ଦେଖେତ, ସେଇ ନୋଟ୍ ବୁକ୍‌ଟି ହଜିଯାଇଛି । ତା'ପରେ ସେ ଶାର୍ଟ ପ୍ୟାଣ୍ଟ ପକେଟ ଅଣ୍ଡାଳିଲା; ହେଲେ ସବୁ ବୃଥା । ମନ ନ ବୁଝିଲାରୁ ଡ଼େସ୍କ ତଳେ ନିରେଖେଇ ଦେଖିଲା । କିନ୍ତୁ କୋଉଠି ସେଟାକୁ ପାଇଲାନି ।

ସେଇ ନୋଟ୍‌ବୁକ୍‌ଟିରେ ତା' ମନମାଫିକ ଶିଶୁକାହାଣୀ, ତା'ର ସୁଚିନ୍ତିତ ଯୋଜନାମାନ ଏମିତି କି ମୁଣ୍ଡରେ ସୁପରକ୍ୟାପ ପିନ୍ଧିଥିବା ତା' ହାତଅଙ୍କା କୁକୁରଟିଏ ଥିଲା । ସେ ମନେମନେ ଭାବିଲା, କିଏ ଯଦି ପଢିନେଲା ତା'ହେଲେ... । ସାରାଦିନ ସେ ଆଉ ପଢ଼ାରେ ମନ ଦେଇପାରିଲାନି । ମଧ୍ୟାହ୍ନଭୋଜନ ବେଳେ କିଛି ଖାଇଲାନି । ଶ୍ରେଣୀରେ ସେ କ୍ୱଚିତ ହାତ ଟେକୁଥାଏ । ସେଦିନ ରାତିରେ ସେ ଘରେ କାହାକୁ କିଛି କହିଲାନି । ଖାଲି ଝୁଲା ବସ୍ତାନିକୁ ବଲବଲ କରି ଅନେଇ ରହିଲା ।

ପରଦିନ ସକାଳେ ଅବିଶ୍ୱସନୀୟ ଭାବେ କିଛି ଗୋଟେ ଘଟିଗଲା । ଚୁନ୍‌ମୁନ୍ ଶ୍ରେଣୀରେ ପଶିଲାବେଳେ ତା' ନୀଳ ନୋଟ୍‌ବୁକଟି ଡେସ୍କ ଉପରେ ବସିଥିଲା । ତା'ଉପରେ ହଳଦିଆ ରଙ୍ଗର ନୋଟ୍ ଥିଲା । ନୋଟ୍ ସୂଚେଇଦେଲା ତୁମ କଳ୍ପନା ବିସ୍ମୟଜନକ । ଚାଲୁ ରଖ । ଆଉ କାହା ନାଁ ନ ଥିଲା । କିଏ ଲେଖିଲା ତା'ର କୌଣସି ସୁରାକ ନ ଥିଲା ।

ଚୁନ୍‌ମୁନ ବହୁ ବେଳଯାଏ ସେଟାକୁ ଏକଲୟରେ ଚାହିଁରହିଲା । ଗାଲଯୋଡ଼ିକ ତା'ର ଉଚ୍ଛ୍ୱାସରେ ଫୁଲିଉଠିଲା । ସେ ଗର୍ବ ଓ ଆତ୍ମବିଶ୍ୱାସରେ ଫାଟିପଡ଼ିଲା । କେହିଜଣେ ସେଇ ଶବ୍ଦଗୁଡ଼ିକୁ ପଢ଼ିସାରି ପସନ୍ଦ କରିଥିଲା । ତେଣୁ ସେ ତାକୁ ଥଟ୍ଟା ଉପହାସ କଲାନାହିଁ, ବରଂ ଉତ୍ସାହିତ କଲା । ଅପରାହ୍ନରେ ସେ ଗଛମୂଳେ ବସି ତା'ନୋଟ୍‌ବୁକ୍‌ଟି ଖେଲି ପୁଣି କିଛି ଲେଖିବାକୁ ଲାଗିଲା ।

ଆଗରୁ ଯେତିକି ଲେଖୁଥିଲା ତାଠୁ ବେଶି ଲେଖିଚାଲିଲା । ଶ୍ରେଣୀରେ ସେ ସେଇ ଲେଖାଗୁଡ଼ିକୁ ସାଙ୍ଗ ମାନଙ୍କୁ ଦେଖାଇ ଭାବର ଆଦାନପ୍ରଦାନ କଲା । ତା' ଲିଖିତ ଗପମାନଙ୍କ ଭିତରୁ ଗୋଟିଏ ଗପ ଖବରକାଗଜର ଛପା ହୋଇଗଲା ।


+ ଓଙ୍କାର ସିଟି, ଲେନ ନଂ-୯,ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ- ୯୪୩୮୩୩୨୧୩୮


# କୁନାର ଗୁଡି

## ଧ୍ରୁବ ଚରଣ ବେହେରା

ଦେଖ ଦେଖ ଭାଇ ମୋହରି ଗୁଡି
ଆକାଶେ ଯାଉଛି ସୁନ୍ଦରେ ଉଡି ।

ଡୋରି ଅଛି ତା'ର ହାତରେ ମୋର
କଥା ମାନି ଯାଏ କେତେ ଉପର ।

ଦେଖଇ ଉପରୁ ସବୁଜ ଶୋଭା
ଆହାକି ପୃଥିବୀ କି ମନ ଲୋଭା ।

ଅଛି ଘେରି କେତେ ପାହାଡ ବଣ
ନଦ ନଦୀ ଘେରା ତା' ବାସ କୋଣ ।

ଫୁଲ ଫୁଟିଛନ୍ତି ବଗିଚା ତୀରେ
ଉଡଇ ଭଅଁର ଚାରି ପାଖରେ ।

ଗୀତ ଗାଇ ହଳ କରେ କୃଷକ
ମେଣ୍ଟାଇବା ପାଇଁ ଦେଶର ଭୋକ ।

ମୋ ଗୁଡି ମୁଣ୍ଡକୁ କହେ ହଲାଇ
ଡୋରି ନ ଛାଡିବୁ ମୋ କୁନା ଭାଇ ।

ଛାଡି ଦେବୁ ଜଦି ଡୋର ତୋହର
ଦେଖି ନ ପାରିବି ପ୍ରକୃତି ଘର ।

ପଡି ଯିବି ତଳେ ମୁଣ୍ଡ ବୁଲାଇ
ତୋର ପିଲା ବେଳର ସାଥିଟେ ମୁହିଁ ।

ଅତୀତର ସ୍ମୃତି ଲାଗେ ନିଆରା
କୁନା ପାଇଁ ଗୁଡି ଖୁସି ପସରା ।


+ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


# କୁଡୁ କୁଡୁ କୁକୁଡ଼ା

## ଡକ୍ଟର ଅରୁଣ କୁମାର ପଣ୍ଡା

କୁଡୁ କୁଡୁ କୁକୁଡ଼ା
ଆଣି ଗଲା ଉଖୁଡା
ଉଖୁଡା କରେ ମାଇଁ
କହିଲା -ଯାଆ,ପରେ ଆସିବୁ
କାମ ସରି ନାହିଁ ।

କୁକୁଡ଼ା ଦେଲା ଅଣ୍ଡା
ମନଟା ହେଲା ଥଣ୍ଡା
ଭୁଜିଆ କଲା ଅପା
ଖାଇବା ପାଇଁ ଟଣାଓଟରା
ରାଗରେ ହେଲେ ଖପ୍ପା ।

ଅପା ବଡ଼ ଗେହ୍ଲେଇ
ଚାଲେ ବେଣୀ ହଲେଇ
କହଇ କଥା ମିଠା
ରଜଦୋଳିରେ ଝୁଲାଇ ଦିଅ
ଖୁଆଇ ପୋଡ଼ପିଠା ।

ଝୁଉଲୁ ଅପା ଝୁଲ୍
ହୋଇଯା ଟିକେ କୁଲ୍
ଦୂରରୁ ବାସେ ମଲ୍ଲୀ
ଆମରି ଗୁଣ ଚହଟି ଯାଉ
ଏଇ ପଲ୍ଲୀ ରୁ ଦିଲ୍ଲୀ ।।


+ଗ୍ରାମ/ପୋ -ତୋଟାପଡା
ଭାୟା -ଘଣ୍ଟେଶ୍ୱର
ଜି -ଭଦ୍ରକ ୭୫୬୧୨୯
ମୋ: ୯୯୩୭୬୭୨୭୦୮


# ମଙ୍ଗୁର ଜନମଦିନ

## ସନ୍ତୋଷ କୁମାର ଅଦାବର

ଜୁଲାଇ ମାସର ପ୍ରଥମ ସପ୍ତାହ। ଠିକ୍ ଏଇ ଜୁଲାଇ ମାସର ପ୍ରଥମ ସପ୍ତାହରେ ଦ୍ୱିତୀୟ ଦିନରେ ହାତୀଛୁଆ ମଙ୍ଗୁର ଜନ୍ମ। ଆଜି ତା'ର ତୃତୀୟ ଥର ଜନ୍ମଦିନ ପାଳନ ହେଉଛି ଜଙ୍ଗଲ ମଝିରେ ଥିବା ଏକ ବିରାଟକାୟ ବରଗଛ ମୂଳରେ। ହରିଣ, ଠେକୁଆ, ଭାଲୁ,ମୟୂର, ଶୁଆ, ବଣି ଆଦି ପଶୁପକ୍ଷୀ ସେଠାରେ ଉପସ୍ଥିତ ଅଛନ୍ତି । ସମସ୍ତେ ଖୁବ ଖୁସିରେ ଅଛନ୍ତି । ହାତୀଛୁଆ ମଙ୍ଗୁ ବି ଅତ୍ୟନ୍ତ ଆନନ୍ଦିତ। ତା'ର ମାଆ ତାକୁ ସୁନ୍ଦର ଭାବରେ ସଜେଇ ଦେଇଛି। କିଛି ପଶୁ ପକ୍ଷୀ ସେ ସ୍ଥାନକୁ ରମଣୀୟ ଭାବରେ ସାଜସଜ୍ଜା କରିଛନ୍ତି । ଜନ୍ମ ଦିନରେ ଗୀତ ନାଚ ହେବ । ମଙ୍ଗୁକୁ ସଭିଏଁ ଜନ୍ମ ଦିନର ଶୁଭେଚ୍ଛା ଜଣାଇବେ । ଶେଷରେ ଭୋଜି ମଧ୍ୟ ହେବ ବୋଲି ସ୍ଥିର ହୋଇଛି ।

ଜନ୍ମ ଦିନ ପାଳନର ସମୟ ଉପସ୍ଥିତ ହେଲା। ସଭିଏଁ ମଙ୍ଗୁକୁ ଜନ୍ମ ଦିନର ଶୁଭକାମନା ଜଣାଇ ନାଚଗୀତ କଲେ । ଭାଲୁ ବଡ଼ ପାଚିଲା ପଣସଟିଏ, ହରିଣ ଓ ଠେକୁଆ କିଛି ଫଳ ଗଣ୍ଠିଲି କରି ଏବଂ ଅନ୍ୟ ପଶୁ ପକ୍ଷୀ ମଧ୍ୟ ମଙ୍ଗୁକୁ ଜନ୍ମ ଦିନର ଉପହାରମାନ ଦେଲେ । ତା'ପରେ ନାଚଗୀତ ହେଲା ।

ସେ ମୁଲକରେ ରହୁଥିବା ତାଙ୍କ ଗୋଷ୍ଠୀର ମାଙ୍କଡ଼ ଭାଇ କିନ୍ତୁ ସେଠାରେ ନ ଥିଲା । କାହିଁକି ସେ ଆସିଲା ନାହିଁ ? ତା'ର କ'ଣ ଅସୁବିଧା ହେଇଛି କି ? ଆମ ଗୋଷ୍ଠୀର ଅନ୍ୟ କେହି ତାକୁ କିଛି ଇଆଡୁ ସିଆଡୁ କହିଛି କି ? ଏସବୁ ହାତୀଛୁଆ ମଙ୍ଗୁର ମାଆ ଭାବୁଥାଏ ।

ଠିକ୍ ଏତିକି ବେଳେ ମାଙ୍କଡ଼ ଭାଇ ସେଠାରେ ହାଜର । ତା'ର ହୁଁ ହୁଁ ହୁଁ ଶବ୍ଦ ଶୁଣି ସମସ୍ତେ ତା' ଆଡ଼କୁ ଅନେଇଲେ । ଦେଖିଲେ ତା'ର ହାତରେ କିଛି ଚାରାଗଛ ଅଛି । ସେମାନେ ତାକୁ କିଛି ପଚାରିବା ଆଗରୁ ସେ ସବୁ ଚାରାଗଛ ନେଇ ମଙ୍ଗୁକୁ ଦେଲା ଏବଂ ମୁରୁକି ହସିକି ତାକୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଲା । ଏହା ଦେଖିକି ଅନ୍ୟ ମାନେ କିଛି ବୁଝି ପାରିଲେ ନାହିଁ । ତା'ପରେ ମାଙ୍କଡ଼ ଭାଇ କହିଲା-


ଆଜିର ଏଇ ମଙ୍ଗୁ ଭାଇର ଶୁଭ ଜନ୍ମଦିନ ଅବସରର ତା'ର ମଙ୍ଗଳ କାମନା କରୁଛି । ଏହା ସହ ତାକୁ ଏହି କିଛି ଚାରାଗଛ ଆଜିର ଜନ୍ମ ଦିନର ଉପହାର ସ୍ୱରୂପ ଦେଉଛି । ଆଜି ମୁଁ ମଙ୍ଗୁକୁ କିଛି ଗୋଟିଏ ଆଶ୍ଚର୍ଯ୍ୟ କଲା ଭଳି ଉପହାର ଦେବାକୁ ମନସ୍ଥ କଲି । ଏଇ ପାଖ ଗାଁ ଦେଇ ଆସୁଥିବା ବେଳେ ବାଟରେ ଏକ ପଡ଼ିଆରେ କିଛି ଲୋକ ଚାରାରୋପଣ କରୁଥିଲେ। ସେଠାରେ ଥିବା ଏକ ଗଛରେ ଥାଇ ମୁଁ ଶୁଣିଲି ଯେ ଏଇ ଜୁଲାଇ ପ୍ରଥମ ସପ୍ତାହକୁ ବନ ମହୋତ୍ସବ ସପ୍ତାହ ଭାବରେ ପାଳନ



କରୁଛନ୍ତି। ବର୍ଷାଋତୁ ଯୋଗୁଁ ଚାରାରୋପଣ କରୁଛନ୍ତି । ଚାରା ବଡ଼ଗଛ ହୋଇ ଜଙ୍ଗଲ ହେବ। ଫଳରେ ଆମ ପଶୁପକ୍ଷୀମାନଙ୍କ ସହିତ ମନୁଷ୍ୟର ବି ମଙ୍ଗଳ ହେବ । ସେମାନେ ଖୁବ ଯତ୍ନ ସହକାରେ ବୃକ୍ଷ ରୋପଣ କରୁଥିଲେ । ମୁଁ ଦେଖିଲି କିଛି ଚାରା ଏପଟ ସେପଟ ହୋଇ ପଡ଼ିଥିଲା । ସେମାନେ ଘରକୁ ଯିବା ପରେ ସେ ଚାରାସବୁକୁ ମୁଁ ଗୋଟାଇ ସଂଗ୍ରହ କରି ଆଣିଛି। ଭାଇମାନେ ଦେଖୁଛ, ଆମ ଜଙ୍ଗଲର ଏଇ ଆଗରେ ଟିକିଏ ପଡ଼ିଆ ଭଳି ସ୍ଥାନଟିଏ ଅଛି । ଆସ,ସଭିଏଁ ସେ ଚାରା ସବୁକୁ ନେଇ ଆମେ ବି ରୋପଣ କରିବା। ବର୍ଷାରେ ମାଟି ନରମ ଅଛି । ମାଙ୍କଡ଼ ଭାଇର କଥା ସଭିଙ୍କ ମନକୁ ପାଇଲା । ମଙ୍ଗୁ ବି ଖୁସି ହେଲା । ମଙ୍ଗୁର ମାଆ କହିଲା- ମାଙ୍କଡ଼ ଭାଇ ଠିକ୍ କହୁଛନ୍ତି । ଚାଲ, ଆମେ ସଭିଏଁ ସେଠାରେ ଚାରାରୋପଣ କରିବା। ସବୁ ପଶୁପକ୍ଷୀ ଖୁସିରେ ସେ ପଡ଼ିଆକୁ ଗଲେ ଏବଂ ଚାରାରୋପଣ କଲେ । ମଙ୍ଗୁର ମାଆ ଖୁସିରେ କହିଲା- ଭାଇମାନେ, ଆଜି ମଙ୍ଗୁର ଏଇ ଜନ୍ମ ଦିନ ଗୋଟିଏ ନିଆରା ଢଙ୍ଗରେ ପାଳନ କରାଗଲା । ଏହା ସବୁଦିନ ମନେ ରହିଯିବ । ପ୍ରତିବର୍ଷ ମଙ୍ଗୁର ଜନ୍ମ ଦିନରେ ଏମିତି ଚାରାରୋପଣ କରିବା । ସେ ଚାରାଗଛ ଗୁଡିକର ଯତ୍ନ ନେବା ବଡ ଗଛ ହେବା ପର୍ଯ୍ୟନ୍ତ। ପୁଣି ନାଚଗୀତ କରିବା ଏବଂ ଭୋଜିଖାଇ ଖୁସିରେ ପାଳନ କରିବା । ଏଇ ଜଙ୍ଗଲ ଆମର ଘର । ଏହାର ସୁରକ୍ଷା ଏବଂ ଯତ୍ନ କରିବା ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ । ହାତୀ ମାଆର କଥାରେ ସଭିଏଁ ରାଜିହେଲେ । ତା'ପରେ ସଭିଏଁ ଭୋଜି ଖାଇ ନିଜ ନିଜ ବାସସ୍ଥାନକୁ ଗଲେ ।


+ବୀରମହାରାଜପୁର,ସୁବର୍ଣ୍ଣପୁର



# ଦୁଲୁକୁଛି ବଡ଼ଦାଣ୍ଡ

## ଶ୍ରୀ ଶରତ କୁମାର ଦାସ

ଝୁଲିଝୁଲି ଆସୁଛିରେ ନୀଳାଚଳ ସାଇଁ,
ଦୁଲୁକୁଛି ବଡଦାଣ୍ଡ ଥରେ ଦେଖ ଯାଇ ।

ହରିବୋଲ ହୁଳହୁଳି ଶବଦର ତାଳେ,
ରଥ ଚଢ଼ି କାଳିଆ ମୋ ଶୁଭାଶିଷ ଢାଳେ ।

ବୁଲୁଛି ନଗର ସିଏ ବରଷକେ ଥରେ,
ତା ବାଙ୍କ ଚାହାଣି ସୁଖଶାନ୍ତି ମନେ ଭରେ ।

ଏମିତି ଠାକୁର ସିଏ ଜଗତରେ ନାହିଁ,
ଭକତଙ୍କ ଭିଡ ଲାଗେ ଦରଶନ ପାଇଁ ।

ଚକାଚକା ଆଖି ଦୁଇ ଦିଶେ ମନୋରମ,
ନୀଳତନୁ ତାର ପୁଣି ଅତି ଅନୁପମ ।

ଦେଖିଦେଲେ ଥରେ ତାକୁ ଆଖି ଯାଏ ଲାଖି,
ମନେହୁଏ ତା କଳାକୁ ଦିଅନ୍ତି କି ମାଖି ।

ସଭିଙ୍କ ସେ ଗଳାମାଳି ନୟନର ତାରା,
ତା ହସରେ ହସୁଥାଏ ଏ ସଂସାର ସାରା ।

ଭାବକୁ ନିକଟ ସିଏ ଆଭାବକୁ ଦୂର,
ତା ଆଶିଷେ ଏ ମରତ ସରଗର ପୁର ।


+ ଅଧ୍ୟାପକ,ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର


# ଆସି ଗଲା ଏବେ ବରଷା ଦିନ

## ଧ୍ରୁବ ଚରଣ ବେହେରା


ଦେଖ ଦେଖ ଭାଇ ମୋହରି ଗୁଡି
ଆକାଶେ ଯାଉଛି ସୁନ୍ଦରେ ଉଡି ।

ଡୋରି ଅଛି ତା'ର ହାତରେ ମୋର
କଥା ମାନି ଯାଏ କେତେ ଉପର ।

ଦେଖଇ ଉପରୁ ସବୁଜ ଶୋଭା
ଆହାକି ପୃଥିବୀ କି ମନ ଲୋଭା ।

ଅଛି ଘେରି କେତେ ପାହାଡ ବଣ
ନଦ ନଦୀ ଘେରା ତା' ବାସ କୋଣ ।

ଫୁଲ ଫୁଟିଛନ୍ତି ବଗିଚା ତୀରେ
ଉଡଇ ଭଅଁର ଚାରି ପାଖରେ ।

ଗୀତ ଗାଇ ହଳ କରେ କୃଷକ
ମେଣ୍ଟାଇବା ପାଇଁ ଦେଶର ଭୋକ ।

ମୋ ଗୁଡି ମୁଣ୍ଡକୁ କହେ ହଲାଇ
ଡୋରି ନ ଛାଡିବୁ ମୋ କୁନା ଭାଇ ।

ଛାଡି ଦେବୁ ଜଦି ଡୋର ତୋହର
ଦେଖି ନ ପାରିବି ପ୍ରକୃତି ଘର ।

ପଡି ଯିବି ତଳେ ମୁଣ୍ଡ ବୁଲାଇ
ତୋର ପିଲା ବେଳର ସାଥିଟେ ମୁହିଁ ।

ଅତୀତର ସ୍ମୃତି ଲାଗେ ନିଆରା
କୁନା ପାଇଁ ଗୁଡି ଖୁସି ପସରା ।
+ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪




# ଈର୍ଷାର ଫଳ

## ।। ରମେଶ ଚନ୍ଦ୍ର ଦାଶ ।।

ବାଘ ପାଖକୁ ସମସ୍ତେ ଯିବା ଆସିବା କରୁଥିବା ଦେଖି ଭାଲୁ ମନରେ ଈର୍ଷା ଆସିଲା । ତେଣୁ ସେ ଦିନେ ବିଲୁଆକୁ ଡାକି ଏ ବିଷୟରେ ଆଲୋଚନା କଲା । ବିଲୁଆ କହିଲା- ବାଘ ଅନ୍ୟମାନଙ୍କୁ ଦୁଃଖରେ ସୁଖରେ ସାହାଯ୍ୟ କରୁଛି, ତେଣୁ ତା ପାଖକୁ ବହୁତ ପ୍ରାଣୀ ଆସୁଛନ୍ତି । ତୁମେ ସେଥିରେ ମୁଣ୍ଡ ଖେଳେଇଲେ କ'ଣ ହେବ ? ଏହା ଶୁଣି ଭାଲୁ କହିଲା- ମୁଁ ତୋତେ କ'ଣ ଏଇଥିପାଇଁ ଡାକିଛି । କ'ଣ କଲେ ବେଶୀ ପ୍ରାଣୀ ମୋ ପାଖକୁ ଆସିବେ, ମୋର ସୁନାମ ବଢ଼ିବ ସେକଥା କହନ୍ତୁ । ବିଲୁଆ କହିଲା- ତେବେ ତୁମେ ବାଘ ପରି ଅନ୍ୟମାନଙ୍କୁ ସାହାଯ୍ୟ ସହାନୁଭୂତି ଦେଖାଇବାକୁ ପଡ଼ିବ ।

ବିଲୁଆ ଠାରୁ ଏହା ଶୁଣିବା ପରେ ତା ମନ ଭାରି ଖୁସି ହୋଇଗଲା । ତାପରଦିନ ସକାଳୁ ସେ କିଛି ମିଠା ବ୍ୟାଗ୍‌ରେ ଧରି ବାହାରିଲା । ପ୍ରଥମେ ହରିଣକୁ ଦେଖିଲା । ତାକୁ ଦି'ଟା ମିଠା ଖାଇବାକୁ ଦେଇ କଥାବାର୍ତ୍ତା ହେଲା । ତାର ଭଲମନ୍ଦ ପଚାରିବାରୁ ସେ କହିଲା- ମଣିଷମାନେ ପଡ଼ିଆ ସଫା କରି ଚାଷ କଲେଣି । ତେଣୁ ଆଉ ଘାସ ମିଳୁନି । ଆମେ ବଂଚିବୁ କିପରି ? ଭାଲୁ ଏହା ଶୁଣି କହିଲା- ହଉ ମୁଁ ମଣିଷମାନଙ୍କ କଥା ବୁଝୁଛି । ତାପରେ ସେ ମଣିଷମାନଙ୍କ ପାଖରେ ପହଞ୍ଚି ପଡ଼ିଆ ସଫା ନକରିବାକୁ ତାଗିଦ୍ କରି କହିଲା । ମଣିଷମାନେ କହିଲେ- ତେବେ ଆମେ ବଞ୍ଚିବୁ କିପରି । ତାହା ସମାଧାନ କରିଦେଲେ ତ ଗଲା । ଭାଲୁ କହିଲା- କ'ଣ କଲେ ତୁମର ଭଲ ହେବ ବୋଲି ଭାବୁଛ ? ମଣିଷ କହିଲା- ଆମେ ଘରେ ବସି ଖାଇବାକୁ ପାଇଲେ ଏତେ ପରିଶ୍ରମ କରି ଚାଷ କରିବୁ କାହିଁକି ? ଏହା ଶୁଣିବା ପରେ ଭାଲୁ କହିଲା- ଏଇ ଗୋଟେ କଥା । ତୁମମାନଙ୍କ ଖାଇବା କଥା ମୁଁ ବୁଝିବି । କିନ୍ତୁ ହରିଣର ଘାସପଡ଼ିଆ ନଷ୍ଟ କରନି ।

ତାପରେ ଭାଲୁ ଆସି ହରିଣକୁ ଏକଥା କହିଲା । ହରିଣ ଖୁସି ହୋଇଗଲା । ମଣିଷମାନଙ୍କ କଥା କିପରି ରଖିବ ସେଥିରେ ମୁଣ୍ଡ ଘୁରିଗଲା । ମଣିଷମାନଙ୍କୁ ଖାଦ୍ୟ ଦେବ କିପରି ? ସେ କାଳ ବିଳମ୍ବ ନକରି ବିଲୁଆ ପାଖକୁ ଗଲା । ବିଲୁଆକୁ କହିଲା- ତୋ କଥାରେ ପଡ଼ି ମୁଁ ଏବେ ଅଡୁଆରେ । କ'ଣ କରିବି କହ । ବିଲୁଆ କହିଲା- ମୁଁ ତୁମକୁ ବାଘ ପରି ପର ଉପକାରୀ ହେବାକୁ କହିଥିଲି । ସେଥିପାଇଁ ତୁମର କ୍ଷମତା ମୁତାବକ ଅନ୍ୟକୁ ସାହାଯ୍ୟ କରିବା କଥା । କିନ୍ତୁ ତୁମେ ଆଗପଛ ବିଚାର ନକରି କାର୍ଯ୍ୟ କରିବାରୁ ଏବେ ହଇରାଣ ହେଉଛ । ଭାଲୁ ବିଲୁଆ ଉପରେ ରାଗିଗଲା । ଏହା ଦେଖି ବିଲୁଆ କହିଲା- ଅନ୍ୟ ପ୍ରତି ଈର୍ଷା କରି ହଠାତ୍ ନାଁ କମେଇବାକୁ ଚାହିଁବାରୁ ଏପରି ଫଳ ଭୋଗିବାକୁ ପଡ଼ିଲା । ଏବେ ତୁମେ ମଣିଷମାନଙ୍କ ପାଖରେ କ୍ଷମା ପ୍ରାର୍ଥନା କର । ନହେଲେ ସେମାନେ ରାଗି ସମୁଦାୟ ଜଙ୍ଗଲ ଧ୍ୱଂସ କରିଦେବେ । ଏହା ଫଳରେ ତୁମ ସହିତ ସବୁ ପ୍ରାଣୀ ଗଛଲତା ବି ଧ୍ୱଂସ ପାଇଯିବେ।

ଏହାପରେ ଭାଲୁ ମଣିଷମାନଙ୍କୁ ଭୁଲ୍ ମାନିଲା । ମଣିଷମାନେ ଭାଲୁର ଅବସ୍ଥା ଦେଖି ଜଙ୍ଗଲ କାଟିବା ବନ୍ଦ କରିଦେଲେ ।




+ ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨ , ପୁରୀ
ମୋ: ୯୭୭୬୨୩୮୫୨୨

# ରୋଟାରୀ କ୍ଲବ ଓ ଇନର୍ ହ୍ୟୁଇଲ କେନ୍ଦୁଝରର ଶାଖାର ଦାୟିତ୍ୱ ଗ୍ରହଣ ଉତ୍ସବ ପାଳନ

କେନ୍ଦୁଝର, ୦୪/୦୭ (ନି.ପ୍ର): ରୋଟାରୀ କ୍ଲବ କେନ୍ଦୁଝର ଶାଖାର କେନ୍ଦୁଝର ଟାଉନ ହଲ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କ୍ରମେ ପୂର୍ବତନ ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ଓ ସଂପାଦକ ଦୀପକ ନାୟକ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଭାପତି ରୋଟାରିଆନ୍ ହରିହର ମହାନ୍ତ ଓ ସଂପାଦକ ବିଜୟ କୁମାର ବେହେରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଠିକ୍ ଅନୁରୂପ ଭାବେ ଇନର୍ ହ୍ୟୁଇଲ ସଭାପତି ଭାବେ ସେଫାଳିକା ମହାନ୍ତିଙ୍କ ଠାରୁ ସୋନାଲୀ ସିଂ ଦାୟିତ୍ୱ ଗ୍ରହଣ କରିଛନ୍ତି । ଗତବର୍ଷର ସଂପାଦିକା ଶ୍ରୀମତୀ ସାର୍ବଣୀ ମହାପାତ୍ର ଏହି ବର୍ଷ ସମ୍ପାଦିକା ଦାୟିତ୍ୱ ନିର୍ବାହ କରିବାକୁ ସର୍ବସମ୍ମତିକ୍ରମେ ସ୍ବୀରିକୃତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରୋଟାରୀ ଡି.ଜି.ଇ ରୋଟାରିଆନ୍ ଅନିଲ୍ କୁମାର ସାମଲ, ଆମନ୍ତ୍ରିତ ଅତିଥି ଭାବେ ଜୋନାଲ ଚେୟାର ରୋଟାରୀଆନ୍ ସୁଦିପ୍ତ ମିଶ୍ର ଓ ସମ୍ମାନନୀତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି ଧନରାଜ ଯୋଗ ଦେଇଥିଲେ । ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରୁଥିଲେ ଶ୍ରୀମତୀ ନତାସା ସାହୁ ଓ ପ୍ରିୟଦର୍ଶିନୀ ପଟ୍ଟନାୟକ । ନୂତନ ସଭାପତି ରୋଟାରିଆନ୍ ହରିହର ମହାନ୍ତଙ୍କ ନେତୃତ୍ୱରେ ଦୁଇଜଣ ସମାଜ ସେବୀ ଆଜି ବିଦ୍ଧିବଦ୍ଧ ଭାବେ ରୋଟାରୀ କ୍ଲବ କେନ୍ଦୁଝର ଶାଖା ସହିତ ଅନୁବନ୍ଧିତ ହୋଇଛନ୍ତି ସେମାନେ ହେଲେ ମାନସ ରଞ୍ଜନ ପଣ୍ଡା ଓ ଡ଼ାଃ ଗଣେଶ୍ୱର ମହାନ୍ତ । ଏହି ଅବସରରେ ରୋଟାରୀ କ୍ଲବ କେନ୍ଦୁଝର ଶାଖାର ୨୦୨୫-୨୬ ପାଇଁ ଡ୍ରିମ୍ ପ୍ରୋଜେକ୍ଟ ଭାବେ କେନ୍ଦୁଝର ବନଖଣ୍ଡ ଓ ରୋଟାରୀ କ୍ଲବ କେନ୍ଦୁଝରର ମିଳିତ ସହଯୋଗରେ ଏକ ସୁନ୍ଦର ସ୍ମୃତିବନ ସୃଷ୍ଟି କରାଯିବ ବୋଲି ସୂଚନା ଦେଇଥିଲେ ନୂତନ ସଂପାଦକ ରୋଟାରୀଆନ୍ ବିଜୟ କୁମାର ବେହେରା । ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ରୋଟାରୀ କ୍ଲବ ତାଙ୍କର ସ୍ମରଣିକା ଗୋନାସିକା ଉନ୍ମୋଚିତ କରିଛନ୍ତି ଯାହାର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ରୋଟାରୀଆନ୍ ସୁରେଶ ଚନ୍ଦ୍ର ଖଙ୍ଖୋଇ ଏବଂ ସହଯୋଗ କରିଥିଲେ ଇଂ ଦେବବ୍ରତ ସ୍ୱାଇଁ । ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ରୋଟାରୀଆନ୍ ନିରୂପମା ସ୍ୱାଇଁ । ଏହି କାର୍ଯ୍ୟକ୍ରମରେ ସମସ୍ତ ରୋଟାରୀଆନ୍ ଓ ଇନର୍ ହ୍ୟୁଇଲ କ୍ଲବର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ତରଫରୁ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ

କନ୍ଧମାଳ, ୦୪/୦୭ (ନି.ପ୍ର): ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀ ଆନୁକୂଲ୍ୟରେ ଫୁଲବାଣୀ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ, ପରିସରରେ ଆଜି ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ରାମ ଶଙ୍କର ହୋତା ଯୋଗଦେଇ ପୃଥିବୀର ତଥା ଆମ ଦେଶର ପରିବେଶ ସୁରକ୍ଷା ତଥା ପ୍ରକୃତି ଓ ଋତୁଚକ୍ରର ସୁରକ୍ଷା ପାଇଁ ବୃକ୍ଷରୋପଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଏଥିସହିତ ସେ ନିଜେ ପ୍ରଥମେ ବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ ତାଙ୍କ ସହିତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ଶ୍ରୀମତୀ ରୂପଶ୍ରୀ ଚୌଧୁରୀ, ବିଚାରପତି, ପରିବାର ଅଦାଲତ, ରାଜେଶ ଦାଶ, ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି, ପ୍ରାତିଶ କୁମାର ରାଉତରାୟ, ଅତିରିକ୍ତ ଜିଲ୍ଲା ଜଜ୍, ମନୋରଞ୍ଜନ ଦାଶ, ପୋକ୍ସୋ କୋର୍ଟ ର ବିଚାରପତି, କୈଳାଶ ଚନ୍ଦ୍ର ସ୍ୱାଇଁ, ଏଫ.ଟି.ଏସ.ସି. କୋର୍ଟ ର ବିଚାରପତି, ଶ୍ରୀମତୀ ବନାଲି ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି, ରମାକାନ୍ତ ମହାନ୍ତି, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ପ୍ରିୟ ରଞ୍ଜନ ଓଝା, ରେଜିଷ୍ଟ୍ରାର, ସିଭିଲ କୋର୍ଟ୍ସ, ଶ୍ରୀମତୀ ସୌମ୍ୟା ସୋନାଲିକା, ଏସ.ଡି. ଯେ.ଏମ., ବଦ୍ରି ନାରାୟଣ ବିଶ୍ୱାଳ, ଜେ.ଏମ୍.ଏସ.ସି, ଶ୍ରୁଶ୍ରୀ ଲୋପାମୁଦ୍ରା ଆଚାର୍ଯ୍ୟ, ଶ୍ରୀଯୁକ୍ତ ବିରେନ୍ଦ୍ର ସୁବୁଦ୍ଧି, ସମ୍ପାଦକ, ଜିଲ୍ଲା ଓକିଲ ସଂଘ, ମଧୁପା ସୁନା, ଅଧ୍ୟକ୍ଷ, ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଫୁଲବାଣୀ, ଉକ୍ତ ମହାବିଦ୍ୟାଳୟର ଅଧ୍ୟାପକ, ଛାତ୍ର ଛାତ୍ରୀ ଓ କର୍ମଚାରୀ ବୃନ୍ଦ, ସୁନୀଲ ଅରୁଣ କୁମାର ନାୟକ, ଉପ-ଆରକ୍ଷୀ ଅଧିକ୍ଷକ(ଗୃହରକ୍ଷୀ), ଫୁଲବାଣୀ, ପ୍ରତାପ କୋଟପଲ୍ଲୀ, ବନଖଣ୍ଡ ଅଧିକାରୀ ଶ୍ରୀମତୀ ସ୍ୱେତାଲିନା ସାହୁ, ସହକାରୀ ବନ ସଂରକ୍ଷକ, ଶିବରାମ ଲେଙ୍କା, ବନାଂଚଳ ଅଧିକାରୀ, ଅଶୋକ କୁମାର ବେହେରା, ସରକାରୀ ଓକିଲ, ଶ୍ରୀମତୀ ଜୟନ୍ତୀ ପାଣିଗ୍ରାହୀ, ଚିଫ ଲିଗାଲ ଏଡ ଡିଫେନ୍ସ କାଉନସ୍ବଲ, ନିରୋଦ କୁମାର ପାତ୍ର, ଡେପୁଟି ଚିଫ ଲିଗାଲ ଏଡ ଡିଫେନ୍ସ କାଉନସ୍ବଲ, ଜିଲ୍ଲା ଆଇନ ସେବା ସମ୍ମୁଖ କାର୍ଯ୍ୟାଳୟର ଆଇନଜୀବୀ, ଅନୁପ ନାରାୟଣ ନାୟକ, ପ୍ରେମାନନ୍ଦ ପାତ୍ର, ବନରକ୍ଷୀ, ଶ୍ରୀ ସରୋଜ କୁମାର ମିଶ୍ର, ବନପାଳ ଓ ପାରା ଲିଗାଲ ସ୍ୱେଚ୍ଛା ସେବି ବୃନ୍ଦ ଯୋଗ ଦେଇଥିଲେ । ଉକ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଁଳା, ଅର୍ଜୁନ, ଜାମୁ, ଶିରିଶ, ଫାଶୀ, ଡୋଲିଚନ୍ଦନ, କୃଷ୍ଣଚୂଡା, କରଞ୍ଜ ଓ ସୁନ୍ଦରକଣି ବାଉଁଶ ଆଦି ଚାରାଗଛ ରୋପଣ କରାଯାଇଥିଲା ।

# ଉତ୍କଳ ସମ୍ମିଳନୀ କୋରାପୁଟ ଶାଖାର ନିର୍ବାଚନ

ଜୟପୁର, ୦୪/୦୭ (ନି.ପ୍ର): ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଯାଦବ ଭବନ ଠାରେ ଆଜି ଅନୁଷ୍ଠିତ ଏହି ବୈଠକ ଜିଲ୍ଲା ସଂପାଦକ ନବୀନ ମାଦଳାଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଥିଲା । ଏହାକୁ ଅଧ୍ୟକ୍ଷତା କରିଥିଲେ ସଭାପତି ମଦନ ମୋହନ ନାୟକ । କେନ୍ଦ୍ରୀୟ ସଭାପତି ଡଃ. ଅଦ୍ୱୈତ କୁମାର ପାତ୍ରଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ଏହି ନିର୍ବାଚନରେ ମାଲକାନଗିରି ଶାଖା ସଭାପତି ରଂଜନ କୁମାର ସ୍ୱାଇଁ ପର୍ଯ୍ୟବେକ୍ଷକ ରୂପେ ଯୋଗ ଦେଇଥିଲେ । ବୈଠକରେ ସର୍ବସମ୍ମତି କ୍ରମେ ସମସ୍ତ କର୍ମକର୍ତାଙ୍କ ନାମ ମନୋନୀତ କରାଯାଇଥିଲା । ଏଥିରେ ମୁଖ୍ୟ ପରାମର୍ଶଦାତା ରୂପେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ମନୋନୀତି କରାଯାଇଥିବା ବେଳେ ପରାମର୍ଶଦାତା ଭାବେ ପୂର୍ବତନ କେନ୍ଦ୍ରୀୟ ସଭାପତି ବିନୋଦ ମହାପାତ୍ର, ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କୁ ଚୟନ କରାଯାଇଥିଲା । ସେହିପରି ସଭାପତି ଭାବେ ମଦନ ମୋହନ ନାୟକ, କାର୍ଯ୍ୟକାରୀ ସଭାପତି ଗୁପ୍ତେଶ୍ୱର ଦଣ୍ଡସେନା, ଉପସଭାପତି ରୂପେ କୃଷ୍ଣଚନ୍ଦ୍ର ନେପାକ ଏବଂ ରାଜେନ୍ଦ୍ର କୁମାର ଗୌଡ଼, ସାଧାରଣ ସଂପାଦକ ଭାବେ ନବୀନ ମାଦଳା, ସଙ୍ଗଠନ ସଂପାଦକ କବିରାଜ ପରମେଶ୍ୱର ପାତ୍ର, ଯୁଗ୍ମ ସଂପାଦକ ଭାବେ ଚନ୍ଦ୍ରକାନ୍ତ ସୂତାର ଏବଂ ନବକୃଷ୍ଣ ରଥ, କୋଷାଧ୍ୟକ୍ଷ ଭାବେ ନରେଶ ମହାଙ୍କୁଲଙ୍କୁ ମନୋନୀତ କରାଯାଇଥିଲା । ଆଗାମୀ ୩ ବର୍ଷ ପାଇଁ ହୋଇଥିବା ଏହି ନିର୍ବାଚନରେ ରାଜ୍ୟ ପରିଷଦ ପାଇଁ ବିରୋନ ମୋହନ ପଟ୍ଟନାୟକ, ନରେନ୍ଦ୍ର କୁମାର ମହାନ୍ତି, ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ଦେବେନ୍ଦ୍ର ବାହାନୀପତି, ଡ.ସୁରେଶ ଦାସ, ଦୁର୍ଗା ଶଙ୍କର ସାହୁ, ହରିହର କରସୁଧା ପଟ୍ଟନାୟକ, ପ୍ରମୋଦ କୁମାର ଦାସ, ସମର କେଶରୀ ବାରିକଙ୍କୁ ମନୋନୀତ କରାଯାଇଥିବା ବେଳେ ଜିଲ୍ଲା କାର୍ଯ୍ୟକାରିଣୀ ପାଇଁ ଆଇନଜୀବୀ ବିଷ୍ଣୁ ପ୍ରସାଦ ପାତ୍ର, ବୈଦ୍ୟନାଥ ମିଶ୍ର, କୃଷ୍ଣଚନ୍ଦ୍ର ହୋତା, ଶୁଭେନ୍ଦୁ ବ୍ରହ୍ମା, ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ମୀନ କେତନ ପରିଚ୍ଛା, ପ୍ରଫୁଲ ଦାସ, କୃଷ୍ଣ କେଶବ ଷଡ଼ଙ୍ଗୀ, କେଦାନ ନାଥ ବେହେରା, ମହମ୍ମଦ ହାସନ ମଦାନୀ, ନିହାର ବିଶୋୟୀ, ଚନ୍ଦ୍ରମଣି ବାରିକ, ଡାକ୍ତର ସୁଦର୍ଶନ ଗୌଡ଼, ଗାୟତ୍ରୀ ଦେବୀ, ଗିରିଧର ଖରା, ହରିଶ୍ଚନ୍ଦ୍ର ମୁଦୁଲି, ନିଶାନ ପଟ୍ଟନାୟକ, ତେଜେଶ୍ୱର ପଣ୍ଡା, ଶଶଧର ରାଉତ, ଭବାନୀ ଶଙ୍କର ମିଶ୍ର, ଶରତ ନାୟକ, ଶରତ ଧଳ, ତ୍ରିନାଥ ଖରା, ଜଳେନ୍ଦ୍ର ତ୍ରିପାଠୀ, ନରସିଂହ ବ୍ରହ୍ମା ପ୍ରମୁଖଙ୍କୁ ମନୋନୀତ କରାଯାଇଛି ।

# ଲଗାଣ ବର୍ଷାରେ ଭାଙ୍ଗିଲା ୧୫ଟି ଘର

ଜୟପୁର, ୦୪/୦୭ (ନି.ପ୍ର): ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ଜୟପୁର ବ୍ଲକରେ ୧୫ଟି ଘର ଭାଙ୍ଗିଥିବା ପ୍ରଶାସନ ନିକଟରେ ସୂଚନା ପହଂଚିଛି । କଙ୍ଗାରେ ୨ଟି ଖଇରମୁଣ୍ଡିରେ ୨ଟି, ଜାମୁଣ୍ଡାରେ ୪ଟି, ଜୟନ୍ତିଗିରିରେ ୧ଟି, ବାଲିପୁଜାରିପୁଟରେ ୧ଟି ଜୟପୁର ରେ ୧ଟି ଫାମ୍ପୁଣିରେ ୩ଟି ଓ ହାଡିଆରେ ୧ଟି ଘର ଭାଙ୍ଗିଛି । ସୂଚନା ପାଇବା ପରେ ପ୍ରଶାସନ ପହଂଚି ପଲିଥିନ ଦେବାର ବ୍ୟବସ୍ଥା କରିଥିବା ଜୟପୁର ତହସିଲ ତରଫରୁ ଆଜି ଅପରାହ୍ନ ୪ଟାରେ ଚିତରଞ୍ଜନ ପଟ୍ଟନାୟର ସୂଚନା ଦେଇଛନ୍ତି । ୪ ଦିନ ଲଗାଣ ବର୍ଷାରେ ୩୨ଟି ଘର ଭାଙ୍ଗିଥିବା ଜଣାଯାଇଛି । ଆଜି ବର୍ଷା କମିଥିବା ବେଳେ ଝିପି ଝିପି ଲାଗି ରହିଛି । କୋହଲିଆ ଶୀତୁଆ ପାଗ ରହଛି । ଫଳରେ ଦୋକନ, ବଜାର ବନ୍ଦ ରହିଥିବା ବେଳେ ରାସ୍ତାରେ ଭିଡ ନଥିବା ଜଣାଯାଇଛି ।

# ଅଜଣା ମହିଳାଙ୍କ ଗଳିତ ଶବ ବ୍ରାହ୍ମଣୀ ନଦୀରୁ ଉଦ୍ଧାର

ଧର୍ମଶାଳା, ୦୪/୦୭ (ନି.ପ୍ର): ଜଣେ ଅଜଣା ମହିଳାଙ୍କ ଗଳିତ ଶବ ଉଦ୍ଧାର ହୋଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ କାକୁଡିକୁଦ ପଂଚାୟତସ୍ଥ ସାନବାଗସାହି ବ୍ରାହ୍ମଣୀ ନଦୀରେ । ଅପରାହ୍ନରେ ବ୍ରାହ୍ମଣୀ ନଦୀ ସାନବାଗସାହି ବିଶ୍ୱାଳ ସାହି ଛନ୍ଦା ନିକଟରେ ଦୁର୍ଗନ୍ଧ ହୋଇଥିଲା । ସ୍ଥାନୀୟ ଲୋକେ ନଦୀ ପାଣିରେ ଏକ ଶବ ଭାସି ଆସି ତଣ୍ଡି ବୁଦା ନିକଟରେ ଲାଖି ଥିବା ଦେଖିବାକୁ ପାଇଥିଲେ । ଏନେଇ ଗ୍ରାମବାସୀ ବ୍ରହ୍ମବରଦା ଥାନାକୁ ଖବର ଦେଇଥିଲେ । ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ ସଦଳବଳେ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇ ଥିଲେ । ପାଣିରୁ ଶବ ଉଦ୍ଧାର ପାଇଁ ବରୁଆଁ ଅଗ୍ନିଶମ ବାହୀନିକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପଂହଚି ପାଣିରୁ ଶବକୁ ଉଦ୍ଧାର କରିଥିଲେ । ତେବେ ଏହି ଶବ ଜଣେ ମହିଳାଙ୍କର ହୋଇଥିବା ବେଳେ ତାର ପରିଚୟ ମିଳି ପାରି ନାହିଁ । ଏହି ଶବଟି ୧୫ ଦିନ ହେବ ବୋଲି ଜଣାପଡିଛି । ପୋଲିସ ୧୧।୨୫ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲା ସଦର ମହକୁମା ମେଡିକାଲକୁ ପଠାଇ ଦେଇଥିବା ଜଣାପଡିଛି । ତେବେ ଏହି ଶବ କେଉଁଠୁ ଆସିଲା, ମହିଳାଙ୍କ ଦେହରେ ଗଜ କପଡା ବନ୍ଧା ଯାଇଥିବା ଦେଖିବାକୁ ମିଳିଥିଲା । ମୃତ ଅବସ୍ଥାରେ ପରିବାର ଲୋକେ ନଦୀ ବାଲିରେ ପୋତି ଦେଇଥିବା ବେଳେ ବନ୍ୟା ଜଳ ଆସିବା ପରେ ଶବଟି କେଉଁ ଆଡୁ ଭାସି ଆସି ସାନବାଗ ସାହି ଛନ୍ଦା ନିକଟରେ ଚଣ୍ଡି ବୁଦାରେ ଲାଖି ଯାଇଥିବା ବେଳେ ଏହି ଶବକୁ ଦେଖି ସ୍ଥାନୀୟ ଲୋକେ କେହି ମାରି ବନ୍ୟା ପାଣିରେ ଫୋପାଡି ଦେଇଥିବା ସନ୍ଦେହ କରୁଛନ୍ତି ।

# ଜାତୀୟ ବୈଦ୍ୟୁତିକ ନିରାପତା ସପ୍ତାହ ପାଳନ

ବଲାଙ୍ଗିର, ୦୪/୦୭ (ନି.ପ୍ର): ପୁଇଁତଲା ବ୍ଲକ ଅନ୍ତର୍ଗତ ପଂଚାୟତ ଉଚ୍ଚ ବିଦ୍ୟାଳୟ, ବନ୍ଧପଡ଼ା ଠାରେ ଜାତୀୟ ବୈଦ୍ୟୁତିକ ନିରାପତା ସପ୍ତାହ ଅବସରରେ ଏକ ଆଲୋଚନାଚକ୍ର ଏବଂ ବିଦ୍ୟୁତ ସୁରକ୍ଷା ଓ ବ୍ୟବହାର ଉପରେ ସଚେତନତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଆନନ୍ଦ ବଡ଼ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀରର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ତଥା ବୈଦ୍ୟୁତିକ ନିରୀକ୍ଷକ ଅନିଲ କୁମାର ବେହେରା ଯୋଗଦେଇ ବିଦ୍ୟୁତ ସୁରକ୍ଷା ଓ ନିରାପତା ବିଷୟରେ ସଚେତନ କରିଥିଲେ । ଏଥିରେ ବିଦ୍ୟୁତ ବିଭାଗ ସହାୟକ ନିର୍ବାହୀ ଯନ୍ତ୍ରୀ ଦେବାର୍ଚନ ମହାନନ୍ଦ ଏହି ସପ୍ତାହର ମହତ୍ୱ ଓ ବିଦ୍ୟୁତ ବ୍ୟବହାର କିପରି କରିବେ ପୁଙ୍ଖାନୁପୁଙ୍ଖ ଭାବେ ପିପିଟି ମାଧ୍ୟମରେ ଆଲୋଚନା କରିଥିଲେ । ସହାୟକ ନିର୍ବାହୀ ଯନ୍ତ୍ରୀ ରୁଚିରା ତ୍ରିପାଠୀ ଯୋଗଦେଇ ସଚେତନ କରିଥିଲେ । ଏଥିରେ ଶିକ୍ଷକ ନିଳାମ୍ବର ନନ୍ଦ, ଶିକ୍ଷୟିତ୍ରୀ ଶ୍ରୀମସୂତା ମଲ୍ଲିକ, ଅପର୍ଣ୍ଣା ପଟେଲ, ମଞ୍ଜରୀ ସୁନା ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପବିତ୍ର ମୋହନ ପଧାନ ସହାୟତା କରିଥିଲେ । ସଭା ଶେଷରେ ଶିକ୍ଷୟତ୍ରୀ ଅପର୍ଣ୍ଣା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରମନ୍ତ୍ରୀ ଆସିବେ ବୋଲି ସଜେଇ ହେଉଛି କେନ୍ଦ୍ରୀୟ ବିଦ୍ୟାଳୟ ଓ ରାସ୍ତା

ଜୟପୁର, ୦୪/୦୭ (ନି.ପ୍ର): ଆସନ୍ତା ୬ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜୟପୁର ଗସ୍ତ ଥିବାସହ କେନ୍ଦ୍ରୀୟ ବିଦ୍ୟାଳୟ କୋଠା ଉଦଘାଟନ କରିବା ସହ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ଏନେଇ ଜିଲ୍ଲାପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଜି ଜିଲ୍ଲାପାଳ ଭି.କିର୍ତୀଭାସନ ଓ ଉପଜିଲ୍ଲାପାଳ ଏ.ସସ୍ୟାରେଡ୍ଡୀ କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ କରିବା ସହ ତୁରନ୍ତ ମରାମତି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଆସିବେ ବୋଲି ଗାନ୍ଧୀଛକ ଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ଥିବା ଖାଲ ଗୁଡିକୁ ମାଟି ପକାଇ ବନ୍ଦ କରାଯାଉଥିବା ବେଳେ ବିଦ୍ୟାଳୟ ସମ୍ମୁଖରେ ଏକ ନାମ ଫଳକ ଗେଟ, କାନ୍ଥରେ ଚୂନମରା କାର୍ଯ୍ୟ ଚାଲୁ ରହିଛି । ମାଲକାନଗିରି ବାଇପାସ ରୋଡରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିବା ପାଇଁ ଯିବା ସ୍ଥାନକୁ ଅସ୍ଥାୟୀ ରୋଡ କରାଯାଇଛି । ଆସନ୍ତା କାଲି ମଧ୍ୟରେ ଯେପରି ସମସ୍ତ କାର୍ଯ୍ୟ ସମାପ୍ତ ହେବ ସେନେଇ ଜିଲ୍ଲାପାଳ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇ ଯାଇଛନ୍ତି । ଆସନ୍ତା କାଲି ପୁଣି ଥରେ ସମସ୍ତ କାର୍ଯ୍ୟର ତଦାରଖ କରିବେ ବୋଲି ସୂଚନା ଦେଇଛନ୍ତି । ଆଜି ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ସାଙ୍ଗରେ ଏସଡିପିଓ ପାର୍ଥ କଶ୍ୟପ, ଏମଇ ଅଜୟ କୁମାର ଜାନୀ, ଚୈତନ୍ୟ ବାସକେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଆସନ୍ତା ୬ ତାରିଖ ତଥା ରବିବାର ଦିନ ପୂର୍ବାହ୍ନ ୮ଟାରେ କୋରାପୁଟ୍ ଗେଷ୍ଟହାଉସରୁ ଓଏସଏପି ତୃତୀୟ ବାଟାଲିଅନ କ୍ୟାମ୍ପସ ଯିବେ । ସେଠାରେ ଦେଢ ଘଂଟା ରହି ଗୋଟିଏ ଗଛ ମାଆଙ୍କ ନାଁରେ କାର୍ଯ୍ୟକ୍ରମରେ ଯୋଗ ଦେଇ ଚାରା ଲଗାଇବେ । ପୂର୍ବହ୍ନ ୧୦ଟାରେ ଜୟପୁର ଅଭିମୁଖେ ଆସିବେ । ମାଲକାନଗିରି ବଇପାସ ରୋଡରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ ଏବଂ ସରକାରୀ ଉଚ୍ଚବିଦ୍ୟାଳୟ ନିକଟରେ ଥିବା ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ କ୍ୟାମ୍ପସ କୋଠା ଉଦଘାଟନ କରିବେ । ପୂର୍ବାହ୍ନ ୧୧ଟା ୪୫ ରେ ସ୍ଥାନୀୟ ଦଶହରା ପଡିଆରେ ଆୟୋଜିତ ହେବକୁ ଥିବା କର୍ମକର୍ତ୍ତା ସମାବେଶରେ ଯୋଗ ଦେବେ । ଅପରାହ୍ନ ୨ଟାରେ କୋରାପୁଟ୍ ସର୍କିଟ ହାଉସ ଅଭିମୁଖେ ବାହାରିବେ । ସେଠାରେ ବିଶ୍ରାମ ନେଇ ୩ଟାରୁ ୬ଟା ପର୍ଯ୍ୟନ୍ତ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ସଂପର୍କରେ ସମୀକ୍ଷା କରିବେ ବୋଲି ସୂଚନା ମିଳିଛି ।

# ଦାବି ହାସଲ ପାଇଁ ଡ୍ରାଇଭର ମହାସଂଘର ଧାରଣା ଆସନ୍ତା ୮ରେ

ଧର୍ମଶାଳା, ୦୪/୦୭ (ନି.ପ୍ର): ୭ ଦଫା ଦାବି ହାସଲ ପାଇଁ ରାଜ୍ୟ ମହାସଂଘର ନିଷ୍ପତି କ୍ରମେ ଯାଜପୁର ଜିଲା ଧର୍ମଶାଳା ଶାଖା ଡ୍ରାଇଭର ମହାସଂଘ ଆସନ୍ତା ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଙ୍ଗ ଛାଡ ଆନ୍ଦୋଳନ କରିବେ । ଏନେଇ ଜାରକା ଠାରେ ଧର୍ମଶାଳା ଶାଖାର ସଭାପତି ଲୋକନାଥ ପୁରୀ ଓ ସମ୍ପାଦକ ଅମୁଲ୍ୟ କୁମାର ମଳିକ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି । ଓଡିଶା ଡ୍ରାଇଭର ମହାସଂଘ ତା'ର ଦାବିରେ ୨୦୨୩ ମସିହା ମାର୍ଚ୍ଚ ମାସ ୧୫ ତାରିଖରେ ଭୁବନେଶ୍ୱରରେ ଏକ ବିରାଟ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ତତକାଳୀନ ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଡ୍ରାଇଭରଙ୍କ ସ୍ୱାଭାବିକ ମୃତ୍ୟୁରେ ୨ ଲକ୍ଷ ଏବଂ ଦୁର୍ଘଟଣାଜନିତ ମୃତ୍ୟୁରେ ୪ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ । ଅନ୍ୟାନ୍ୟ ମୁଖ୍ୟ ଦାବିକୁ ରାଜ୍ୟ ସରକାର ପର୍ଯ୍ୟାୟ କ୍ରମେ ପୂରଣ କରିବାକୁ ପ୍ରତିଶୃତି ଦେଇଥିଲେ । ମାତ୍ର ଦାବି ପୂରଣ ନ ହେବାରୁ ଚଳିତ ବର୍ଷ ନୂତନ ସରକାରଙ୍କ ସମୟରେ ମାର୍ଚ୍ଚ ୨୯ ତାରିଖରେ ରାଜ୍ୟ ଡ୍ରାଇଭର ମହାସଂଘ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଲୋୟର ପିଏମଜି ଠାରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା । ମାତ୍ର ଅଦ୍ୟାବଧି କୌଣସି ଦାବି ପୂରଣ ନ ହେବାରୁ ରାଜ୍ୟ ମହାସଂଘର ନିଷ୍ପତି କ୍ରମେ ଆସନ୍ତା ୮ ତାରିଖ ଠାରୁ କୌଣସି ଡ୍ରାଇଭର ଗାଡି ଚଳେଇବେ ନାହିଁ ବୋଲି ନିଷ୍ପତି ନେବା ସହିତ ସମସ୍ତ ଡ୍ରାଇଭର ଧାରଣା ଦେବେ ବୋଲି ସଂଘର କର୍ମକର୍ତା ପ୍ରକାଶ କରିଛନ୍ତି । ଆବଶ୍ୟକ ପଡିଲେ, ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘ ନିଷ୍ପତି ନେଇଛି । ଏହି ଧାରଣା ସମୟରେ ରାଜ୍ୟରେ ଯଦି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୁଏ ତା ହେଲେ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମହାସଂଘ ଚେତାବନୀ ଦେଇଛି ।

# କେନ୍ଦ୍ରାପଡା ପୌରସଂସ୍ଥାରେ କର୍ମଚାରୀ ମରୁଡି : ହୋଇ ପାରୁନି ଉନ୍ନୟନ ମୂଳକ କାର୍ଯ୍ୟ

କେନ୍ଦ୍ରାପଡା, ୦୪/୦୭ (ନି.ପ୍ର): ରାଜ୍ୟର ସର୍ବ ପୁରାତନ କେନ୍ଦ୍ରାପଡା ପୌରସଂସ୍ଥା ର ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ଏକ ପ୍ରକାର ବନ୍ଦ ହୋଇ ପଡିଥିବା ଜଣାପଡିଛି । ନିକଟରେ ହୋଇଥିବା ପୌର ସଭ୍ୟ ମାନଙ୍କ ଜରୁରୀ ବୈଠକରେ ଏନେଇ ବିଭିନ୍ନ ୱାର୍ଡର କାଉନସିଲର ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ପୌରାଧକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଗଣେଶ୍ୱର ବେହେରା, ଉପାଧ୍ୟକ୍ଷା ଆକବରୀ ଖାତୁନ, କାଉନସିଲର ପ୍ରଦୀପ୍ତ ଜେନା, ନିରାକାର ସ୍ୱାଇଁ, ଉମେଶ ଚନ୍ଦ୍ର ନାୟକଙ୍କ ସମେତ ସମସ୍ତ କାଉନସିଲର ମାନେ ଉନ୍ନୟନ ମୂଳକ କାର୍ଯ୍ୟ ବନ୍ଦ ହୋଇ ପଡି ରହିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଶେଷକରି ପୌରସଂସ୍ଥାର କର୍ମଚାରୀ ଅଭାବରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ତଦାରଖ କରିବା, ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ଓ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଅର୍ଥ ପୈଠ କରିବା ଅଦି କାର୍ଯ୍ୟ ହେଉ ନଥିବାରୁ କୌଣସି କାର୍ଯ୍ୟ ହୋଇପାରୁ ନାହିଁ । ନିକଟରେ ହୋଇଥିବା ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୫୦ଟି ଟେଣ୍ଡର ଡକାଯାଇ ଅନୁମୋଦନ ପାଇଥିଲେ ମଧ କାର୍ଯ୍ୟ ଆରମ୍ଭ କରାଯାଇ ପାରୁନାହିଁ । ମୁନିସିପାଲିଟି ର କୌଣସି ସ୍ଥାୟୀ କନିଷ୍ଠ ଯନ୍ତ୍ରୀ କିମ୍ବା ଏମଇ ନଥିବାରୁ କାର୍ଯ୍ୟ ଆରମ୍ଭ କରିବା ଓ ତଦାରଖ କରିବା ସମ୍ଭବ ହୋଇପାରୁ ନାହିଁ । ସେହିଭଳି କୌଣସି କୌଣସି ହିସାବ ରକ୍ଷକ (ଆକାଉଟାଣ୍ଟ) ନଥିବାରୁ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ଆକାଉଟାଣ୍ଟଙ୍କୁ ସପ୍ତାହରେ ୩ଦିନ ପାଇଁ କେନ୍ଦ୍ରାପଡାରେ କାମ କରିବା ପାଇଁ ଦାୟିତ୍ୱ ଦି ଯାଇଥିଲେ ମଧ୍ୟ ସମୟ ଅଭାବରୁ ସେ ନିୟମିତ ଆସିପାରୁ ନାହାଁନ୍ତି କିମ୍ବା ହୋଇଥିବା କାମ ପାଇଁ ଅର୍ଥ ପୈଠ କରିପାରୁ ନାହାଁନ୍ତି । ସେହିଭଳି ରାଜ୍ୟ ସରକାର ପୌରସଂସ୍ଥାର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସାଢେ ୭ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ କା ନେଇଥିବା ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ ନକରି ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଠାରୁ ସ୍ୱଷ୍ଟିକରଣ ଲୋଡି ଥିବାରୁ କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇପାରୁ ନାହିଁ । ମୁନିସିପାଲିଟ ର ଏକମାତ୍ର ରାଜସ୍ୱ ନିରୀକ୍ଷକଙ୍କ ଅନ୍ୟତ୍ର ବଦଳି ହୋଇଥିବାରୁ ଓ ଅନ୍ୟ ୫ଜଣ କର୍ମଚାରୀ ନିକଟରେ ଅବସର ନେଇଥିବାରୁ ସେମାନଙ୍କ ସ୍ଥାନରେ ଅନ୍ୟ କାହାରିକୁ ନିଯୁକ୍ତି ଦିଆଯାଇ ନଥିବାରୁ ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ଏକ ପ୍ରକାର ଠପ୍ ହୋଇ ଯାଇଥିବା ଅଭିଯୋଗ ହୋଇଛି । ଏ ଦିଗରେ ବିଭାଗୀୟ ଅଧିକାରୀ ମାନେ କିମ୍ବା ଜିଲ୍ଲା ପ୍ରଶାସନ ଆଦୌ ଗୁରୁତ୍ୱ ଦେଉ ନଥାରୁ ସର୍ବ ପୁରାତନ ପୌରସଂସ୍ଥା କେନ୍ଦ୍ରାପଡା ପୌର କାର୍ଯ୍ୟାଳୟର ପରିଚାଳନା ଓ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇ ଯାଇଥିବାରୁ ନିର୍ବାଚିତ କାଉନସିଲର ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ ।

# ଶଶି ପାଗଡା ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ : ଅଭିଯୁକ୍ତ ରାମଚନ୍ଦ୍ର ଗିରଫ

ସମ୍ବଲପୁର, ୦୪/୦୭ (ନି.ପ୍ର): ବହୁ ଚର୍ଚ୍ଚିତ ଶଶି ପାଗଡ଼ ହତ୍ୟାକାଣ୍ଡର ପ୍ରାୟ ୧୬ ମାସ ପରେ ପୋଲିସ ଏହି ଘଟଣାକୁ ପର୍ଦାଫାଶ କରିଛି । ବିଳମ୍ବରେ ହେଲେ ବି ଏହି ନୃଶଂସ ହତ୍ୟାକାଣ୍ଡର ଅଭିଯୁକ୍ତ ବୁର୍ଲା ଥାନା ଅନ୍ତର୍ଗତ ଗାନ୍ଧିପଡାର ରାମଚନ୍ଦ୍ର ଶାସନୀ(୪୧)କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି । ଶାସନ ଥାନା ପୋଲିସ ମୃତ ମହିଳାଙ୍କ ପୋଷାକ, ପେଟ୍ରୋଲ ବୋତଲ, ଦିଆସିଲି ଓ ଚପଲ ଆଦି ଜବତ କରିଛି । ଅଧିକ ତଦନ୍ତ ପାଇଁ ଅଭିଯୁକ୍ତକୁ ରିମାଣ୍ଡରେ ଅଣାଯିବ ବୋଲି ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ବରିଷ୍ଠ ବିଜେପି ନେତା ସୀମାଞ୍ଚଳ ଖଟେଇଙ୍କ ଘରେ କାମ କରୁଥିବା ଶଶି ପାଗଡ଼ (୫୫) ୯ ଫେବୃଆରୀ, ୨୦୨୪ରେ ଅପହରଣ ଓ ହତ୍ୟାର ଶିକାର ହୋଇଥିଲେ । ତାଙ୍କର ଅର୍ଦ୍ଧଦଗ୍ଧ ମୃତଦେହ ଜମାଦାରପାଲି ଏୟାରଷ୍ଟିପ ନିକଟ ହୀରାକୁଦ ଡ୍ୟାମର ବାମପଟ ଡାଇକ୍ ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା । ଏ ନେଇ ଶାସନ ଥାନାରେ ୩୧/୨୪ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଇଥିଲା । ପୋଲିସର ୪ଟି ଟିମ୍ ଏହି ଘଟଣାର ତଦନ୍ତ କରିଥିଲେ । ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ କରିଥିଲା । ୩୦ରୁ ୪୦ ଜଣଙ୍କୁ ସନ୍ଦେହ କରି ପୋଲିସ ପଚରାଉଚରା କରିଥିଲା । ତେବେ ସାଇଣ୍ଟିଫିକ ତଦନ୍ତ ବେଳେ ଅଭିଯୁକ୍ତ ରାମଚନ୍ଦ୍ର ଏହି ଘଟଣାର ଅଭିଯୁକ୍ତ ବୋଲି ଜଣାପଡିଥିଲା । ଶଶି ପାଗଡ଼ ଓ ଅଭିଯୁକ୍ତ ରାମଚନ୍ଦ୍ର ଦୁହେଁ ପରିଚିତ ଥିଲେ । ଆବଶ୍ୟକତା ଯୋଗୁଁ ଶଶି କିଛି ଟଙ୍କା ଅଭିଯୁକ୍ତଙ୍କୁ ଘଟଣା ଦିନ ସନ୍ଧ୍ୟାରେ ହୀରାକୁଦ କାଳି ମନ୍ଦିର ନିକଟରେ ଦେଖିବା ପରେ ମାଗିଥିଲେ । ଅଭିଯୁକ୍ତ ଟଙ୍କା ନଥିବା କହିବା ସହ ଧାର ଆଣି ଦେବ ବୋଲି କହିଥିଲା । ତେଣୁ ନମ୍ବର ବିହୀନ ବାଇକ ଯୋଗେ ଉଭୟେ ସମ୍ବଲପୁର ଆସିଥିଲେ । ଅଇଁଠାପାଲି ଛକ ନିକଟରେ ପହଞ୍ଚିବା ପରେ ଅଭିଯୁକ୍ତ ଏହି ମହିଳାଙ୍କୁ ବାଇକରୁ ଓହ୍ଲାଇ ଟଙ୍କା ଆଣିବାକୁ ଯାଉଥିବା କହି ଯାଇଥିଲା । ପରେ ତାଙ୍କୁ ନେଇ ଜମାଦାର ପାଲି ଏୟାରଷ୍ଟ୍ରିପ ପର୍ଯ୍ୟନ୍ତ ନେଇଥିଲା । ତେବେ ଟଙ୍କା ଧାରକରଜକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଅଭିଯୁକ୍ତ ଉତ୍ୟକ୍ତ ହୋଇ ଶଶିଙ୍କୁ ଠେଲି ଦେଇଥିଲା । ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ଥିଲା । ଏଭଳି ସ୍ଥଳେ ସେ ପୋଲିସରେ ଅଭିଯୋଗ କରିବେ ବୋଲି କହିବାରୁ ଅଭିଯୁକ୍ତ ଗାମୁଛାରେ ତାଙ୍କ ତଣ୍ଟିକୁ ଚିପି ହତ୍ୟା କରିଥିଲା । ପରେ ବାଇକରୁ ପୋଟ୍ରୋଲ ବାହାର କରିବା ସହ ଘଟଣାରେ ସ୍ଥଳରେ ପୋଡି ଦେଇଥିଲା । ମୃତକଙ୍କ ରକ୍ତଲଗା ଜ୍ୟାକେଟକୁ ବୁର୍ଲା ବ୍ରିଜ ନିକଟ ମହାନଦୀରେ ଭସାଇ ଦେଇଥିଲା । ପୂର୍ବରୁ ମଧ ଏମାନଙ୍କ ମଧ୍ୟରେ ଟଙ୍କା ଧାର ଓ ଫେରସ୍ତକୁ କେନ୍ଦ୍ର କରି ଝଗଡା ହୋଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

# ଭାରସାମ୍ୟ ହରାଇଲା ଦେଶୀ ଡ଼ଙ୍ଗା : ଅଳ୍ପକେ ବର୍ତ୍ତିଲେ ଚାରିଜଣ

ଜୟପୁର, ୦୪/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆର ଶୁଣି ପଞ୍ଚାୟତର ମୁରାନ ଡ୍ୟାମକୁ ଯାଉଥିବା ଜଟିଆ ଗୁଡ଼ା କେନାଲ ଠାରେ ପ୍ରବଳ ବର୍ଷା ଯୋଗୁଁ ପ୍ରବାହିତ ପ୍ରାଖୋର ଜାଲରେ ଡ଼ଙ୍ଗା ସାହାଯ୍ୟରେ ଯାଉଥିବା ୪ ଜଣ ଯାତ୍ରୀ ଅଳ୍ପକେ ମୃତ୍ୟୁମୁଖରୁ ବଞ୍ଚିଯାଇଥିବା ଜଣାପଡିଛି । ନିଜେ ନିଜେ ପହଁରି ନିଜର ଜୀବନ ରକ୍ଷା କରିଛନ୍ତି । ସେହି ୪ ଜଣ ହେଲେ ଖଗପତି ବିଶୋଇ, ସଞ୍ଜୟ ହରିଜନ, ଅଜୟ ହରିଜନ ଓ ରନ୍ ହରିଜନ । କିନ୍ତୁ ସେମାନେ ନେଇ ଯାଉଥିବା ୩ ଗୋଟି ବାଇକ କେନାଲ ମାଝିରେ ଭାସି ଯାଇଥିବା ଜଣାପଡିଛି । ଏହି ବ୍ୟକ୍ତି ମାନଙ୍କ ମଧ୍ୟରୁ ୨ ଜଣ ଦୁଆର ଶୁଣି ପଞ୍ଚାୟତର ହୋଇଥିବା ବେଳେ ଅନ୍ୟ ୨ ଜଣ ନବରଙ୍ଗପୁର ପୂର ଜିଲ୍ଲା ବୋଲି ଜଣାପଡିଛି । ତେବେ ନିଜର କର୍ମ କ୍ଷେତ୍ରକୁ ତଥା ଟିକିରି ପ୍ଲାଣ୍ଟରେ କାର୍ଯ୍ୟ ରେ ଯୋଗ ଦେବାପାଇଁ ଯାଉଥିବା ବେଳେ ଏଭଳି ଏକ ଅଘଟଣ ଘଟିଥିଲା । କେନାଲ ପାର ହେଉଥିବା ସମୟର ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି । ତେବେ ଲଗାଣ ବର୍ଷା ଯୋଗୁଁ କେନାଲରେ ପାଣି ଅଧିକ ହେବା ସହ ଲହଡ଼ି ମଧ ଭୟଙ୍କର ହେଉଥିଲା । ତେବେ ରଶି ଲଗା ଡ଼ଙ୍ଗା ଏମିତି ବିପଦ ହେବ ବୋଲି ନ ଜାଣି ନିତିଦିନିଆ ଯାତାୟାତ ଭଳି ଯିବାକୁ ସାହସ କରି ଏଭଳି ଏକ ବିରାଟ ବଡ଼ ଅଘଟଣରୁ ଜୀବନ ବଞ୍ଚାଇ ନେଇଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଡ଼ଙ୍ଗାଟି ଯୋଗାଇ ଦିଆ ଯାଇଛି । କିନ୍ତୁ ଏହି ଡ଼ଙ୍ଗାରେ ଯାତ୍ରୀମାନେ କେତେ ସୁରକ୍ଷିତ ଏଥିରୁ ଅନୁମେୟ କରିବା କଥା । ଜଟିଆ ଗୁଡ଼ା କେନାଲ ଠାରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ଦାୟିତ୍ୱ ଦିଆଯାଇଛି । ନିର୍ମାଣ କାର୍ଯ୍ୟର ଅବଧି ମଧ୍ୟ ଶେଷ ହେବାକୁ ବସିଲାଣି । କିନ୍ତୁ କାର୍ଯ୍ୟ ସାରିବାର ନାଁ ନେଉନାହିଁ । ଯଥା ଶୀଘ୍ର ପୋଲ କାର୍ଯ୍ୟ ନସରିଲେ ଏଭଳି ଅନେକ ଅଘଟଣ ଘଟିବାର ସଂଭାବନା ରହିଛି । ତେବେ ପ୍ରଶାସନ ଦୃଷ୍ଟି ଦେଲେ ରାୟଗଡା, ନବରଙ୍ଗପୁର, କୋରାପୁଟ ପ୍ରଭୃତି ଜିଲ୍ଲା ଯାତାୟାତ ପାଇଁ ନିର୍ଭର କରୁଥିବା ଜିଲ୍ଲା ଏବଂ ଅଞ୍ଚଳବାସୀ ଉପକୃତ ହେବେ ।

# ବାଲିଆପାଳ ସମବାୟ ସୂତାକଳ ଏବେ କେବଳ ଅତୀତର ସ୍ମୃତି : ପୁନଃ ଉଦ୍ଧାର ହେବା ଆଶା କ୍ଷୀଣ





ଲଙ୍ଗଳେଶ୍ୱର , ୦୪/୭ (ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗ ସ୍ଥିତ ଶ୍ରୀ ଗୋପୀନାଥ ବୁଣାକାର ସମବାୟ ସୂତାକଳ ଏବେ କେବଳ ଅତୀତର ସ୍ମୃତି ହୋଇ ରହିଛି। ବିଜେଡି ସରକାର ଅମଳରେ ଏହାର ପୁନଃ ଉଦ୍ଧାର ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ମାତ୍ର କାମର କୌଣସି ଅଗ୍ରଗତି ହୋଇ ନାହିଁ। ଏଥିପାଇଁ ରାଜନୈତିକ ଇଚ୍ଛା ଶକ୍ତି ହିଁ ଦାୟୀ। ୫ ଟି ସଚିବଙ୍କ ଲଙ୍ଗଳେଶ୍ୱର ଗସ୍ତ ସମୟରେ ସୂତା କଳର ପ୍ରାକ୍ତନ କର୍ମଚାରୀ ଓ ସ୍ଥାନୀୟ ଲୋକ ତାହାର ପୁନଃ ଉଦ୍ଧାର ପାଇଁ ଲେଖି ଦାବିପତ୍ର ଦେଇଥିଲେ। କିନ୍ତୁ ସେ ବାବଦରେ କୌଣସି ଅର୍ଥ ମଞ୍ଜୁର ହୋଇ ନାହିଁ। ଏବେର ନୂଆ ସରକାର ଯାହା ଜଣା ପଡୁଛି ଏହାର ପୁନଃ ଉଦ୍ଧାର ନେଇ ନୀରବ ରହିଛନ୍ତି । ଅଶି ଦଶକରେ ତତ୍କାଳୀନ କଂଗ୍ରେସ ସରକାର ବାଲିଆପାଳ କ୍ଷେପଣାସ୍ତ୍ର ଘାଟୀ ପରି ଯୋଜନାରେ ୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ଦେଭୋଗ ଠାରେ ଶ୍ରୀ ଗୋପୀନାଥ ବୁଣାକାର ସମବାୟ ସୂତାକଳ ପ୍ରତିଷ୍ଠା କରିଥିଲେ। ପ୍ରତିଷ୍ଠା ଦିନରୁ ୫/୭ ବର୍ଷ ପର୍ଯ୍ୟନ୍ତ ସୂତାକଳ ଟି ସୁରୁଖୁରୁରେ ଚାଲି ଥିଲା। କଲିକତାର ପିକନ ନାମକ ଏକ କମ୍ପାନୀ ସୂତା ବଦଳରେ ତୁଳା ଦେଉ ଥିଲା। ତାହାଛଡା କର୍ମଚାରୀଙ୍କ ଦରମା, ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ବହନ କରୁଥିଲା। ମାତ୍ର ସରକାରଙ୍କ ଘରୋଇ କରଣ ନୀତି ଯୋଗୁଁ ସୂତାକଳ ବିକ୍ରି ପାଇଁ ୨୦୦୨ ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଲା।ଏହି ପ୍ରକ୍ରିୟା ଚାଲିଥିବା ବେଳେ ୨୦୦୫ ମସିହା ଡିସେମ୍ବର ମାସ ମଧ ରାତିରେ ସୂତା କଳରେ ଅଚାନକ ନିଆଁ ଲାଗିଗଲା। ନିଲାମ ନେବାକୁ ଥିବା କମ୍ପାନୀ ମାନେ ପଛ ଘୁଞ୍ଚା ଦେଲେ। ଶେଷରେ ପିକନ ଶାଗ ମାଛ ପରିବା ଦରରେ ନିଲାମ ନେବାକୁ ସଫଳ ହେଲେ। ମାତ୍ର କର୍ମଚାରୀଙ୍କ ବକେୟା ଦରମା, ସେମାନଙ୍କ ଇ ପି ଏଫ, ସୂତା କଳ ଉପରେ ବାକିଥିବା ବିଦ୍ୟୁତ ଦେୟ, ସ୍ପିନ ଫେଡ଼ ର ଅନ୍ୟାନ ବାକିର ପୈଠ ଓ ଦେୟ ପରିଶୋଧ ନେଇ ସରକାରଙ୍କ ଅନୁମତି ପତ୍ର ପିକନ ପାଇ ପାରିଲା ନାହିଁ। ଯାହା ଫଳରେ କମ୍ପାନୀ ପିକନ ଅଦ୍ୟାବଧି କୌଣସି କାମର ଅଗ୍ରଗତି କରି ପାରି ନାହିଁ। ଏବେ ସରକାରଙ୍କ ତରଫରୁ ଜଣେ କର୍ମଚାରୀ ଓ କେତେ ଜଣ ସୁରକ୍ଷା କର୍ମୀ ରହିଛନ୍ତି ସୂତା କଳକୁ ଜଗିବା ପାଇଁ। ସୂତା କଳ କାର୍ଯ୍ୟକ୍ଷମ ନ ହେବାରୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଯନ୍ତ୍ର ପାତି, ଆସବାପାତ୍ରକୁ ଚୋରି କରି ନେଇ ଗଲେଣି। ସୂତା କଳ ଅଧିକୃତ ଜାଗା ଓ ଜମିକୁ ଜମି ଦେଇଥିବା ଲୋକମାନେ ଏବେ ଦଖଲ କରି ନେଇଛନ୍ତି। ଆଉ ସୂତାକଳ ହେବାର ସମ୍ଭାବନା କ୍ଷଣ।ନୂଆ ସରକାର ତାର ପୁନଃ ଉଦ୍ଧାର ନେଇ ପଦକ୍ଷେପ ନେବାକୁ ସୂତାକଳର ପୂର୍ବତନ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ଏକ କ୍ୱିଂଟାଲରୁ ଉର୍ଦ୍ଧ ଗଞ୍ଜେଇ ଜବତ: ଦୁଇ ଗିରଫ

କେନ୍ଦୁଝର, ୦୪/୭ (ନି.ପ୍ର): ଆଜି କେନ୍ଦୁଝର ସଦର ଥାନା ପୋଲିସକୁ ମିଳିଛି ବଡ଼ ସଫଳତା। ଏକ ବିଶେଷ ସୁତ୍ରରୁ ଖବର ପାଇ ସଦର ଥାନା ଏସଆଇ ସ୍ୱରୂପ ରଞ୍ଜନ ନାଏକ ଓ ସୂର୍ଯ୍ୟନାରାୟଣ ରାଉତରାୟ ଘଣ୍ଟି ୪୯ ନିକଟବର୍ତ୍ତୀ ବେଲେଦା ଠାରେ ନାକା ବନ୍ଦୀ କରିଥିଲେ । ବିଶେଷ ଖବର ଅନୁସାରେ ବୌଦ୍ଧରୁ ପଶ୍ଚିମବଙ୍ଗ ଆଡ଼କୁ ଦୃତ ଗତିରେ ଧଳା ରଙ୍ଗର ହୋଣ୍ଡା ଇମେଜ କାର ଡଡ଼ ୦୨ଉଗ୮୯୨୮ କୁ ମାଡି ବସିଥିଲା ପୋଲିସ। ଏଥିରେ ଆଠ ବସ୍ତାରେ ସମୁଦାୟ ୧ କ୍ୱିଂଟାଲ ୪୦ କିଲୋ ୪୪୦ ଗ୍ରାମ ଗଞ୍ଜେଇ ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ୍ୟ ଟଙ୍କା ହେବ ଏବଂ ଗାଡ଼ିକୁ ଜବତ କରିବାରେ ସଫଳ ହୋଇଥିଲା ପୋଲିସ। ଏହାକୁ ନେଉଥିବା ଦୁଇ ଜଣଙ୍କୁ ଅଟକ ରଖିଥିବା ବେଳେ ସେମାନଙ୍କ ପରିଚୟ ଦୁଇ ଜଣ ଅମଲ ଦେହୁରୀ ଘର ରଘୁନାଥପୁର୍ ଥାନା ଓ ଶୁଭେନ୍ଦୁ ବେହେରା ଘର ସରସରା ଥାନା ଅଂଚଳର ବୋଲି ଜଣାପଡିଥିଲା।

# ରଥଯାତ୍ରା ଉପଲକ୍ଷେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ଘୋଷଯାତ୍ରା ଉପଦେଷ୍ଟା କମିଟି ପକ୍ଷରୁ ସମୂହ ପ୍ରସାଦ ସେବନ ବ୍ୟବସ୍ଥା



ବାରିପଦା, ୦୪/୭ (ନି.ପ୍ର): ଆଜି ପବିତ୍ର ରଥଯାତ୍ରା ଉପଲକ୍ଷେ ଶ୍ରୀ ଶ୍ରୀ ହରିବଳଦେବ ଜୀଉଘୋଷ ଯାତ୍ରା ଉପଦେଷ୍ଟା କମିଟି ତରଫରୁ ବାରିପଦା ସ୍ଥିତ ସ୍ୱସ୍ତିକ ଗାର୍ଡେନ ଠାରେ ସମୂହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏଥିରେ ଶହ ଶହ ସଂଖ୍ୟାରେ ଭକ୍ତ, ଶ୍ରଦ୍ଧାଳୁ ଓ ସାଧାରଣ ଜନତା ଏକତ୍ରିତ ହୋଇ ମହାପ୍ରଭୁଙ୍କ ଦିବ୍ୟ ପ୍ରସାଦ ସେବନର ସୁଯୋଗ ପାଇଥିଲେ ଏବଂ ଭକ୍ତ-ଶ୍ରଦ୍ଧାଳୁ ଆବାଳ ବୃଦ୍ଧ ବନିତାଙ୍କ ସମୂହ ପ୍ରସାଦ ସେବନ, ପରିବେଶକୁ କିଛି କ୍ଷଣ ପାଇଁ ଆନନ୍ଦ ବଜାରରେ ପରିଣତ କରିଥଲା। ପୁରୀର ନନାମାନଙ୍କ ଦ୍ୱାରା ରନ୍ଧନ ହୋଇ ପ୍ରସ୍ତୁତ ହୋଇଥିବା ଘିଅ ଅନ୍ନ ,ଖେଚୁଡ଼ି ,କାନିକା, ଡାଲମା, ମିଠାଡାଲି, ବେସର ,ମହୁର ,କଖାରୁ ଖଟା ,ଛେନା ,ରାବିଡ଼ି ଇତ୍ୟାଦି ସୁସ୍ୱାଦୁ ଦିବ୍ୟ ପ୍ରସାଦ ପାଇ ଭକ୍ତ ଓ ଶ୍ରଦ୍ଧାଳୁ ନିଜକୁ ଧନ୍ୟ ମନେ କରିଥିଲେ। ପ୍ରକାଶ ଥାଉକି ଚଳିତ ବର୍ଷ ରଥଯାତ୍ରା ଅବସରରେ ଗତ ଜୁନ ୩୦ ତାରିଖରୁ ଜୁଲାଇ ୫ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଉଛି। ଏହି ପ୍ରସାଦ ବଣ୍ଟନ ପବିତ୍ର କାର୍ଯ୍ୟ ପାଇଁ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ ଅକୁଣ୍ଠିତ ଛିଉରେ ସେବା ପ୍ରଦାନ କରିଛନ୍ତି। ଆଜିର ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ମହାରାଜା ଶ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବାଙ୍ଗରିପୋଷୀ ବିଧାୟିକା ସୁଶ୍ରୀ ସଞ୍ଜଳୀ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦା, ନଗରପାଳ କୃଷ୍ଣନନ୍ଦ ମହାନ୍ତି, ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଶାନ ଓ ଅନ୍ୟାନ୍ୟ ବିଭିନ୍ନ ବିଭାଗୀୟ ଅଧିକାରୀ ଏକତ୍ର ହୋଇ ପ୍ରସାଦ ସେବନ କରିବା ସହିତ ଉପଦେଷ୍ଟା କମିଟି ସଦସ୍ୟ କଳିଙ୍ଗ କେଶରୀ ଜେନା, ବିପ୍ଳବ ବୁଗୁଡେଇ, ଅମିତାଭ ସାହୁ, ଗୌରବ ମୋଦୀ, ବବି ରାଉତ,ଅମର ସେଠୀ, ସତ୍ୟଜିତ ସୋମ, ମୁକେଶ ଶର୍ମା, ସନ୍ତୋଷ ଖଣ୍ଡେଲଓ୍ୱାଲ, ଅଭିଷେକ ବେହେରା, ରାକେଶ ବେହେରା, ବିଦୁରାଜ ସୋରେନ, ସମୀର ଦେ, ଅରୁଣ ବରଦ, କାଶୀନାଥ ରଣା, ସୁବ୍ରତ ମୁଖି କାହ୍ନୁ ମହାନ୍ତି, ସନ୍ତୁ ରାମ, ସରୋଜ ଶତପଥି, ନିମାଇଁ ତ୍ରିପାଠୀ, ଶିବୁ ରଣା ପ୍ରମୁଖ ପ୍ରସାଦ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।

# ରଥଯାତ୍ରାରେ ଆଦାନୀ-ଇସ୍କନର ଅଦ୍ୱିତୀୟ ସେବା



ପୁରୀ, ୦୪/୭ (ନି.ପ୍ର): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଭକ୍ତି, ବିଶ୍ୱାସ ଏବଂ ଆଧାତ୍ମିକତାର ଏକ ମହାନ ସଙ୍ଗମ, ଯାହା ସମଗ୍ର ବିଶ୍ୱରୁ ଭକ୍ତମାନଙ୍କୁ ଓଡ଼ିଶାର ପବିତ୍ର ଭୂମିକୁ ଆକର୍ଷିତ କରିଥାଏ । ପ୍ରତିବର୍ଷ କୋଟି କୋଟି ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ରଥ ଟାଣିବା ପାଇଁ ପୁରୀକୁ ଆସିଥାନ୍ତି । ଏହି ରଥଯାତ୍ରାକୁ ସଫଳ କରିବା ପାଇଁ ଯେଉଁମାନେ ଅକ୍ଳାନ୍ତ ପରିଶ୍ରମ କରିଥାନ୍ତି, ସେମାନେ ହେଉଛନ୍ତି ଓଡ଼ିଶା ପୋଲିସ, ଅର୍ଦ୍ଧସାମରିକ ବାହିନୀ, ରେଳ କର୍ମଚାରୀ, ପ୍ରଶାସନିକ ଅଧିକାରୀ ଏବଂ ହଜାର ହଜାର ସ୍ୱେଚ୍ଛାସେବୀ । ଚଳିତ ବର୍ଷ ରଥଯାତ୍ରାରେ ଏକ ଅନନ୍ୟ ଉଦାହରଣ ଦେଖିବାକୁ ମିଳିଥିଲା । ଆଦାନୀ ଗ୍ରୁପ ଓ ଇସ୍କନ ସହଭାଗିତାରେ ପୁରୀରେ ଚାଲିଥିବା ପ୍ରସାଦ ସେବା କେବଳ ସାଧାରଣ ଭକ୍ତମାନଙ୍କୁ ନୁହେଁ ବରଂ ରଥଯାତ୍ରାକୁ ସୁଗମ ଓ ସୁରକ୍ଷିତ କରିବାରେ ନିୟୋଜିତ ସୁରକ୍ଷାକର୍ମୀ, ସଫେଇ କର୍ମଚାରୀ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀମାନଙ୍କୁ ସମ୍ମାନର ସହ ଖାଦ୍ୟ ପରିବେଷଣ କରୁଛି । ଏହି ସ୍ୱତନ୍ତ୍ର ସେବା ଅଧିନରେ ଓଡ଼ିଶା ସ୍ୱିଫ୍ଟ ଆକ୍ସନ ଫୋର୍ସ, ଇଣ୍ଡିଆ ରିଜର୍ଭ ବାଟାଲିୟନ, ଶ୍ରୀମନ୍ଦିର ସୁରକ୍ଷା ବାହିନୀ, ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ ଏବଂ ସ୍ଥାନୀୟ ପୋଲିସ ବାହିନୀର ଯବାନମାନଙ୍କର ଭକ୍ତି ଓ ସମର୍ପଣ ଭାବ ସହିତ ପ୍ରସ୍ତୁତ ପ୍ରସାଦ ପରିବେଷଣ କରାଯାଉଛି । ଏହି ପ୍ରସାଦରେ ଡାଲମା, ଭାତ, ଟମାଟୋ ଖଟା ଏବଂ ମିଠା ଭଳି ଶୁଦ୍ଧ ଏବଂ ପୁଷ୍ଟିକର ଖାଦ୍ୟ ଅର୍ନ୍ତଭୁକ୍ତ ରହିଛି । ଗତ କିଛିଦିନ ମଧ୍ୟରେ, ପୂର୍ବତଟ ରେଳବାଇ ଅଧିକାରୀ ଏବଂ କର୍ମଚାରୀ ଏବଂ ଅନେକ ସରକାରୀ ବିଭାଗର କର୍ମଚାରୀମାନେ ଏହି ରୋଷଶାଳାରୁ ପ୍ରସାଦ ସେବନ କରିଥିଲେ । ପ୍ରସାଦ ଗ୍ରହଣ କରି ଯବାନମାନେ ଭାବବିହ୍ୱଳ ହୋଇପଡ଼ିଥିଲେ । ଆଦାନୀ ଗ୍ରୁପ ଓ ଇସ୍କନର ଏହି ପଦକ୍ଷେପ ପଛରେ ମୂଳ ଧାରଣା ହେଉଛି- ସେବା ହେଉଛି ସାଧନା । ଏହା କେବଳ ଏକ ରୋଷେଇ ଘର ନୁହେଁ ବରଂ ମହାପ୍ରଭୁଙ୍କ ସେବାରେ ପରୋକ୍ଷ ଭାବରେ ଉତ୍ସର୍ଗୀକୃତ ହଜାର ହଜାର କର୍ମଯୋଗୀଙ୍କ ପ୍ରତି କୃତଜ୍ଞତାର ଅଭିବ୍ୟକ୍ତି ।

OFFICE OF THE MUNICIPAL COUNCIL: KEONJHARGARH

email- keoniharm.hud@rediffmail.com
Invitation for Bids (IFB) 'e' Procurement NOTICE ,
Bid Identification No ODULB-KGM- 10 /2025-26
Letter No 4742/ KGM/ Date.01.07.2025

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Double cover system,through e-Procurement
1- Nature of work- Sanitation Work.
2- No of Work- 3 Nos
3-Value of works: Rs. 1,58,25,800/- to 1,86,62,200/-
4-Date & Time of availability of Bid document in the portal:
From. 04.07.2025 at 11 .00 A.M. up to 17.07.2025 at 5.30 P.M.
5-Date of Opening of bid in portal. 21 .07.2025 at 11.00 A.M.
6- Name & address of the officer in Inviting Bid- EO, Keonjharagrh Municipality
Further details can be seen from Website: www.tendersorissa.gov.in.

Executive Officer
Keonjharagrh Municipality

OIPR- 13115/11/0039/2526

Advertisement

Wanted Guest Faculty/ contractural Lecturer in political science & demonstrator in home science for the session 2025-26. Interested candidates with 55% marks & above at P.G. level for lecturer & Hons in home science at +3 level for demonstrator (H.Science) are to apply with photo copies in support of their qualifications along with complete bio-data within seven days of advertisement. Salary is negotiable.

Principal- Cum- Secretary
Laxmipriya Mahila H.S.S.
Baliapal, Balasore

## ରଥଯାତ୍ରାର ଶ୍ରେଷ୍ଠ ବାର୍ତ୍ତା...

(ପୃ଼ଠା ୩ର ଅବଶିଷ୍ଟ) ନିଜ ଜନ୍ମସ୍ଥଳକୁ ଯାତ୍ରା କରିବା, ଆତ୍ମୀୟ ସ୍ୱଜନ (ମାଆର ଅନୁରୂପ ମାଉସୀ) ଘରେ ମିଳିତ ହେବା ଏବଂ ମନ ପସନ୍ଦର ଭୋଜନ ତଥା ଆତିଥ୍ୟ ଗ୍ରହଣ କରିବାର ପରମ୍ପରା ରଥଯାତ୍ରା ସହିତ ଜଡିତ । ଏଥିରୁ ମାନବ ଜୀବନର ମହାର୍ଗ ଗୁଣବତ୍ତା ର ବାର୍ତ୍ତା ପ୍ରସାରିତ ହୋଇଛି । ଜନ୍ମ ମାଟି ପ୍ରତି ଆକର୍ଷଣ, ଆତ୍ମୀୟ ସ୍ୱଜନ, ବନ୍ଧୁ ପରିଜନଙ୍କ ପ୍ରତି ଆତ୍ମୀୟତା ଏହାର ବିଶେଷତ୍ୱ । ସର୍ବ କାଳରେ ଭଉଣୀ ର ସୁରକ୍ଷା ଭାଇ ହାତରେ ବୋଲି ମଧ ଏଥିରେ ସନ୍ଦେଶ ଦିଆଯାଇଛି । ଯାତ୍ରା ଭ୍ରମଣ ରେ ଯାଉଥିବା ଭାଇ ମାର୍ଗରେ ଭଉଣୀର ସୁରକ୍ଷା ନିମନ୍ତେ ଆୟୁଧ (ସୁଦର୍ଶନ ଚକ୍ର)ଙ୍କୁ ସାଥିରେ ନେବା ମଧ ଆଉ ଏକ ବାର୍ତ୍ତା ର ଜ୍ୱଳନ୍ତ ନମୁନା । ରଥ ଯାତ୍ରାର ରହଣି ମଧ୍ୟରେ ଜନ୍ମ ବେଦୀରେ ବଡ଼ ଦିଅଁ ଅବସ୍ଥାନ କାଳରେ ପତ୍ନୀ (ମହାଲକ୍ଷ୍ମୀ)ଙ୍କ ଅଭିମାନ ହେବା ସ୍ୱାଭାବିକ । ଲୋକାଚାର ରେ କୂଳବଧୂ ଘରୁ ବାହାରକୁ ଯିବା ସମୟରେ ଗୃହକର୍ତ୍ତ / କର୍ତ୍ତ୍ରୀଙ୍କ ଅନୁମତି ନେଇ ସ୍ୱାମୀଙ୍କ ଅନୁଗାମୀ ହେବା ଏବଂ ପୁଣି ଅତ୍ୟନ୍ତ ସମ୍ଭ୍ରମତା ସହକାରେ ଗମନ ଓ ସ୍ୱକୀୟ ଅଭିମାନ ବ୍ୟକ୍ତ କରିବାର ସନ୍ତକ ଛାଡ଼ି ଆସିବା ଗୋଟିଏ ଗୋଟିଏ ଶିକ୍ଷଣୀୟ ସନ୍ଦେଶ । ସମଗ୍ର ଜଗତ ର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥ ସାଂସାରିକ ଲୀଳା ରଚନା କରି ମାନବକୁ ଶୃଙ୍ଖଳିତ କରାଇବାକୁ ଚାହାନ୍ତି । ଅଭିମାନ ଓ କ୍ରୋଧ ଜର୍ଜରିତ ନିଜ ପତ୍ନୀଙ୍କୁ ସନ୍ତୁଷ୍ଟି ଦେବା ପାଇଁ ସହସା ପ୍ରତ୍ୟାବର୍ତ୍ତନ ପ୍ରୟାସ କରନ୍ତି । ରଥ ଦକ୍ଷିଣ ମୋଡ଼ ନେଇ ପ୍ରସ୍ତୁତ ହୋଇଯାଏ । ଆଉ ମଧ ଭକ୍ତଜନଙ୍କୁ ଏକତ୍ର କରନ୍ତି ମହାପ୍ରଭୁ । ଏକାକାର ହୋଇଯିବାକୁ ଆହ୍ୱାନ ଦିଅନ୍ତି । ସର୍ବ ଧର୍ମ ପରିତ୍ୟେଜ୍ୟ ମାମେକଂ ଶରଣଂ ବ୍ରଜଃ। ଅର୍ଥାତ୍ - ସବୁ ଧର୍ମ ଛାଡ଼ି ମୋତେ ହିଁ କେବଳ ଅନୁସରଣ କର । ମୁଁ ଯେଉଁ ଧର୍ମ ପାଳନ କରୁଛି, ସେପରି ସାଂସାରିକ ଜୀବନ ନିର୍ବାହ କର । ପତ୍ନୀଙ୍କ ମାନ ଭଞ୍ଜନ ପାଇଁ ରସଗୋଲା ମିଠା ଖୁଆଇବା ମଧ ମହାପ୍ରଭୁଙ୍କ ମାନବୀୟ ଲୀଳା । ସୁଖୀ ଦାମ୍ପତ୍ୟ ଜୀବନ ର ପରିପ୍ରକାଶ । ପୁନଃ ପ୍ରତ୍ୟାବର୍ତ୍ତନ କରି ସ୍ୱସ୍ଥାନ ନିଳାଦ୍ରୀ ବିଜେ କରି ପାରିବାରିକ ମେଳରେ ଭାଇ,ଭଉଣୀ, ପତ୍ନୀ ତଥା ଅନ୍ୟ ଆତ୍ମୀୟ ମାନଙ୍କ ସହ ସହାବସ୍ଥାନ ର ବାର୍ତ୍ତା ବହନ କରି ମାନବ ସମାଜକୁ ଶ୍ରେଷ୍ଠ ସାଂସାରିକ ଧର୍ମ ପାଳନ କରିବାକୁ ଶିକ୍ଷା ଦିଏ ଶ୍ରୀକ୍ଷେତ୍ରର ଏହି ରଥଯାତ୍ରା । ଆସନ୍ତୁ, ଆମେ ଏହି ବାର୍ତ୍ତାକୁ ଆମ ଧର୍ମଗ୍ରନ୍ଥରେ ଅବା ଧାରା ବିବରଣୀ ରେ ସୀମିତ ନରଖି ଆମ ଦୈନନ୍ଦିନ ଜୀବନରେ ଅନୁପାଳନ କରିବାପାଇଁ ଉଦ୍ୟମ କରିବା ।

+ସମ୍ପାଦକ, ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ,
ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା...

ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହୋଇନାହିଁ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ଆଣିବାକୁ ପଡ଼ିବ । ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତଦାରଖ, ପୁନର୍ବିନ୍ୟାସ ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି । କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ବର୍ଷସାରା ସହରକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇବା ପାଇଁ ଆମ ସରକାର ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

### ୭ ଯାଏଁ ପ୍ରବଳ ବର୍ଷା...

ଉପରେ ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ୩ରୁ ୪ ଦିନ ଭିତରେ ପଶ୍ଚିମ- ଉତ୍ତର ପଶ୍ଚିମ ଦିଗରେ ଗାଙ୍ଗେୟ ପଶ୍ଚିମବଙ୍ଗ, ଉତ୍ତର ଓଡିଶା, ଝାଡଖଣ୍ଡ ଓ ପୂର୍ବ ମଧ୍ୟପ୍ରଦେଶ ଆଡକୁ ଗତି କରିବାର ସମ୍ଭାବନା ରହିଛି । ଆସନ୍ତା ୭ ତାରିଖ ଯାଏ ରାଜ୍ୟକୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

### ବେତନଟୀ ବ୍ଲକ ସାମ୍ବାଦିକ...

ପଶ୍ଚିମବଙ୍ଗ ଗୋପୀବଲ୍ଲଭପୁର ଇଲାକାର ଏବଂ ତାଙ୍କ ନାମ ସମେତ ଭାଇର ନାମ ଗୋପାଳ କଲିଆ, ତାଙ୍କର ଦୁଇଝିଅ ପାରୁ ଘୋଷ ଏବଂ ଦେବୀ ବାସ୍ତୁରୀ ବୋଲି କହିଥିଲେ । ଏହାପରେ ବାସନ୍ତୀଙ୍କୁ ଖାଦ୍ୟ ଯୋଗାଇବା ସହିତ ସବୁବେଳେ ଘର ଠିକଣା ପଚାରୁଥିବା ଲିପୁନ ସ୍ୱାଇଁ ବାସନ୍ତୀ ଦେଇଥିବା ନାମ ଠିକଣା ଏବଂ ବାସନ୍ତୀଙ୍କ ଫଟୋ ବେତନଟୀ ବ୍ଲକ ସାମ୍ବାଦିକ ସଂଘକୁ ଦେଇଥିଲେ । ଏହାପରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଜାମଶୋଳା ଏବଂ ସାତମା ଡମ୍ବରୁଛକ ଇଲାକାର ଲୋକଙ୍କୁ ବାସନ୍ତୀଙ୍କ ଫଟୋ ପଠାଇବା ପରେ ଘରଲୋକେ ଚିହ୍ନଟ କରିଥିଲେ । ଏହାପରେ ଶୁକ୍ରବାର ଅପରାହ୍ନରେ ବାସନ୍ତୀଙ୍କ ପୁତୁରା ଏବଂ ସମ୍ପର୍କୀୟ ବେତନଟୀ ବଙ୍ଗଳାଛକରେ ପହଞ୍ଚିଥିଲେ । ଘରଲୋକଙ୍କୁ ଦେଖୁ ବାସନ୍ତୀକୁ ମଧ ଚିହ୍ନି ପାରିଥିବା ବେଳେ ସେମାନଙ୍କ ସହିତ ସାଭାବିକ ଭାବରେ କଥାବାର୍ତ୍ତା ଆରମ୍ଭ କରିଥିଲେ । ବାସନ୍ତୀ ଖୁସିରେ ଖୁସିରେ ଘରଲୋକଙ୍କ ସହିତ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ବାସନ୍ତୀଙ୍କୁ ଫେରିପାଇବାରେ ମାଧ୍ୟମ ସାଜିଥିବା ବେତନଟୀ ବ୍ଲକ ସାମ୍ବାଦିକସଂଘ ସେମତ ସପ୍ତାହେରୁ ଉର୍ଦ୍ଧ ସମୟ ଧରି ଖାଦ୍ୟ ଯୋଗାଉଥିବା ସ୍ଥାନୀୟ ଦୋକାନୀ ଏବଂ ସ୍ୱେଚ୍ଛାସେବୀଙ୍କୁ ପରିବାର ଲୋକେ କୃତଜ୍ଞତା ଜଣାଇଥିଲେ । ନିଖୋଜ ବାସନ୍ତୀଙ୍କ ସନ୍ଧାନ ପାଇବାକୁ ଘରଲୋକେ ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡର ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି କରି ନିରାଶ ହୋଇଥିବା ସୂଚନା ଦେଇଛନ୍ତି ।

### ଆଜି ଶ୍ରୀଜିଉଙ୍କ ...

ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିଛନ୍ତି। ମୁଣ୍ଡିଆ ମାରି ମନର କଥା କହିଛନ୍ତି। ଶ୍ରଦ୍ଧାଳୁମାନେ ସନ୍ଧ୍ୟା ୬ଟା ଯାଏ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳାର ସହ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ସମ୍ମୁଖରେ ବ୍ୟାରିକେଡ କରାଯାଇଥିବା ବେଳେ ନୀତିକୁ ଶୃଙ୍ଖଳିତ କରାଯାଇଥିଲା। ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

### ପୁରୀ ବିମାନବନ୍ଦର...

ପଡ଼ିବା ନେଇ ଆଶଙ୍କା ରହିଛି । ଏଥିପାଇଁ ଏବେ ଜଙ୍ଗଲ ଜମି ଅଧିଗ୍ରହଣ ଅନୁମୋଦନ ସ୍ଥଗିତ ରଖାଯାଇଛି ।୧୩ ହଜାର ଗଛ କାଟିବାକୁ ନେଇ କ୍ଷୁବ୍ଧ ହୋଇଛି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ । ୪୬୧ ହେକ୍ଟର ଜମିରେ ହୋଇଥାନ୍ତା ବିମାନବନ୍ଦରର ନିର୍ମାଣ । ଏଥିରେ ରହିଛି ପ୍ରାୟ ୨୮ଏକର ଜଙ୍ଗଲ ଜମି ଓ ସମୁଦ୍ର ପାଖ ଜମି । ଏଣୁ ଡଲଫିନ୍, ବିଦେଶୀ ପକ୍ଷୀ ଓ ଅଲିଭରିଡଲେଙ୍କ ସୁରକ୍ଷା ପ୍ରତି ବିପଦ ଆଶଙ୍କା କରି ଆପତ୍ତି କରିଛି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ । ପୁରୀରେ ବିମାନ ବନ୍ଦର ପାଇଁ ଗତ ମେ ୫ରେ କେନ୍ଦ୍ର ବେସାମରିକ ଚଳାଚଳ ମନ୍ତ୍ରାଳୟ ଅନୁମୋଦନ ଦେଇଥିଲା । ଏହାକୁ ନେଇ ରାଜ୍ୟ ସରକାର ବି ତତ୍ପରତା ଦେଖାଇଥିଲେ । ଏଥିପାଇଁ ମୋଟ ୫ ହଜାର ୬ ସହ ୩୧ କୋଟି ଖର୍ଚ୍ଚ ଅଟକଳ ରହିଛି ।

### ଉଚ୍ଚଶିକ୍ଷା ବିଭାଗର...

ଏହା ସହ ୩ରୁ ୪ଟି ଶିକ୍ଷାବର୍ଷରେ ସିଟ୍ ଖାଲି ପଡିଲେ ସମ୍ପୃକ୍ତ କଲେଜକୁ ବି ବନ୍ଦ କରିଦିଆଯିବ ବୋଲି ଉଲ୍ଲେଖ କରାଯାଇଛି । ଉଚ୍ଚଶିକ୍ଷା ବିଭାଗ ଉଚ୍ଚ କ୍ଷମତାସମ୍ପନ୍ନ କମିଟି (ଏଚ୍‌ପିସି)ରେ ଏଭଳି ନିଷ୍ପତ୍ତି ନିଆଯାଇଛି । ସେହିପରି ଅନୁମତି ପ୍ରଦାନ ଦିଗରେ ମଧ କଠୋର ହୋଇଛି ଉଚ୍ଚଶିକ୍ଷା ବିଭାଗ । ସ୍ଥାୟୀ ଅନୁମୋଦନ ପାଇଁ ଆବେଦନ କରିଥିବା ରାଜ୍ୟର ୧୪୬ଟି ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଯାଞ୍ଚ କରାଯିବ । ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ କମିଟି ଶିକ୍ଷାନୁଷ୍ଠାନକୁ ଗସ୍ତ କରି ଭିତ୍ତିଭୂମି, ପାଠ୍ୟକ୍ରମ, ଅଧ୍ୟାପକ-ଛାତ୍ରଛାତ୍ରୀଙ୍କ ଅନୁପାତ ପରି ବିଭିନ୍ନ ବିଷୟ ଉପରେ ଅନୁଧ୍ୟାନ କରିବ । ସେହି କମିଟି ଯେଉଁ ରିପୋର୍ଟ ପ୍ରଦାନ କରିବ ତାହାରି ଆଧାରରେ ବିଭାଗ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ । ଯେଉଁଥିରେ ୧୩ଟି ପ୍ରଫେସନାଲ୍ କଲେଜ ମଧ ରହିଛି । ଏହାବ୍ୟତୀତ ୧୩ଟି ପ୍ରଫେସନାଲ କଲେଜ ନୂତନ ପାଠ୍ୟକ୍ରମ ଖୋଲିବାକୁ କରିଥିବା ଆବେଦନକୁ ବିଭାଗ ବାତିଲ୍ କରିଛି ।

### ଜଣେ ମହିଳା ହୋଇପାରନ୍ତି...

ବଢାଇ ଦିଆଯାଇଛି । ଜାତୀୟ ଗଣମାଧ୍ୟମରେ ରିପୋର୍ଟ ମୁତାବକ, ନିର୍ମଳା ସୀତାରମଣଙ୍କ ସହ ରେସରେ ଅଛନ୍ତି ବିଜେପି ନେତ୍ରୀ ଡି ପୁରନ୍ଦେଶ୍ୱରୀ ଏବଂ ଭନାଥି ଶ୍ରୀନିବାସନ । ଏହି ତିନି ମହିଳା ଦକ୍ଷିଣ ଭାରତର । ବିଜେପି ଦକ୍ଷିଣ ଭାରତକୁ ଫୋକସରେ ରଖି ଏଭଳି ନିଷ୍ପତ୍ତି ନେଇପାରେ ବୋଲି ମଧ ଚର୍ଚ୍ଚା ହେଉଛି । ନିକଟରେ ସୀତାରମଣ ଜେପି ନଡ୍ଡା ଏବଂ ଦଳର ସାଧାରଣ ସମ୍ପାଦକ ବିଏଲ ସନ୍ତୋଷଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଥିଲେ । ଅଧ୍ୟକ୍ଷ ପାଇଁ ସୀତାରମଣଙ୍କ ନାମ ପ୍ରସ୍ତାବ ଦିଆଯାଇଥିବା କୁହାଯାଉଛି । ସେହିପରି ଆନ୍ଧ୍ରପ୍ରଦେଶର ପୂର୍ବତନ ବିଜେପି ସଭାପତି ଡି ପୁରନ୍ଦେଶ୍ୱରୀ ଏହି ରେସରେ ଅଛନ୍ତି ।

### ତାଲିବାନୀ ଶାସନକୁ ...

ପ୍ରଥମ ଦେଶ ଭାବରେ ତାଲିବାନୀ ସରକାରକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦେଇଛି । ଚୀନ, ପାକିସ୍ତାନ ଓ ଅନ୍ୟ କେତେକ ଦେଶର ରାଜଧାନୀରେ ତାଲିବାନୀ ସରକାରଙ୍କ ରାଷ୍ଟ୍ରଦୂତ ରହିଛନ୍ତି, କିନ୍ତୁ କୌଣସି ଦେଶ ଇସ୍‌ଲାମିକ ଏମିରେଟ୍‌ସ୍‌କୁ ସ୍ୱୀକୃତି ଦେଇନାହାନ୍ତି ।

### କ୍ଷତିପୂରଣ ଦେବା ନାଁରେ ଶୋଷଣ ...

ପ୍ରଚାର ହେଉଥିବା ଖବରରେ କୌଣସି ସତ୍ୟତା ନାହିଁ । ଜୁନ ୧୨ ରେ ଅହମଦାବାଦରୁ ଲଣ୍ଡନକୁ ଉଡାଣ ଭରିବାର କିଛି ମିନିଟ ଭିତରେ ଦୁର୍ଘଟଣାର ଶିକାର ହୋଇଥିଲା ଏୟାରଇଣ୍ଡିଆ ବିମାନ । ଦୁର୍ଘଟଣାରେ କେବଳ ଜଣିଏ ମାତ୍ର ଯାତ୍ରୀଙ୍କୁ ଛାଡିଦେଲେ ବାକି ସମସ୍ତ ଯାତ୍ରୀ,ପାଇଲଟ, କ୍ର୍ୟୁ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା । ପୂରା ଘଟଣା ଦେଶକୁ ଦୋହଲାଇ ଦେଇଥିଲା ।

ନୋଟିସ୍

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଇଦିଆଯାଇଛି କି ରବୀନ୍ଦ୍ର ସାହୁ ପି. ବାବୁ ସାହୁ, ଗ୍ରାମ- ଦୁର୍ଗାପୁର, ପୋ-ଦୁର୍ଗାପୁର, ଭାୟା- ଜୁକୁପୁର, ଥାନା- ବୈସିଙ୍ଗା, ଜିଲ୍ଲା- ମୟୂରଭଂଜ, ପିନ୍- ୭୫୭୦୫୨, ଓଡ଼ିଶା ନିଜସ୍ୱ ଭୂ-ସମ୍ପତ୍ତି ମୌଜା-ଦୁର୍ଗାପୁର, ତହସିଲ- ବେତନଟୀ ଖାତା ନମ୍ବର ୧୭୪/୧୫୫ ପ୍ଲଟ ନଂ- ୪୦୭/୯୧୮/୯୪୬କୁ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ୍ ବାଲେଶ୍ୱର ଶାଖାରୁ ବନ୍ଧକ ଦେଇ ଋଣ ଗ୍ରହଣ କରୁଛନ୍ତି, ଉକ୍ତ ବନ୍ଧକ ସମ୍ବନ୍ଧରେ କାହାରି କିଛି ଅଭିଯୋଗ ଥିଲେ ଏହି ବିଜ୍ଞପ୍ତି ପ୍ରକାଶ ତାରିଖଠାରୁ ୧୦ଦିନ ମଧ୍ୟରେ ଆମର ଓକିଲ ଶ୍ରୀ ଅରୁଣ କୁମାର ବେହେରାଙ୍କୁ ଯୋଗାଯୋଗ କରିପାରିବେ। ଯୋଗାଯୋଗ ନଂ- ୮୨୪୯୬୫୮୩୯୭। ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ରବୀନ୍ଦ୍ର ସାହୁ

ଶନିବାର, ଜୁଲାଇ ୦୫, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମା' ଭଦ୍ରକାଳୀ ମ୍ୟୁଜିକ୍ ଏଣ୍ଡ ଆର୍ଟ ସ୍କୁଲର ବାର୍ଷିକ ଉତ୍ସବ

ଭଦ୍ରକ, ୦୪/୭ (ନି.ପ୍ର): ସ୍ଥାନୀୟ ସଂସ୍କୃତି ଭବନ ଠାରେ ମା' ଭଦ୍ରକାଳୀ ମ୍ୟୁଜିକ୍ ଏଣ୍ଡ ଆର୍ଟ ସ୍କୁଲର ୧୭ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଓଡ଼ିଆ ଯାତ୍ରାର ଯୁଗସ୍ରଷ୍ଟା ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ଓଡ଼ିଆ ନାଟ୍ୟ ଜଗତ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅନୁଷ୍ଠାନର ଉପସଭାପତି ଆଇନଜୀବୀ କିଶୋର ବଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ମୁଖ୍ୟ ବକ୍ତା ଭାବରେ କୃଷି କବି ଇଂ ଅରୁଣ କୁମାର ପାତ୍ର, ସମ୍ମାନିତ ଅତିଥି ଭାବରେ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଂଗୀତ ବିଦ୍ୟାଳୟର ସମ୍ପାଦକ ଜଗନ୍ନାଥ କର, ସଂଗୀତଜ୍ଞ ଶେଖ୍ ନିଜାମ, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇ ନାଟ୍ୟାଚାର୍ଯ୍ୟଙ୍କ ନାଟ୍ୟ ରଚନା, ନିର୍ଦ୍ଦେଶନା ଓ ଅଭିନୟର ସ୍ୱାତନ୍ତ୍ର୍ୟତା ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ସମ୍ବୋଧିତ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । କବି ମନୋଜ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟାଚାର୍ଯ୍ୟଙ୍କ ଶିଷ୍ୟ ଯୋଗେନ୍ଦ୍ର ପରିଡ଼ା, ବୁଲୁ ବିଶ୍ୱାଳ, ଶିଳ୍ପପତି ଦୁଖ ନନା ଯୋଗ ଦେଇ କଳାକ୍ଷେତ୍ରରେ ନାଟ୍ୟାଚାର୍ଯ୍ୟଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ହେମନ୍ତ କୁମାର ପାଢ଼ୀ, ସଞ୍ଜିବ ଯେନା, ଗଙ୍ଗାଧର ନାୟକ, ପ୍ରଫୁଲ୍ଲ ସେଠୀ, ସନ୍ତୋଷ ସାହୁ, ଶରତ ପୃଷ୍ଟିଙ୍କୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା । କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସମ୍ପାଦକ ଚକ୍ରଧର ଯେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଦୀପକ ଯେନା, ସୂର୍ଯ୍ୟକାନ୍ତ ଯେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗେ କରିଥିଲେ । ଭାଗ୍ୟଶ୍ରୀ ଯେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ପାରାଦୀପ ବନ୍ଦରରେ କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟର ଭୂମି ପୂଜନ

ପାରାଦୀପ, ୦୪/୭ (ନି.ପ୍ର): ଆଜି ପାରାଦୀପ ବନ୍ଦର ପକ୍ଷରୁ ଏକ ଐତିହାସିକ ପ୍ରକଳ୍ପ କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟର ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବ କୁ ବନ୍ଦରର ଅଧ୍ୟକ୍ଷ ଶ୍ରୀ ପିଏଲ ହରନାଧ ଆନୁଷ୍ଠାନିକ ଭାବେ ଯୋଗଦେଇ ଭୂମି ପୂଜନ କାର୍ଯ୍ୟକ୍ରମ କରିଥିଲେ ।ଇଣ୍ଡିଆନ ପୋର୍ଟ ରେଲ ଏବଂ ରୋପୱେ କର୍ପୋରେସନ ଲିମିଟେଡ଼ ର ବରିଷ୍ଠ ଅଧିକାରୀ ମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। କଳିଙ୍ଗ ସାମୁଦ୍ରିକ ସଂଗ୍ରହାଳୟକୁ ନୂତନ ସ୍ଥାପତ୍ୟ ଓ ଜଳବାୟୁ ସ୍ଥିରତା ଢଙ୍ଗରେ ତିଆରି କରାଯିବାର ଲକ୍ଷ୍ୟ ଧାର୍ଯ୍ୟ



କରାଯାଇଛି ।ଯେଉଁଥିରେ ଏହାର ଆକାର ଏକ ବିଶାଳ ମାଛ ସଦୃଶ୍ୟ ରହିବ। ଓଡ଼ିଶାର ବିବିଧ ଜଳବାୟୁ ପରିସ୍ଥିତି କୁ ସହ୍ୟ କରି ୮ ଡିଗ୍ରୀ ତାପରୁ ୪୫ ଡିଗ୍ରୀ ତାପ ପର୍ଯ୍ୟନ୍ତ ସହ୍ୟ କରିବାକୁ ସଂଗ୍ରହାଳୟ ଟିକୁ ଦୃଢ ଓ ମଜବୁତ କରାଯିବ ।ଘଣ୍ଟାକୁ ୨୮୦ କିଲୋମିଟର ଘୁର୍ଣ୍ଣି ଝଡ ସହ୍ୟ କରିବାକୁ ଏହା ମଧ୍ୟ ସକ୍ଷମ ହେବ ।ପାରାଦୀପ ବନ୍ଦରରେ ଏହି ସଂଗ୍ରହାଳୟ ଏକ ପ୍ରମୁଖ ସାଂସ୍କୃତିକ ଏବଂ ଶିକ୍ଷାଗତ ସ୍ଥଳ ଭାବେ ପରିଗଣିତ ହେବ। ଏବଂ ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସର ନବ ଦିଗନ୍ତ ହୋଇ ପାରିବ।

# ଟ୍ରକ୍ ପଛ ପଟକୁ ଧକ୍କା ଦେଲା ବାଇକ : ଚାଳକ ଗୁରୁତର

ଧର୍ମଶାଳା, ୦୪/୭ (ନି.ପ୍ର): ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥ ବଡଚଣା ଥାନା ସମ୍ମୁଖରେ ଆଜି ଏକ ଟ୍ରକ୍ ପଛରେ ଧକ୍କା ଦେଲା ବାଇକ୍ । ଫଳରେ ବାଇକରେ ଥିବା ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ବଡଚଣା ପୋଲିସ ବାଇକ୍ ଚାଳକକୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଛି । ଆଜି ୧୬ ନଂ ଜାତୀୟ ରାପଥରେ ଚେନ୍ନାଇରୁ କୋଲକାତା ଯାଉଥିବା ଏକ ଝାଡୁ ବୋଝେଇ ଟ୍ରକ୍(ଟିଏନ୍୨୮ସିଜେଡ୍)୩୬୦୧ କରି ଯାଇଥିବା ବେଳେବଡଚଣା ଥାନା ସମ୍ମୁଖରେ ଟ୍ରକ୍ ପଛକୁ ଧକ୍କା ଦେଇଥିଲା ଏକ ବାଇକ୍ । ବାଇକରେ ଥିବା ଚାଳକ ଗୁରୁତର ହେବାରୁ ବଡଚଣା ପୋଲିସ ଘଟଣାସ୍ଥଳରେ ପଂହଚି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିବା ସହ ଦୁର୍ଘଟଣାଗସ୍ତ ଗାଡି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

# ଉତ୍କଳ ସାମ୍ବାଦିକ ସଂଘ ଜଳେଶ୍ୱର ଶାଖା ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

ଜଳେଶ୍ୱର, ୦୪/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଗ ନିର୍ଦ୍ଦେଶ କ୍ରମେ ଜଳେଶ୍ୱର ସଙ୍ଗ ପକ୍ଷରୁ ଜଳେଶ୍ୱର ବ୍ଲକ ପରିସରରେ ଜଳେଶ୍ୱର ସଙ୍ଘର ସଭାପତି ମନୋଜ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବୈଠକରେ ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଲୋକନାଥ ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଙ୍ଘର ବିଭିନ୍ନ କାର୍ଯ୍ୟକ୍ରମ ସଂମ୍ପର୍କରେ ତଥା ବିଭିନ୍ନ ପ୍ରଶ୍ନ ଉତ୍ତର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ତତ୍ ସହିତ ଚଳିତ ମାସ ୧୩ ତାରିଖ ରବିବାର ଦିବା ୧୦ ଘଟିକା ସମୟରେ ପଞ୍ଚଲିଙ୍ଗେଶ୍ୱର ସ୍ଥିତ ଗୁରୁଶକ୍ତି



ହୋଟେଲରେ ଉତ୍କଳ ସାମ୍ବାଦିକ ସଙ୍ଗ ବାଲେଶ୍ୱର ଜିଲ୍ଲା ଶାଖା ତରଫରୁ ହେବାକୁ ଥିବା ସଧାରଣ ପରିଷଦ ବୈଠକରେ ଯୋଗ ଦେବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ ।ଜାତୀୟ ପରିଷଦ ସଭ୍ୟ ସତ୍ୟବ୍ରତ ପ୍ରଧାନ,ରାଜ୍ୟ ପରିଷଦ ସଭ୍ୟ ନିରଞ୍ଜନ ପ୍ରସାଦ ବାରିକ,ସହ ସମ୍ପାଦକ ଜୀବନ କୁମାର ବାରିକ,ଅର୍ଜୁନ ସିଂହ,ମୁଖ୍ୟ ଉପଦେଷ୍ଟା ଅମର ଆଚାର୍ଯ୍ୟ, ସୁଧାଂଶୁ ଶେଖର ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ବିନୟ ପ୍ରଧାନ,ଗୋପବନ୍ଧୁ ସାହୁ,ଆଶିଷ କୁମାର ଗିରି,ଗୌର ଗୋପାଳ ସେଣ,ଜଗନ୍ନାଥ ଗୋଛାୟତ,ଦୁର୍ଗା ଶଙ୍କର ଗିରି,ରାଜେଶ କୁମାର ପ୍ରଧାନ,ସୁବ୍ରତ କୁମାର ଘୋଷ ପ୍ରମୁଖ ସଭ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗୁଣିଆ ସନ୍ଦେହରେ ମନ୍ଦିର ବନ୍ଦ



ଭଦ୍ରକ, ୦୪/୭ (ନି.ପ୍ର): ତିହିଡି ଜୁଣିଆପାଳ ଗ୍ରାମରେ ଥିବା ଶିବ ଦୁର୍ଗା ମନ୍ଦିର ରେ ଦୀର୍ଘ ୯ ଦିନ ହେଲା ମା ଙ୍କ ପୂଜା ରେ ବ୍ୟାଘାତ ନେଇ ଜନୈକ ପୂଜକ ଜଣକ ଆଜି ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନ୍ୟାୟ ପ୍ରାର୍ଥନା କରିଛନ୍ତି। ସୂଚନା ଅନୁସାରେ ଜୁଣିଆପାଳ ଗ୍ରାମ ର ପ୍ରତାପ ଜେନା ନିଜ ଘରେ ଏକ ମନ୍ଦିର କରି ଶିବ ଦୁର୍ଗା ଙ୍କୁ ପୂଜା କରୁଥିବା ବେଳେ ଗତ କିଛି ଦିନ ପୂର୍ବରୁ ଗ୍ରାମ ର କିଛି ଲୋକ ଗୁଣିଆ ସନ୍ଦେହରେ ମାରଧର କରି ତାଙ୍କ ଘର ଭାଙ୍ଗି ଦେବା ସହ ତାଙ୍କ ମନ୍ଦିରରେ ଚାବି ପକେଇ ଦେଇ ଥିଲେ। ଏ ବିଷୟରେ ପୋଲିସ ଖବର ପାଇ ସେମାନଙ୍କୁ ଥାନା କୁ ନେଇ ଘଟଣା ଟିର ଆପ୍ସ ସମାଧାନ କରାଯାଇ ଥିଲା ।ମାତ୍ର ଏହା ସତ୍ୱେ ମଧ୍ୟ ଗ୍ରାମ ରେ କିଛି ଲୋକ ଆକ୍ରୋଶ ରଖି ମନ୍ଦିରରେ ଚାବି ପକେଇ ରଖି ଛନ୍ତି ଫଳରେ ସେ ନିରୁପାୟ ହୋଇ ଆଜି ସାମ୍ବାଦିକ ସମ୍ମିଳନୀ ଡ଼କାଇ ନ୍ୟାୟ ପ୍ରାର୍ଥନା କରିଛନ୍ତି।

# ୭୬ ତମ ବନ ମହୋତ୍ସବ ସପ୍ତାହ ପାଳନ

ବାସୁଦେବପୁର, ୦୪/୭ (ନି.ପ୍ର): ଆଜି ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାସୁଦେବପୁର ବନ ବିଭାଗ ପକ୍ଷରୁ ୭୬ ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଦିବସରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ବୃକ୍ଷ ରୋପଣ କରି ପରିବେଶର ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା, ଫରେଷ୍ଟ ରେଞ୍ଜର ଅତୁଲ୍ୟ ମହାନ୍ତି,ନରସିଂହପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ରମାକାନ୍ତ ଷଣ୍ଢ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବୃକ୍ଷ




ରୋପଣ କରିଥିଲେ। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହେବା ଦ୍ୱାରା ପରିବେଶ ସୁନ୍ଦର ଭାବେ ରକ୍ଷା ହୋଇ ପାରୁଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମିନତୀ ପଣ୍ଡା, ଆରତୀ ଲତା ଧର,ଆରତୀ ନାୟକ, ସସ୍ମିତା ବାରିକ, ଦୟାନିଧି ପଲାଇ, ଶିକ୍ଷା କର୍ମଚାରୀ ଶ୍ରୀଧର ବାରିକ ଓ ନରସିଂହପୁର ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ସମସ୍ତ ଛାତ୍ର ଛାତ୍ରୀ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଜମି ପଟ୍ଟା ଦେଖାଇନପାରିବାରୁ ନେଲେନାହିଁ ଆଡ଼ମିସନ: ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ସସ୍ମିତା ଓ କାଳିଶଙ୍କର

ଉଦଳା , ୦୪/୭ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ରାଢ଼ୋ ପଂଚାୟତ ଅନ୍ତର୍ଗତ ମଉଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ପ୍ରସନ୍ନ ରାଉତଙ୍କ ୧୪ ବର୍ଷ ବୟସର ପୁତ୍ର 'କାଳିଶଙ୍କର' ଓ ୧୬ ବର୍ଷ ବୟସର କନ୍ୟା 'ସସ୍ମିତା' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ 'ସସ୍ମିତା' ଓ 'କାଳିଶଙ୍କର' ଗ୍ରାମରେ ଥିବା ବିଦ୍ୟାଳୟରେ ଅଷ୍ଟମ ଶ୍ରେଣି ପର୍ଯ୍ୟନ୍ତ ପଢ଼ିଛନ୍ତି । ପରେ ନବମ ଶ୍ରେଣିରେ ନାମ ଲେଖାଇବାକୁ ସେ ନିକଟରେ ଥିବା ରାଢ଼ୋ ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ । କିନ୍ତୁ ଏଠାରେ କାର୍ଯ୍ୟରତ ଶିକ୍ଷକ ନାମ ଲେଖାଇବା ପାଇଁ ତାଙ୍କୁ ଜମି ପଟ୍ଟା ମାଗିଥିବାର କଥା ପ୍ରସନ୍ନ ଜଣାଇଛନ୍ତି



। ପ୍ରସନ୍ନ ଭୂମିହୀନ ହୋଇଥିବାରୁ ସେ ଜମି ପଟ୍ଟା ଦେଖାଇପାରିଲେ ନାହିଁ । ବିଦ୍ୟାଳୟର କର୍ତ୍ତୃପକ୍ଷ ମଧ ଏହି ପିଲାମାନଙ୍କର ନାମ ନ ଲେଖାଇ ଫେରାଇ ଦେଇଥିବାର କଥା ପ୍ରସନ୍ନ ଅଭିଯୋଗ କରିଛନ୍ତି । ଏହି କାରଣରୁ 'ସସ୍ମିତା' ଓ 'କାଳିଶଙ୍କର' ପାଠପଢ଼ାରେ ଡ଼ୋରି ବାନ୍ଧିଦେବାକୁ ବାଧ ହୋଇଥିବାର ଜଣାଯାଇଛି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ପ୍ରସନ୍ନ ପିଲାଙ୍କୁ ପାଠପଢ଼ାଇନପାରି ଖୁବ୍ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହୋଇଛି ।




# ସନାତନୀ କେଶରିଆ ହିନ୍ଦୁ ବାହିନୀ ଓଡ଼ିଶାର ଟ୍ରଷ୍ଟ ବଡ଼ି ମିଟିଂ ଅନୁଷ୍ଠିତ

ବାରିପଦା, ୦୪/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ସନାତନୀ କେଶରିଆ ହିନ୍ଦୁ ବାହିନୀ ଓଡ଼ିଶାର ପ୍ରତିଷ୍ଠାତା ଙ୍କ କାର୍ଯ୍ୟାଳୟରେ ପୂର୍ବନିର୍ଦ୍ଧାରିତ ତାରିଖ ଓ ସମୟ ଅନୁସାରେ ଏକ ଟ୍ରଷ୍ଟ ବଡ଼ି ମିଟିଂ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପ୍ରତିଷ୍ଠାତା, ଚେୟାରମେନ ଶ୍ରୀ ଦିଲ୍ଲିପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଭାରତମାତା ର ସୁରକ୍ଷା, ଗୋମାତାର ସୁରକ୍ଷା,ହିନ୍ଦୁଧର୍ମର ସୁରକ୍ଷା,ନାରୀ ସୁରକ୍ଷା,ମଠ ମନ୍ଦିର ଆଦିର ସୁରକ୍ଷା କରିବା ଆମ ସନିତନୀ ହିନ୍ଦୁ ବାହିନୀର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍ ବୋଲି କହିବା ସହିତ ଆହୁରି ମଧ୍ୟ କହିଛନ୍ତି ଯେ ଆମର ଲଢେଇ ଧର୍ମ ପାଇଁ ଲଢେଇ,କାହାର ଧର୍ମ ଛୋଟ ସେକଥା ଆମେ କହୁନୁ କିନ୍ତୁ ଆମ ଧର୍ମ ଶ୍ରେଷ୍ଠ ଏକଥା ଆମେ ଭୁଲିଯିବା ଉଚିତ ନୁହେଁ। ବିଧର୍ମୀ ମାନେ ଗୋ ଚାଲାଣ କରିବା ଗୋମାଂସ ବିକ୍ରିକର ଇ ହିନ୍ଦୁ ମାନଙ୍କର ଧର୍ମ ନଷ୍ଟ କରିବାର ଯୋଉଁ ଷଡ଼ଯନ୍ତ୍ର ଚଳାଇଛନ୍ତି ତାକୁ ଆମ ସଂଗଠନ ତୀବ୍ର ବିରୋଧ କରୁଛି,କରିବ। ସଂଗଠନ କୁ ସୁଦୃଢ଼ କରି ତୃଣମୂଳ ସ୍ତରରେ ଆମ ସଂଗଠନର ଅଭିପ୍ରାୟ କୁ ପ୍ରତି ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସମସ୍ତେ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ପ୍ରତିଷ୍ଠାତା କହିଛନ୍ତି ।ଏହି ବୈଠକରେ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ବାବଦରେ ପୁଂଖାନୁପୁଂଖ ଆଲୋଚନା କରାଯାଇଛି। ଶେଷରେ ସଂଗଠନର ସକ୍ରିୟ ସଦସ୍ୟ ସୁଜୟ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାକାର୍ଯ୍ୟ ସାଙ୍ଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଶ୍ରୀମତୀ ପ୍ରତିମା ବାରିକ, ଶାନ୍ତନୁ ଦାସ, ପ୍ରବୀର କୁମାର ବାରିକ,ହ୍ରିତିକ୍ ନାଥ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଇଣ୍ଡିଆନ୍ ଅଏଲ୍ ପାରଦୀପ ରିଫାଇନରୀରେ ଲେବୁଲ-୨ ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍

ପାରାଦୀପ, ୦୪/୭ (ନି.ପ୍ର): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀ ୪ ଜୁଲାଇ ୨୦୨୫ ରେ ଏକ ଲେବୁଲ-୨ ମକ୍ ଡ୍ରିଲ୍ (ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍) ଆୟୋଜନ କରିଥିଲା ଯେଉଁଥିରେ ରିଫାଇନରୀ ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିଥିଲା । ପାରାଦୀପ ରିଫାଇନରୀର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜରମେଣ୍ଟ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ



କରାଯାଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ପାରାଦୀପ ରିଫାଇନରୀର ଝଇଜଟ ୟୁନିଟରେ ଗାସ୍କେଟ ଫାଟିଯିବା ଯୋଗୁଁ ଯଦି ଐ୨ଝ ଲିକେଜ୍ ହୁଏ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ୍ ଟି ଆଧାରିତ ଥିଲା। ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ । ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida